


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-162 ◆MONDAY ◆8 DECEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୬୨ ◆ସୋମବାର ◆୮ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ଆସନ୍ତାକାଲି ବାରବାଟୀ ଟି-୨୦

## ପହଞ୍ଚିଲେ ଖେଳାଳି; ଆଜି ଅଭ୍ୟାସ




**ଭୁବନେଶ୍ୱରରେ ଭାରତ-ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ଭବ୍ୟ ସ୍ୱାଗତ**

■ **କଟକ, ୭।୧୨ (ସମିସ):** ଡିସେମ୍ବର ୯ରୁ ଆରମ୍ଭ ହେବାକୁ ଯାଉଛି ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍। ଐତିହାସିକ ବାରବାଟୀ ଷ୍ଟାଡିୟମରେ ପ୍ରଥମ ମୁକାବିଲା ହେବ। ଏହି ସିରିଜ ଓପନିଂ ମ୍ୟାଚ୍ ଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ରବିବାର ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଶାଖାପାଟଣାରେ ତୃତୀୟ ଦିନିକିଆ ଖେଳି ସାରିବା ପରେ ରବିବାର ଏକ ସ୍ୱତନ୍ତ୍ର ବିମାନଯୋଗେ ଦୁଇ ଦଳର ଖେଳାଳି ଆଜି ଅପରାହ୍ଣ ୩ଟାରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ଖେଳାଳିଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ହୋଟେଲକୁ ଅଣାଯାଇଥିଲା। ସେଠାରେ ଖେଳାଳିମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

ଯଶପ୍ରୀତ୍ ବୁମ୍‌ରା, ସଞ୍ଜୁ ସାମସନ, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରମୁଖ ଭିନ୍ନ ଭିନ୍ନ ସମୟରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ରବିବାର ବିଶ୍ରାମ ପରେ ସୋମବାର ଦୁଇ ଦଳର ଖେଳାଳି ବାରବାଟୀରେ ଅଭ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି।

ପ୍ରଥମ ଟି-୨୦ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ସୋମବାର ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଖେଳାଳି ବାରବାଟୀକୁ ଅଭ୍ୟାସ ନିମନ୍ତେ ଆସିବେ। ପୂର୍ବାହ୍ଣରେ ଭାରତ ଏବଂ ସନ୍ଧ୍ୟାରେ ଦକ୍ଷିଣଆଫ୍ରିକା ଦଳ ମ୍ୟାଚ୍ ପୂର୍ବରୁ ଶକ୍ତିପ୍ରଦର୍ଶନ କରିବେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ଭାରତ ଦଳ ଦିନ ୧.୩୦ରେ ▸ପୃଷ୍ଠା-୭

# ନାଇଟ୍ କ୍ଲବରେ ନିଆଁ: ୨୫ ଜୀବନ୍ତ ଦଗ୍ଧ

## ବାଣ ଫୁଟାଇବାରୁ ଅଗ୍ନିକାଣ୍ଡ: ମୁଖ୍ୟମନ୍ତ୍ରୀ



**କ୍ଲବ୍ ମ୍ୟାନେଜରଙ୍କ ସମେତ ୪ ଗିରଫ**

**ସଂକୀର୍ଣ୍ଣ ରାସ୍ତା; ବାହାରି ପାରିଲେନି ଲୋକେ**


**ଦୁର୍ଘଟଣା ନୁହେଁ; ହତ୍ୟାକାଣ୍ଡ ବୋଲି କହିଲେ ରାହୁଲ୍**

■ **ପାନାଜୀ, ୭।୧୨ (ଏଜେନ୍ସି):** ଗୋଆର ଏକ ନାଇଟ କ୍ଲବରେ ଗତ ବିଳମ୍ବିତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୫ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅନ୍ୟ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଜଣ ପର୍ଯ୍ୟଟକ, ୧୪ କର୍ମଚାରୀ ଅଛନ୍ତି। ଅନ୍ୟ ମୃତଦେହର ଚିହ୍ନଟ ହୋଇପାରି ନାହିଁ। ଏହି ଘଟଣାରେ କ୍ଲବ୍ ମ୍ୟାନେଜରଙ୍କ ସମେତ ୪ ଜଣଙ୍କୁ ଗୋଆ ପୁଲିସ ଗିରଫ କରିଛି। ମାଲିକଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ରାଜଧାନୀ ପାନାଜୀ ଠାରୁ ୨୫ କିଲୋମିଟର ଦୂର ଅରପୋରା ଅଞ୍ଚଳର ବିଚି ସ୍ଥିତ ପ୍ରସିଦ୍ଧ ନାଇଟ କ୍ଲବ୍ 'ବିର୍ଚ ବାଏ ରୋମିଓ ଲେନ'ରେ ଶନିବାର ବିଳମ୍ବିତ ରାତିରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି। ପ୍ରତ୍ୟକ୍ଷ ଦର୍ଶୀଙ୍କ ଅନୁଯାୟୀ, ନାଇଟ କ୍ଲବ୍‌ରେ 'ମେହବୁବା ମେହବୁବା' ଗୀତର ତାଳେ ତାଳେ ନାଚ ଜମି ଥିବା ବେଳେ ନିଆଁ ଲାଗି ▸ପୃଷ୍ଠା-୭

## ସାରା ରାଜ୍ୟରେ ପ୍ରବଳ ଶୀତ

### ୧୦ ଡିଗ୍ରୀ ତଳେ ୧୦ ସହର



ଶିମିଳିପାଳ ଅଭୟାରଣ୍ୟରେ ତୁହିନ ଆସ୍ତରଣ

■ **ଭୁବନେଶ୍ୱର, ୭।୧୨ (ସମିସ):** ସାରା ରାଜ୍ୟରେ ପ୍ରବଳ ଥଣ୍ଡା। ପାରଦ ତଳମୁହାଁ ହେତୁ ପ୍ରବଳ ଶୀତରେ ଥରୁଛି ସାରା ଓଡ଼ିଶା। ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠୁ ଶୀତର ପ୍ରଭାବ ଜାରି ରହିଛି। ସନ୍ଧ୍ୟା ୭ରୁ ତାପମାତ୍ରା ହ୍ରାସ ଆରମ୍ଭ ହୋଇ ରାତି ୧୦ ବେଳକୁ କାଲୁଆ ଶୀତ ପଡ଼ିଯାଉଛି। ଏମିତି କି ଖରା ନ ଆସିବା ଅର୍ଥାତ ସକାଳ ପ୍ରାୟ ୯ ଟା ପର୍ଯ୍ୟନ୍ତ ଶୀତ ଜାରି ରହୁଥିବାରୁ ସାରା ରାଜ୍ୟରେ ଜନଜୀନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ▸ପୃଷ୍ଠା-୭

## ରାସନ କାର୍ଡ ଅପେକ୍ଷାରେ ୪.୭୨ ଲକ୍ଷ

### ଆବେଦକଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୫୭ ହଜାର

**▌ବିଭିନ୍ନ ଆଳ ଦେଖାଇ କଟାଯାଉଛି ହିତାଧିକାରୀଙ୍କ କାର୍ଡ**

**▌ଯାଞ୍ଚରେ ଏଯାଏ କଟିଲାଣି ୩୩ ହଜାର ୧୨୮ କାର୍ଡ**

■ **ଭୁବନେଶ୍ୱର, ୭।୧୨ (ସମିସ):** ରାଜ୍ୟରେ ରାସନ୍ କାର୍ଡକୁ ଚାହିଁ ରହିଛନ୍ତି ୪ ଲକ୍ଷ ୭୨ ହଜାରରୁ ଊର୍ଦ୍ଧ୍ୱ ପରିବାର। ସରକାର କେବେ ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବେ ଓ ଏମାନେ ରାସନ ସାମଗ୍ରୀ ପାଇବେ ତାହା ଚାହିଁଚାହିଁ ଆଖିରୁ ପାଣି ମଲାଣି। ରାଜ୍ୟ ସରକାର ବାରମ୍ବାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାସନକାର୍ଡ ପ୍ରଦାନ ପାଇଁ ଘୋଷଣା କରୁଥିଲେ ମଧ୍ୟ ୪ ଲକ୍ଷ ୭୨ ହଜାର ୪୭୮ ଟି ଆବେଦନକୁ ଏଯାଏ ବିଚାରକୁ ନିଆଯାଇ ନାହିଁ।

ଗୋଟିଏ ପଟେ କେନ୍ଦ୍ର ସରକାର ଏନ୍‌ଏଫ୍‌ଏସ୍‌ଏ ଯୋଜନାରେ ରାସନ୍ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଭିନ୍ନ ରାଜ୍ୟକୁ ସଂଦିଗ୍ଧ ହିତାଧିକାରୀ ତାଲିକା ପଠାଇଛନ୍ତି। ଏହି ତାଲିକାରେ ନିର୍ଦ୍ଦିଷ୍ଟ ମାନଦଣ୍ଡ ଆଧାରରେ କାର୍ଡ କାଟିବାକୁ କୁହାଯାଇଛି। ଏହି କ୍ରମରେ ଓଡ଼ିଶାରେ ମଧ୍ୟ ଜୋରଦାର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହା ସତ୍ତ୍ୱେ ପୁଣି ଥରେ ରାସନ୍‌କାର୍ଡ ହିତାଧିକାରୀ ଓ ଆବେଦକଙ୍କ ସଂଖ୍ୟାକୁ ନେଇ ସରକାରଙ୍କ ତଥ୍ୟ ଉପରେ ଉଠିଛିପ୍ରଶ୍ନ। ବର୍ତ୍ତମାନ ରାଜ୍ୟରେ ମୋଟ୍ ୯୮ ▸ପୃଷ୍ଠା-୭







ସକାଳ
www.sakalaepaper.com

# ୟୁକ୍ରେନ ଉପରେ ରୁଷ୍‌ର ୭୦୦ ଏୟାର୍ ଷ୍ଟ୍ରାଇକ୍

କିଭ୍/ମସ୍କୋ,୭ ।୧୨(ଏଜେନ୍ସି):'ଆର୍ମଡ ଫୋର୍ସ ଡେ' ପୂର୍ବରୁ ୟୁକ୍ରେନରେ ରୁଷ୍ ବଡ଼ ଧରଣର ଆକ୍ରମଣ କରିଛି। ଶନିବାର ୟୁକ୍ରେନ ଉପରେ ରୁଷ ୭୦୦ ବିମାନ ଆକ୍ରମଣ କରିଛି। ରୁଷିଆ

**ଭୁଲ୍‌ରେ ନିଜ ସହର ଉପରେ ୧୦୦୦ କେଜିର ବୋମା ପକାଇଲା**

୨୯ଟି ସ୍ଥାନକୁ ଲକ୍ଷ୍ୟ କରି ୬୫୩ ଡ୍ରୋନ୍ ଓ ୫୧ଟି କ୍ଷେପଣାସ୍ତ୍ର ମାଡ଼ କରିଛି ବୋଲି ୟୁକ୍ରେନ ବାୟୁସେନା କହିଛି। ଏଗୁଡିକ ମଧ୍ୟରୁ ୫୮୫ ଡ୍ରୋନ ଓ ୩୦ଟି କ୍ଷେପଣାସ୍ତ୍ରକୁ ମାରି ଖସାଯାଇଛି। ଏଥିରେ ୮ ଜଣ ଲୋକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଏକାଧିକ ବିଦ୍ୟୁତ୍ କେନ୍ଦ୍ର ଓ ରେଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ଭିତ୍ତିଭୂମିରେ ଜାପୋରିଝିଆ ପରମାଣୁ କେନ୍ଦ୍ର ସାମିଲ ଅଛି। ଆକ୍ରମଣ ପରେ କିଛି ସମୟ ପାଇଁ ବିଦ୍ୟୁତ୍ ଚାଲିଯାଇଥିଲା। କିନ୍ତୁ ରିଆକ୍ଟରଗୁଡିକ ବନ୍ଦ ହେବା କାରଣରୁ କୌଣସି ବଡ଼ ବିପଦ ସୃଷ୍ଟି ହୋଇ ନ ଥିଲା। ୟୁକ୍ରେନ ମଧ୍ୟ ଆକ୍ରମଣ କରିଛି ବୋଲି ରୁଷିଆ ପାଲଟା ଅଭିଯୋଗ କରିଛି। ଗଣମାଧ୍ୟମଗୁଡିକର ସୂଚନା ଅନୁଯାୟୀ, ୟୁକ୍ରେନ ଉପରେ ଆକ୍ରମଣ କରିବା ବେଳେ ରୁଷିଆ ଏକ ବଡ଼ ତ୍ରୁଟି କରିଥିଲା। ୟୁକ୍ରେନ ସୀମାଠାରୁ ୪୦ କିମି ଦୂରରେ ଥିବା ନିଜ ସହର ବେଲଗୋରୋଡ୍ ଉପରେ ରୁଷ୍ ଭୁଲ୍‌ରେ ଏଫ୍‌ଏବି-୧୦୦୦ ନାମକ ଏକ ଉଚ୍ଚ ବିସ୍ଫୋରକ କ୍ଷମତା ସମ୍ପର୍ଣ୍ଣ ବୋମା ପକାଇଥିଲା। ଏହି ବୋମାର ମୋଟ ଓଜନ ୧୦୦୦ କେଜି ଥିଲା। ବୋମା ସମ୍ପୂର୍ଣ୍ଣ ଭାବେ ଫୁଟି ନ ଥିଲେ ମଧ୍ୟ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା। କିନ୍ତୁ ସରକାରୀ ଭାବେ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ସେପଟେ ଏହି ଆକ୍ରମଣ ପରେ ଯୁଦ୍ଧ ରୋକିବା ପାଇଁ ୟୁକ୍ରେନ ଓ ଆମେରିକା ମଧ୍ୟ ହୋଇଥିବା କଥାବାର୍ତ୍ତା ବିନା ଫଳାଫଳରେ ଶେଷ ହୋଇଯାଇଛି। ୟୁକ୍ରେନ ରୁଷ ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛି ବୋଲି ରୁଷ ଅଭିଯୋଗ କରିଛି।

# ସ୍ୱାଭାବିକ ହେଉଛି ଇଣ୍ଡିଗୋ ସେବା

## ୧୩୮ ରୁ ୧୩୭ ମାର୍ଗରେ ଉଡ଼ିଲା ୧୬୫୦ ବିମାନ

ନୂଆଦିଲ୍ଲୀ, ୭।୧୨ (ଏଜେନ୍ସି):

ନିୟମ କୋହଳ ସତ୍ତ୍ୱେ ଭାରତର ବୃହତ ଏୟାର ଲାଇନ୍ ଇଣ୍ଡିଗୋର ସମସ୍ୟା ସମାଧାନ ହେବାର ନା ଧରୁନି। ରବିବାର ମଧ୍ୟ ଅଚଳାବସ୍ଥା ଜାରି ରହିଛି। ଷଷ୍ଠ ଦିନରେ ୬୫୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଦିଲ୍ଲୀ, ଚେନ୍ନାଇ, ଜୟପୁର, ହାଇଦରାବାଦ, ଭୋପାଳ, ମୁମ୍ବଇ, ତ୍ରିଚି, କୋଲକାତା ଆଦି ବିମାନବନ୍ଦରରେ ଉଡ଼ାଣ ପ୍ରଭାବିତ ହୋଇଛି। ଅନେକ ବିମାନ ମଧ୍ୟ ବିଳମ୍ବରେ ଚାଲୁଛି। ଇଣ୍ଡିଗୋର ଏହି ପରିଚାଳନା ଜନିତ ସମସ୍ୟା ପାଇଁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଏହା ପୂର୍ବରୁ ଶନିବାର ଇଣ୍ଡିଗୋର ୮୦୦ ବିମାନ, ଶୁକ୍ରବାର ୧୬୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଥିଲା।

ଇଣ୍ଡିଗୋ ସଙ୍କଟ ମଧ୍ୟରେ ରବିବାର ସନ୍ଧ୍ୟା ସୁଦ୍ଧା ଏୟାରଲାଇନ ଯାତ୍ରୀଙ୍କୁ ୬୧୦ କୋଟି ଟଙ୍କା ଫେରାଇଛି। ଏହା ସହିତ ସାରା ଦେଶରେ ଯାତ୍ରୀଙ୍କ ୩ ହଜାରରୁ ଅଧିକ ବ୍ୟାଗେଜ ଫେରାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅର୍ଥ ଫେରସ୍ତ କିମ୍ବା ପୁନଃ-ବୁକିଂରେ କୌଣସି ଅତିରିକ୍ତ ଦେୟ ନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀଙ୍କ ସହାୟତା ପାଇଁ ସ୍ୱତନ୍ତ୍ର ଡେସ୍କ ପ୍ରତିଷ୍ଠା କରାଯାଇଛି। ଅନ୍ୟପଟେ ଇଣ୍ଡିଗୋର ପରିଚାଳନାରେ ସାମାନ୍ୟ ବୃଦ୍ଧି ଦେଖା ଦେଇଛି। ସମ୍ପୂର୍ଣ୍ଣ କ୍ଷମତାର ସହ ଘରୋଇ ଉଡ଼ାଣ ଚାଲିଥିବା କୁହାଯାଉଛି। ଇଣ୍ଡିଗୋ ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ଆଜି ୧୩୮ ରୁ ୧୩୭ ମାର୍ଗରେ ୧୬୫୦ ବିମାନ ପରିଚାଳନା କରାଯାଉଛି। ଅନ୍ ଟାଇମ ପରଫରମାନ୍ସ (ଓଟିପି) ୭୫ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଉଛି। ଶନିବାର ଏହା ୧୫୦୦ ଥିଲା। ସାଧାରଣତଃ ଏୟାରଲାଇନ ଦିନକୁ ୨୩୦୦ ଉଡ଼ାଣ ପରିଚାଳନା କରିଥାଏ। ଏହି ସେବା ଧିରେ ଧିରେ ସ୍ୱାଭାବିକ ହେଉଛି। ଆଗାମୀ ତିନି ଦିନ ମଧ୍ୟରେ ସ୍ଥିତିରେ ସ୍ଥିରତା ଆସିବ ବୋଲି ସେ କହିଛନ୍ତି।



**୬୧୦ କୋଟି ଟଙ୍କା ଫେରାଇଲାଣି କମ୍ପାନୀ**

**୩ ହଜାର ବ୍ୟାଗେଜ ବି ଫେରାଗଲାଣି**

**ତଥାପି ୬୫୦ରୁ ଅଧିକ ବିମାନ ବାତିଲ**

**୯୫% ସ୍ୱାଭାବିକ ହେଲାଣି: ଇଣ୍ଡିଗୋ**

ଇଣ୍ଡିଗୋର ଏହି ମହା ବିଭ୍ରାଟ ପାଇଁ ହଜାର ହଜାର ଯାତ୍ରୀ ଫସି ରହିଛନ୍ତି। ଏହି ମାମଲାରେ ସଂସଦୀୟ କମିଟି ଏୟାରଲାଇନ୍ସର ପ୍ରମୁଖ ଅଧିକାରୀ ଏବଂ ସିଭିଲ ଆଭିଏସନ ରେଗୁଲେଟରଙ୍କୁ ଜବାବ ମାଗିପାରେ। ଜେଡିୟୁ ନେତା ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ପରିବହନ, ପର୍ଯ୍ୟଟନ ଏବଂ ସଂସ୍କୃତି ସମ୍ବନ୍ଧିତ ଏହି ସ୍ଥାୟୀ କମିଟି ଡିଜିସିଏ, ଇଣ୍ଡିଗୋ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଅଧିକାରୀଙ୍କୁ ବିମାନ ସେବା ଅଟକିବାର କାରଣ ଏବଂ ସମ୍ଭାବ୍ୟ ସମାଧାନ ବିଷୟରେ ଜବାବ ମାଗିପାରେ। ଏହା ମଧ୍ୟରେ ନୂଆ ନିୟମ କାର୍ଯ୍ୟକାରୀ କରିବାକୁ ଇଣ୍ଡିଗୋ ଗମ୍ଭୀରତାର ସହ ନ ନେବାରୁ ଏହି ସ୍ଥିତି ସୃଷ୍ଟି ହେଲା ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଛନ୍ତି। ଏହାର ମୁକାବିଲା ପାଇଁ ମନ୍ତ୍ରାଳୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଥିଲା।

# ଚଳଚ୍ଚିତ୍ର ନିର୍ମାଣ ନାମରେ ୩୦ କୋଟି ଠକେଇ

ମୁମ୍ବଇ, ୭।୧୨ (ଏଜେନ୍ସି):

ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କୁ ମୁମ୍ବଇ ଏବଂ ରାଜସ୍ଥାନ ପୁଲିସ ରବିବାର ଗିରଫ କରିଛି। ଆତ୍ମକାହାଣୀ ଉପରେ ଚଳଚ୍ଚିତ୍ର ନିର୍ମାଣ କରିବାକୁ କହି ଜଣେ ବ୍ୟବସାୟୀଙ୍କୁ ୩୦ କୋଟି ଟଙ୍କା ଠକିଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୁମ୍ବଇର ୟାରି ରୋଡ ଅଞ୍ଚଳ ସ୍ଥିତ ଗଙ୍ଗା ଭବନ ଆପାର୍ଟମେଣ୍ଟରେ ଥିବା ଶାଳୀଙ୍କ ଘରୁ ବିକ୍ରମଙ୍କୁ ଧରାଯାଇଛି। ଏବେ ରାଜସ୍ଥାନ ପୁଲିସ ତାଙ୍କୁ ନିଜ ସହ ଉଦୟପୁର ନେବା ପାଇଁ ବାନ୍ଦ୍ରା କୋର୍ଟରେ ଟ୍ରାଞ୍ଜିଟ ରିମାଣ୍ଡ ନିମନ୍ତେ ଆବେଦନ କରିବ। ବିକ୍ରମଙ୍କ ପତ୍ନୀ ଶ୍ୱେତାମ୍ବରୀଙ୍କ ସହିତ ଅନ୍ୟମାନଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ରାଜସ୍ଥାନର 'ଇନ୍ଦିରା ଗ୍ରୁପ ଅଫ କମ୍ପାନୀଜ୍'ର ମାଲିକ ଡ. ଅଜୟ ମୁର୍ଡିୟା ନଭେମ୍ବର ୧୭ ତାରିଖରେ ବିକ୍ରମ ଭଟ୍ଟଙ୍କ ସମେତ ୮ ଜଣଙ୍କ ବିରୋଧରେ ୩୦ କୋଟି ଟଙ୍କାର ଠକେଇ ନେଇ ଏତଲା ରୁଜୁ କରାଇ ଥିଲେ। ବ୍ୟବସାୟୀ ଅଭିଯୋଗ କରିଥିଲେ ଯେ ଏକ କାର୍ଯ୍ୟକ୍ରମରେ ସେ ଦିନେଶ କଟାରିଆଙ୍କୁ ଭେଟିଥିଲେ। ଦିନେଶ ତାଙ୍କୁ ପତ୍ନୀଙ୍କ ଆତ୍ମଜୀବନୀ ଉପରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ।



**ଶାଳୀଙ୍କ ଘରୁ ନିର୍ମାତା ବିକ୍ରମ ଭଟ୍ଟ ଗିରଫ**

ଚଳଚ୍ଚିତ୍ର ନେଇ କଥା ହେବାକୁ ୨୦୨୪ ଏପ୍ରିଲ ୨୪ରେ ମୁମ୍ବଇ ସ୍ଥିତ ବୃନ୍ଦାବନ ଷ୍ଟୁଡିଓକୁ ଆସିବା ପାଇଁ ଦିନେଶ ଡାକି ଥିଲେ। ଏଠାରେ ବିକ୍ରମଙ୍କ ସହ ଅଜୟଙ୍କୁ ଭେଟ କରାଯାଇଥିଲା। ଚଳଚ୍ଚିତ୍ର ନିର୍ମାଣର ସମସ୍ତ ଦାୟିତ୍ୱ ବିକ୍ରମଙ୍କୁ ଦିଆଯାଇଥିଲା। ଅଜୟଙ୍କୁ କେବଳ ସଠିକ ସମୟରେ ଟଙ୍କା ପଠାଇବାକୁ କୁହାଯାଇଥିଲା। ବିକ୍ରମ କହିଥିଲେ ଯେ ତାଙ୍କ ପତ୍ନୀ ଶ୍ୱେତାମ୍ବରୀ ଏବଂ ଝିଅ କୃଷ୍ଣା ମଧ୍ୟ ଚଳଚ୍ଚିତ୍ର ନିର୍ମାଣ ସହ ଜଡ଼ିତ ଅଛନ୍ତି। ପରେ ଦୁଇଟି ଫିଲ୍ମ ନିର୍ମାଣ ପାଇଁ ଶ୍ୱେତାମ୍ବରୀଙ୍କ କମ୍ପାନୀ ଭିଏସବି ଏଲଏଲପିକୁ ସହଯୋଗୀ କରାଯାଇଥିଲା। ଏହି କମ୍ପାନୀଙ୍କୁ ଅଜୟ ଟଙ୍କା ଦେଇଥିଲେ। ମାତ୍ର ପରେ ଜଣା ପଡ଼ିଥିଲା ଯେ ଇନ୍ଦିରା ଏଣ୍ଟରଟେନମେଣ୍ଟ ଖାତାକୁ ଯେଉଁ ଟଙ୍କା ଦିଆଯାଇଥିଲା ତାହା ଜାଲ୍ ଥିଲା। ଯାହାର ନାମରେ ପେମେଣ୍ଟ ହୋଇଥିଲା ସେ ଅଟୋ ଚାଳକ ବୋଲି ଜଣା ପଡ଼ିଥିଲା। ପେମେଣ୍ଟ ପରେ ଏହାର ସିଂହଭାଗକୁ ବିକ୍ରମଙ୍କ ପତ୍ନୀଙ୍କ ଖାତାକୁ ଟ୍ରାନ୍ସଫର କରାଯାଇଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ବ୍ୟବସାୟୀ ଏତଲା ରୁଜୁ କରିଥିଲେ। ଗତ ସପ୍ତାହରେ ଏ ନେଇ ବିକ୍ରମ, ତାଙ୍କ ପତ୍ନୀ ଏବଂ ଅନ୍ୟମାନଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା। ଏମାନଙ୍କୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା।

# ଦିଲ୍ଲୀରେ ବଳିଦାନ ଦିବସ ପାଳିତ

ଭୁବନେଶ୍ୱର, ୭।୧୨ (ସମିସ): ନୂଆଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିର ପରିସରରେ ସହିଦ ଜୟୀ ରାଜଗୁରୁ ଫାଉଣ୍ଡେସନ ପକ୍ଷରୁ ଏହି ମହାନ ବିପ୍ଳବୀଙ୍କ ବଳିଦାନ ଦିବସ ଆୟୋଜିତ ହୋଇଯାଇଛି। ମାତୃଭୂମିର ସୁରକ୍ଷା ଏବଂ ସ୍ୱାଧୀନତା ପାଇଁ ଇଂରେଜଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ପ୍ରାଣବଳୀ ଦେଇଥିବା ସହିଦ ଜୟୀରାଜଗୁରୁ ତଥା ଜୟକୃଷ୍ଣ ମହାପାତ୍ର ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସୂତ୍ରଧର। ସେ ହିଁ ଓଡ଼ିଆ ଅସ୍ମିତାର ପ୍ରକୃତ ପ୍ରତୀକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଥିଲେ ଯେ ଐତିହାସୀକମାନେ ଓଡ଼ିଶା ଇତିହାସକୁ ଠିକ୍ ଭାବରେ ଲେଖି ନାହାନ୍ତି। ଜୟୀ ରାଜଗୁରୁଙ୍କ ଭଳି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଗାଥାର ସତ୍ୟତା ଲିପିବଦ୍ଧ କରିନଥିବାରୁ ଓଡ଼ିଶା ତଥା ଭାରତ ସ୍ୱାଧୀନତା ଆନ୍ଦୋଳନର ଅନାଲୋଚିତ ବିଷୟରେ ଅନେକ ଅନଭିଜ୍ଞ। ଫାଉଣ୍ଡେସନର ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ରୀଦେବ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ଟ୍ରଷ୍ଟି ଅଶୋକ ସିଂହ, କବି କୁଳମଣି ବିଶ୍ୱାଳ, ବ୍ୟାଙ୍କର ଦିଲ୍ଲୀପ ପଟ୍ଟନାୟକ ମଞ୍ଚ ମଣ୍ଡନ କରିଥିବାବେଳେ ଅନୁଷ୍ଠାନର ଟ୍ରଷ୍ଟି ତଥା ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ, ଲେଖକ ବିରଜା ମହାପାତ୍ର, ଅଭୟ ସିହ୍ନା, ଭାଗିରଥୀ ଧଳ, ପ୍ରକାଶ ଷଡ଼ଙ୍ଗୀ ଆଦି ସହିଦଙ୍କ ସ୍ମୃତି ଚାରଣ କରିଥିଲେ। ସାମ୍ବାଦିକ ସଂଜୀବ ଆଚାର୍ଯ୍ୟ, ବିନାୟକ ଦାସ, ରବି ପାଣି, ଗୋକୁଳ ପଟ୍ଟନାୟକ, ଅରୁଣ କୁମାର, ନିର୍ମଳ ପଟ୍ଟନାୟକ, ଅଶୋକ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ।



**ସହିଦ ଜୟୀରାଜଗୁରୁ ହିଁ ଓଡ଼ିଆ ଅସ୍ମିତାର ପ୍ରତୀକ**

## ମନି ଲଣ୍ଡରିଂ ମାମଲାରେ ପୂର୍ବତନ ଜିଲ୍ଲାପାଳଙ୍କୁ ୫ ବର୍ଷ ଜେଲ୍ ଦଣ୍ଡ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ପୂର୍ବତନ ଆଇଏଏସ୍ ଅଧିକାରୀ ତଥା ଭୁଜ୍‌ର ଜିଲ୍ଲାପାଳ ପ୍ରଦୀପ ନିରଙ୍କରନାଥ ଶର୍ମାଙ୍କୁ ମନି ଲଣ୍ଡରିଂ ମାମଲାରେ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ଏଥିସହ ତାଙ୍କ ଉପରେ ୫୦ ହଜାର ଟଙ୍କାର ଜରିମାନା ଲଗାଯାଇଛି। ଜରିମାନା ଦେବାକୁ ବିଫଳ ହେଲେ ତାଙ୍କୁ ଆହୁରି ୩ ମାସ ଜେଲରେ ରହିବାକୁ ହେବ ବୋଲି କୋର୍ଟ କହିଛନ୍ତି। ଅହମଦାବାଦ୍‌ର ଏକ ସ୍ୱତନ୍ତ୍ର କୋର୍ଟ ତାଙ୍କ ବିରୋଧରେ ଏହି ରାୟ ପ୍ରଦାନ କରିଛନ୍ତି। ୨୦୧୦ରୁ ୨୦୧୪ ମଧ୍ୟରେ ରୁଜୁ ହୋଇଥିବା ଏକାଧିକ ପୁଲିସ ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଦନ୍ତ ଆରମ୍ଭ କରିଥିଲା। ପ୍ରଦୀପଙ୍କ ବିରୋଧରେ ଦୁର୍ନୀତି, ଆପରାଧିକ ଷଡ଼ଯନ୍ତ୍ର ଓ ଜମି ଆବଣ୍ଟନରେ ଅନିୟମିତତା ଅଭିଯୋଗ ଆସିଥିଲା। କଚ୍ଛର ଜିଲ୍ଲାପାଳ ଥିବା ବେଳେ ସେ ସାଗମାଛ ମୂଲରେ ସରକାରୀ ଜମି ଆବଣ୍ଟନ କରିଥିଲେ। ଏହା ଦ୍ୱାରା ଗୁଜରାଟ ସରକାରଙ୍କର ୧.୨୦ କୋଟି ଟଙ୍କା କ୍ଷତି ହୋଇଥିଲା ବୋଲି କୁହାଯାଇଥିଲା। ଏହା ଦ୍ୱାରା ସେ ବ୍ୟକ୍ତିଗତ ଭାବେ ଲାଭବାନ ହେବାର ଅଭିଯୋଗ ହୋଇଥିଲା।


# ଇଣ୍ଡୋନେସିଆ ବନ୍ୟା; ମୃତ୍ୟୁ ସଂଖ୍ୟା ୯୦୦ ଟପିଲା

ଜାକାର୍ତ୍ତା,୭ ।୧୨(ଏଜେନ୍ସି): ଇଣ୍ଡୋନେସିଆରେ ବାତ୍ୟା ଓ ପରେ ବନ୍ୟା ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କରିଛି। ବନ୍ୟା କାରଣରୁ ଏହି ଦେଶରେ ମୃତ୍ୟୁ ସଂଖ୍ୟା ୯୦୦ ପାର କରିଛି। ମାଲାକା ଷ୍ଟ୍ରେଟ୍ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ରେ ଶହଶହ ଲୋକ ନିଖୋଜ ହୋଇଛନ୍ତି। ଏହି ବାତ୍ୟା କାରଣରୁ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଘର ନଷ୍ଟ ହୋଇଛି। ବିଚ୍ଛିନ୍ନାଞ୍ଚଳରେ ପହଞ୍ଚିବାକୁ ଉଦ୍ଧାରକାରୀ ଦଳ ସଂଘର୍ଷ କରୁଛନ୍ତି। ଇଣ୍ଡୋନେସିଆରେ ସୃଷ୍ଟି ହୋଇଥିବା ଏହି ବିପର୍ଯ୍ୟୟ ସାମ୍ପ୍ରତିକ ପାଣିପାଗ ବିପର୍ଯ୍ୟୟ ଘଟଣାଗୁଡିକ ମଧ୍ୟରୁ ଅନ୍ୟତମ। ପୂର୍ବରୁ ଶ୍ରୀଲଙ୍କା, ଥାଇଲାଣ୍ଡ, ମିଆଁମାର ଓ ଭିଏତନାମରେ ସୃଷ୍ଟି ହୋଇଥିବା ବିପର୍ଯ୍ୟୟରେ ୨,୦୦୦ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ। କେତେକ ସ୍ଥାନରେ ୯୦ ପ୍ରତିଶତ ଲୋକ ଗୃହହୀନ ହୋଇଛନ୍ତି। ସିବୋଲଗା ସହର ଓ କେନ୍ଦ୍ରୀୟ ତାପାନୁଲି ସମେତ ଅନେକ ଅଞ୍ଚଳ ଏବେ ମଧ୍ୟ ବିଚ୍ଛିନ୍ନ ହୋଇ ରହିଛି। ସେହିପରି ଶ୍ରୀଲଙ୍କାରେ ଦିତୱା ଜନିତ ମୃତ୍ୟୁସଂଖ୍ୟା ୭୦୦ ଟପିଛି।

## ସଂକ୍ଷିପ୍ତ

### ଟ୍ରୁଡୋଙ୍କ ସହ ପ୍ରେମକୁ ସାର୍ବଜନୀନ କଲେ ପେରୀ

ନ୍ୟୁୟର୍କ,୭ ।୧୨(ଏଜେନ୍ସି): ଜଣାଶୁଣା ଆମେରିକୀୟ ଗାୟିକା କେଟି ପେରୀ ଓ କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ମଧ୍ୟରେ ଥିବା ପ୍ରେମ ସମ୍ପର୍କକୁ ନେଇ ଦୀର୍ଘଦିନ ଧରି ଚର୍ଚ୍ଚା ଚାଲିଛି। କିନ୍ତୁ ଏବେ ପେରୀ ଏହି ପ୍ରେମ ସମ୍ପର୍କକୁ ସାର୍ବଜନୀନ କରିଛନ୍ତି। ସେ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ସେୟାର କରି ଏହି ସମ୍ପର୍କକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଏହି ଫଟୋରେ ଟ୍ରୁଡୋଙ୍କ ସହ ତାଙ୍କୁ ଦେଖିବାକୁ ମିଳିଛି। ପେରୀଙ୍କୁ ୪୧ ବର୍ଷ ହୋଇଥିବା ବେଳେ ଟ୍ରୁଡୋ ୫୩ ବର୍ଷରେ ପଦାର୍ପଣ କରିଛନ୍ତି। ଜାପାନ ଯାତ୍ରା କରିବା ବେଳର ଏହି ଫଟୋକୁ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ପେରୀ କ୍ୟାପସନରେ 'ଟୋକିଓ ଟାଇମ୍ସ ଅନ୍ ଟୁର ଆଣ୍ଡ ମୋର' ବୋଲି ଉଲ୍ଲେଖ କରିଛନ୍ତି। ଟ୍ରୁଡୋ ମଧ୍ୟ ଏହି ଫଟୋକୁ ସେୟାର କରିଛନ୍ତି। ପ୍ୟାରିସ୍‌ରେ ଅକ୍ଟୋବର ୨୫ରେ ପେରୀଙ୍କ ୪୧ତମ ଜନ୍ମଦିବସରେ ଉଭୟେ ଏକାଠି ହୋଇଥିଲେ। ସେବେଠାରୁ ଦୁହିଁଙ୍କ ସମ୍ପର୍କ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ ଦୁହିଁଙ୍କୁ ଗତ ଜୁଲାଇରେ ପ୍ରଥମଥର ପାଇଁ କାନାଡ଼ାରେ ନିଜର କୁକୁରଙ୍କ ସହ ଦେଖିବାକୁ ମିଳିଥିଲା। ଉଲ୍ଲେଖଥାଉ କି, ଟ୍ରୁଡୋ କାନାଡ଼ାର ୨୩ତମ ପ୍ରଧାନମନ୍ତ୍ରୀ ଭାବେ ୨୦୧୫ରୁ ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହି ସମୟରେ ସ ଅନେକ ବିବାଦୀୟ ନିଷ୍ପତ୍ତି ନେଇଥିଲେ।



### ଜଳିଗଲା ଘର; ଆମେରିକାରେ ଭାରତୀୟ ଛାତ୍ରୀ ମୃତ

ହାଇଦରାବାଦ୍,୭ ।୧୨(ଏଜେନ୍ସି): ଆମେରିକାରେ ଜଣେ ୨୪ ବର୍ଷୀୟା ଭାରତୀୟ ଛାତ୍ରୀ ସହଜ ରେଡ୍ଡୀ ଉଡୁମାଲା ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଛନ୍ତି। ସହଜଙ୍କ ଘର ତେଲଙ୍ଗାନାର ଜାନଗାଓଁ ଜିଲ୍ଲାରେ। ସେ ନ୍ୟୁୟର୍କର ଅଲବାନୀରେ ରହୁଥିଲେ। ରହୁଥିବା ଘରେ ନିଆଁ ଲାଗିବା କାରଣରୁ ସେ ମୃତ୍ୟୁବରଣ କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତାଙ୍କ ପଡୋଶୀ ଘରେ ନିଆଁ ଲାଗିଥିଲା। ଏହା ଦ୍ରୁତଗତିରେ ବ୍ୟାପିବା କାରଣରୁ ସହଜଙ୍କ ଘର ମଧ୍ୟ ଜଳିଯାଇଥିଲା। ଶୋଇଥିବାର ସେ ନିଜକୁ ବଞ୍ଚାଇପାରି ନ ଥିଲେ। ୨୦୨୧ରେ ଉଚ୍ଚଶିକ୍ଷା ପାଇଁ ସେ ଆମେରିକା ଯାଇଥିଲେ। ଏ ନେଇ କନସୁଲେଟ୍ ଜେନେରାଲ ଅଫ୍ ଇଣ୍ଡିଆ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେବା ସହ ଶୋକ ପ୍ରକାଶ କରିଛନ୍ତି। ସହଜଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ କନସୁଲେଟ୍ ତରଫରୁ କୁହାଯାଇଛି। ସେପେଟ ସହଜଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। ସହଜଙ୍କ ପିତା ଉଡୁମୁଲା ଜୟକର ରେଡ୍ଡୀ ହାଇଦରାବାଦ୍‌ରେ ଟିସିଏସ୍ କମ୍ପାନୀରେ ଚାକିରି କରିଛନ୍ତି। ତାଙ୍କ ମା ଗୋପୁମାରିଆ ଶୈଳଜା ପ୍ରାଥମିକ ବିଦ୍ୟାଳୟରେ ଶକ୍ଷୟିତ୍ରୀ ଅଛନ୍ତି।



### ସଲ୍‌ମାନଙ୍କ ସହ କାମ ନ କରିବାକୁ ପବନ ସିଂଙ୍କୁ ଲରେନ୍ସ ଗ୍ୟାଙ୍ଗର ଧମକ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଆଉ ଜଣେ ଚଳଚ୍ଚିତ୍ର ଅଭିନେତା ତଥା ଗାୟକଙ୍କୁ ଧମକ ଦେଇଛି। ସେ ହେଉଛନ୍ତି ଭୋଜପୁରୀ ତାରକା ପବନ ସିଂ। ବଲିଉଡ ଅଭିନେତା ସଲମାନ ଖାନ୍‌ଙ୍କ ସହ କାମ ନ କରିବାକୁ, ଖାସ୍ କରି ଗୋଟିଏ ମଞ୍ଚରେ ଠିଆ ନ ହେବାକୁ ଲରେନ୍ସ ଗ୍ୟାଙ୍ଗର ଜଣେ ସଦସ୍ୟ ପବନକୁ ଫୋନ୍ କରି ଚେତାବନୀ ଦେଇଛି। କେବଳ ସେତିକି ନୁହେଁ, ଗ୍ୟାଙ୍ଗର ସଦସ୍ୟମାନେ ପବନଙ୍କଠାରୁ ବହୁ ପରିମାଣର ଅର୍ଥ ଦାବି କରିଛନ୍ତି। ଯଦି ଦାବି ପୁରଣ ନ ହୁଏ, ତେବେ ପରିଣତି ଭୟଙ୍କର ହେବ ବୋଲି ଧମକ ଦେଇ କୁହାଯାଇଛି। ଶନିବାର ଅଜଣା ନମ୍ବରରୁ ପବନ ଏକାଧିକ ବାର ଫୋନ୍ କଲ୍ ପାଇଥିଲେ। ଏହା ପରେ ସର୍ବସାଧାରଣରେ ପବନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ବିଗବସ୍-୧୯ରେ ଫାଇନାଲରେ ପବନ ଯୋଗଦେବାର କାର୍ଯ୍ୟକ୍ରମ ଥିଲା ଓ ଏହାର ପ୍ରସାରଣ ରାତିରେ ହେବାର ଥିଲା। ଏହାପୂର୍ବରୁ ହିଁ ପବନଙ୍କୁ ଏହି ଧମକ ଦିଆଯାଇଛି। ତେବେ ଏହି ଧମକକୁ ଖାତିର ନ କରି ପବନ ବିଗ୍‌ବସ୍‌ର ଗ୍ରାଣ୍ଡ ଫିନାଲେରେ ସଲ୍‌ମାନଙ୍କ ସହ ମଞ୍ଚ ସେୟାର କରିଥିବା ସୂଚନା ମିଳିଛି।



**ବିଦେଶୀ କହି ତଡ଼ିଥିଲେ**

### ପୁଣି ଅନ୍ତଃସତ୍ତ୍ୱା ସୋନାଲୀଙ୍କୁ ଫେରାଇ ଆଣିଲେ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେବାର ଦୁଇଦିନ ପରେ ଗର୍ଭବତୀ ସୋନାଲୀ ଖାତୁନ ଭାରତ ଫେରିଛନ୍ତି। ବାଂଲାଦେଶୀ ବୋଲି ସନ୍ଦେହ କରି ସୋନାଲୀଙ୍କୁ ବାଂଲାଦେଶ ପଠାଇ ଦିଆଯାଇଥିଲା। ସୋନାଲୀ ୯ ମାସର ଗର୍ଭବତୀ ଅଛନ୍ତି। କିନ୍ତୁ ମାନବିକତାକୁ ଦୃଷ୍ଟିରେ ରଖି ସୋନାଲୀ ଓ ତାଙ୍କର ୮ ବର୍ଷର ପୁଅକୁ ଫେରାଇ ଆଣିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବାଂଲାଦେଶରେ ପହଞ୍ଚିବା ପରେ ସୋନାଲୀ ଓ ତାଙ୍କ ସନ୍ତାନ ଭୋକ ଉପାସରେ ଦ୍ୱାରା ଦ୍ୱାର ବୁଲିଥିଲେ। ଆଇନ୍ ବେଳେବେଳେ ମାନବିକତା ଆଗରେ ନଇଁବା ଉଚିତ ବୋଲି କୋର୍ଟ କହିଥିଲେ। ଯଦି ସୋନାଲିଙ୍କ ପିତା ଭାରତୀୟ, ତେବେ ସେ ଓ ତାଙ୍କ ପିଲାଙ୍କୁ ମଧ୍ୟ ଭାରତୀୟ ବୋଲି ବିବେଚନା କରାଯିବ ବୋଲି ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଥିଲେ। ଏ ନେଇ ହୋଇଥିବା ଶୁଣାଣିରେ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା କେନ୍ଦ୍ର ସରକାରଙ୍କ ତରଫରୁ ପକ୍ଷ ରଖିଥିଲେ।



# ଜାତୀୟ ରଣନୀତି ବଦଳାଇଲେ ଟ୍ରମ୍ପ | ରୁଷକୁ 'ବିପଦ' କହିବନି ଆମେରିକା

ୱାସିଂଟନ, ୭।୧୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ଜାତୀୟ ସୁରକ୍ଷା ରଣନୀତି (ଏନଏସଏସ)ରେ ବଡ଼ ପରିବର୍ତ୍ତନ କରିଛନ୍ତି। ସେ ରୁଷ୍ ସହ ସମ୍ପର୍କକୁ ଅଧିକ ନିବିଡ଼ କରିବାକୁ ପ୍ରୟାସ କରିଛନ୍ତି। ଏବେ ଆମେରିକ ଆଉ ରୁଷ୍‌କୁ 'ବିପଦ' ମାନିବ ନାହିଁ। ଟ୍ରମ୍ପଙ୍କ ଆମେରିକା ପ୍ରଥମ ନୀତି ଉପରେ ଏହି ରଣନୀତି ପର୍ଯ୍ୟବେସିତ। ୱାସିଂଟନର ଏଭଳି ପଦକ୍ଷେପକୁ ରୁଷ୍ ପ୍ରଶଂସା କରିଛି। ରୁଷ୍ ପ୍ରବକ୍ତା ଦିମିତ୍ରି ପେସକୋଭ କହିଛନ୍ତି ଯେ ଆମେରିକା ଗତ ଶୁକ୍ରବାର ୨୯ ପୃଷ୍ଠାର ରଣନୀତି ଜାରି କରିଥିଲା। ଏବେ ଏହି ଦେଶ ରୁଷ୍ ପାଇଁ 'ପ୍ରତ୍ୟକ୍ଷ ବିପଦ' ଏବଂ ଶତ୍ରୁ ଭଳି ଭାଷା ବ୍ୟବହାର କରିବ ନାହିଁ। ୨୦୧୪ରେ କ୍ରିମିଆ ଦଖଲ ଏବଂ ୨୦୨୨ରେ ୟୁକ୍ରେନ ଉପରେ ଆକ୍ରମଣ ପରଠାରୁ ଆମେରିକା ନିଜ ରଣନୀତି ପରିବର୍ତ୍ତନ କରିଥିଲା। ଆମେରିକା ପ୍ରତି ରୁଷ୍ ସବୁଠାରୁ ବଡ଼ ବିପଦ ବୋଲି କୁହାଯାଉଥିଲା। ନୂଆ ରଣନୀତିରେ ନରମ ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଆଉ କିଛି ପ୍ରସଙ୍ଗରେ ସହଯୋଗ ବଢ଼ାଇବାକୁ କୁହାଯାଇଛି।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ୟୁରୋପ ନୀତିର ପ୍ରତିଫଳନ ଏନ୍‌ଏସ୍‌ଏସରେ ଦେଖିବାକୁ ମିଳିଛି। ଏଥିରେ ୟୁରୋପକୁ ସମାଲୋଚନା ସହିତ ଚେତାବନୀ ଦିଆଯାଇଛି। ୨୦ ବର୍ଷ ମଧ୍ୟରେ ଏହି ମହାଦେଶର ଅସ୍ତିତ୍ୱ ଲୋପ ପାଇଯିବ ବୋଲି କୁହାଯାଇଛି। ଅନେକ ୟୁରୋପୀୟ ରାଷ୍ଟ୍ର ଅତ୍ୟନ୍ତ ଦୁର୍ବଳ ହୋଇଯିବେ। ଏହି ଦେଶ ଆଉ ଆମେରିକାର ଭରସାଯୋଗ୍ୟ ସହଯୋଗୀ ହୋଇ ରହିପାରିବେ ନାହିଁ। ଯଦି ବିଶ୍ୱାସଯୋଗ୍ୟ ସହଯୋଗୀ ହୋଇ ରହିବାକୁ ଚାହାନ୍ତି ତେବେ ନିଜ ରାସ୍ତା ବଦଳାଇବାକୁ ହେବ। ଏନ୍‌ଏସଏସରେ ୟୁରୋପର ଆପ୍ରବାସନ ନୀତି, ଜନ୍ମ ହାରରେ ଦ୍ରୁତ ହ୍ରାସ, ରାଷ୍ଟ୍ରୀୟ ପରିଚୟ ନଷ୍ଟ ଏବଂ ଅଭିବ୍ୟକ୍ତିରେ କଟକଣା ଭଳି ପ୍ରସଙ୍ଗକୁ ସମାଲୋଚନା କରାଯାଇଛି। ୟୁରୋପୀୟ ସଂଘ ଏବଂ ଅନ୍ୟ ଅନ୍ତର୍ଜାତୀୟ ସଂଗଠନଗୁଡିକ ଦେଶର ସାର୍ବଭୌମ ଏବଂ ରାଜନୈତିକ ସ୍ୱତନ୍ତ୍ରତାକୁ ଦୁର୍ବଳ କରୁଥିବା ଅଭିଯୋଗ ଲଗାଯାଇଛି।



# ମୃତ ଦେହ ରଖି ବିକ୍ଷୋଭ କଲେ ୫ ବର୍ଷ ଜେଲ୍

ଜୟପୁର,୭ ।୧୨(ଏଜେନ୍ସି): ରାଜସ୍ଥାନରେ ଏବେ ମୃତ ଶରୀରକୁ ରଖି ବିକ୍ଷୋଭ ପ୍ରଦର୍ଶନ, ମୃତଦେହକୁ ନେଇ ରାଜନୀତି ଓ ବିନା କାରଣରେ ଅନ୍ତିମ ସଂସ୍କାରକୁ ବିଳମ୍ବିତ କରିବା ମହଙ୍ଗା ପଡ଼ିପାରେ। କାରଣ ରାଜ୍ୟରେ ଏବେ 'ମୃତକ ଶରୀର ସମ୍ମାନ ଆଇନ୍' ଲାଗୁ ହୋଇଛି। ଏହି ନିୟମ ଅନୁସାରେ କୌଣସି ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ୨୪ ଘଣ୍ଟା ମଧ୍ୟରେ ତାଙ୍କର ଅନ୍ତିମ ସଂସ୍କାର କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି। ଯଦି ମୃତ ବ୍ୟକ୍ତିଙ୍କ ଶରୀରକୁ ସଡ଼କରେ ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅଯଥାରେ ଭିଡ଼ ସୃଷ୍ଟି କରାଯାଏ, ତେବେ ବିକ୍ଷୋଭକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନଙ୍କୁ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯିବ। ଏଭଳି ବିକ୍ଷୋଭକୁ ଅପରାଧ ବୋଲି ବିବେଚନା କରାଯିବ। ଯଦି ବିନା କାରଣରେ ଅନ୍ତିମ ସଂସ୍କାରକୁ ବିଳମ୍ବିତ କରାଯାଏ, ତେବେ ପୁଲିସ ମୃତଦେହକୁ ଜବତ କରି ସଂସ୍କାର କରିବ ବୋଲି କୁହାଯାଇଛି। ୨୦୨୩ ଜୁଲାଇ ୨୦ରେ ଗତ ଅଶୋକ ଗେହଲଟ ସରକାରଙ୍କ କର୍ଯ୍ୟକାଳରେ ଏହି ଆଇନ ବିଧାନସଭାରେ ପାରିତ ହୋଇଥିଲା।



## ତୃତୀୟ ଦିନରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

# ଖରାରେ ଗର୍ଜିଲେ; ସନ୍ଧ୍ୟାରେ ପ୍ରାର୍ଥନା



ଭୁବନେଶ୍ୱର, ୭ ।୧୨(ସମିସ): ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ରବିବାର ତୃତୀୟ ଦିନରେ ପହଞ୍ଚିଛି। ଶୀତ କାକରକୁ ଖାତିର ନ କରି ଅହୋରାତ୍ର ଧାରଣା ଜାରି ରଖିଛନ୍ତି। ରବିବାର ଛୁଟି ହୋଇଥିଲେ ମଧ୍ୟ ଶିକ୍ଷକମାନଙ୍କ ଆନ୍ଦୋଳନ ଥମିନାହିଁ। ଅଭିନବ ଢଙ୍ଗରେ ଶିକ୍ଷକଶିକ୍ଷୟିତ୍ରୀମାନେ ସେମାନଙ୍କ ଦାବି ପୂରଣ କରିବାକୁ ସ୍ୱର ଉତ୍ତୋଳନ ଜାରି

### ଆଜିଠୁ ଆହୁରି ବ୍ୟାପକ ହେବ ଆନ୍ଦୋଳନ

ରଖିଛନ୍ତି। ସେମାନଙ୍କ ଦାବିକୁ ଦୃଷ୍ଟି ଦେବା ପାଇଁ ଧାରଣାସ୍ଥଳରେ ମୋବାଇଲ୍ ଫ୍ଲାସ୍ ଲାଇଟ୍ ଜଳାଇ ପ୍ରତୀକାତ୍ମକ ପ୍ରତିବାଦ କରିଛନ୍ତି। ଗାନ୍ଧୀ ମାର୍ଗରେ ଆହେ ଦୟାମୟ ବିଶ୍ୱବିହାରୀ ପ୍ରାର୍ଥନା ସହ 'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର' ଶ୍ଳୋକ ଗାଇଛନ୍ତି। ଏହାସହ ଆସନ୍ତାକାଲି ଅର୍ଥାତ୍ ସୋମବାର ଠାରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ସହ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ରାସ୍ତାରୁ ହଟିବେ ନାହିଁ ବୋଲି ଶିକ୍ଷକମାନେ ସ୍ପଷ୍ଟ କରିଛନ୍ତି।

ଶନିବାର ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ନିର୍ଦ୍ଦେଶକଙ୍କ ସହ ଶିକ୍ଷକଙ୍କ ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ମୂଳ ପଦକୁ ଅପଗ୍ରେଡ୍ , ୪୨ଶହ ଗ୍ରେଡ୍‌ପେ ଏବଂ ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା ସହ ନୋସନାଲ୍ ଇନକ୍ରିମେଣ୍ଟ ପ୍ରଦାନ କରିବା ଦାବିକୁ ପୂରଣ ସଂକ୍ରାନ୍ତରେ ରକାର ଘୋଷଣା ନ କରିବା ବା ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି 'ପ୍ରାଥମିକ ଶିକ୍ଷକ ମହାସଂଘ' ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଦୁଇଦିନ ଧରି ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବାବେଳେ ଆସନ୍ତାକାଲି ଠାରୁ ମଧ୍ୟ ଅଚଳାବସ୍ଥା ଲାଗି ରହିବାର ଆଶଙ୍କା ସୃଷ୍ଟି ହୋଇଛି। ଶିକ୍ଷାଦାନ ବଦଳରେ ଶିକ୍ଷକ ରାସ୍ତାରେ ବସିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଭବିଷ୍ୟତ ନେଇ ଅଭିଭାବକମାନେ ମଧ୍ୟ ଚିନ୍ତିତ ହୋଇଛନ୍ତି। ଏଣୁ ସରକାର ତୁରନ୍ତ ଶିକ୍ଷକଙ୍କ ଦାବି ପୂରଣ କରିବାକୁ ଅଭିଭାବକମାନେ ମଧ୍ୟ ଦାବି କରିଛନ୍ତି।

**ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ**

# ଯବାନଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୭।୧୨(ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲାରେ ରବିବାର ୨ଜଣ ଅଭିଯୁକ୍ତ ଏସ୍ଏସ୍‌ବି ଯବାନ ଅର୍ଜୁନ ନାୟକ ଓ ମଧ୍ୟସ୍ଥ ନିମାଇଁ ଚରଣ ସାହୁଙ୍କୁ ଗିରଫ କରିଛି ସିବିଆଇ। ଅନ୍ୟପକ୍ଷରେ ଗୋଟିଏ ପରେ ଗୋଟିଏ ମଧ୍ୟସ୍ଥ ଧରାପଡ଼ିବା ପରେ ରାଜ୍ୟ ବାହାର ଲିଙ୍କ ସାମ୍ନାକୁ ଆସିବାରେ ଲାଗିଛି। ରବିବାର ବିହାରରୁ ଜଣେ ଅଭିଯୁକ୍ତଙ୍କୁ ସିବିଆଇ ଅଟକ ରଖି ପଚରାଉଚରା କରୁଛି। ସେ ଏସ୍ଆଇ ସ୍କାମ୍‌ର ଅନ୍ୟତମ ମାଷ୍ଟରମାଇଣ୍ଡ।

ଦୁଇ ଦିନ ଧରି ମାରାଥନ ଜେରା ପରେ ଏସ୍ଏସ୍‌ବି ଯବାନ ଅର୍ଜୁନଙ୍କୁ ସିବିଆଇ ଗିରଫ କରିଛି। ଏସ୍ଆଇ ଚାକିରି ବିକ୍ରି ମାମଲାରେ ତାଙ୍କର ସିଧାସଳଖ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏସ୍ଆଇ ସ୍କାମ୍‌ରେ ଗିରଫ ହୋଇଥିବା ଏସ୍ଏସ୍‌ବି ଜବାନ ବିଶ୍ୱରଞ୍ଜନ ବେହେରାଙ୍କ ସହ ତାଙ୍କର ଘନିଷ୍ଠତା ରହିଥିଲା। ଉଭୟ କ୍ରାଇମ୍ ସିଣ୍ଡିକେଟ୍‌କୁ ସୁରକ୍ଷା ଦେବା ସହ ପରୀକ୍ଷାର୍ଥୀଙ୍କୁ ଶାରୀରିକ ପ୍ରଶିକ୍ଷଣ ଦେଉଥିଲେ। ଏହା ବ୍ୟତିତ ଏମାନେ ଟଙ୍କା ଦେଇ ଚାକିରି ପାଇବାକୁ ଇଚ୍ଛୁକ ଆଶୟୀ ପରୀକ୍ଷାର୍ଥୀଙ୍କୁ ଚୟନ କରୁଥିଲେ। ସେମାନଙ୍କ ପାଖରୁ ଟଙ୍କା କିମ୍ବା ଚେକ୍ ଆଣିବାଠାରୁ ବ୍ୟାଙ୍କରେ ଟଙ୍କା ଜମା ପର୍ଯ୍ୟନ୍ତ ସବୁକିଛି କାମ ସମ୍ଭାଳୁ ଥିଲେ। ସେହିପରି ଏହି ମାମଲାରେ ସିବିଆଇ ଏମାନଙ୍କ ଠାରୁ ୪ ଜଣ ଓପିଆର୍‌ବି ଅଧିକାରୀଙ୍କ ସମ୍ପର୍କରେ ଜାଣିବାକୁ ପାଇଛି। ଏହି ୪ଜଣଙ୍କୁ ପଚରାଉଚରା ପାଇଁ ଖୁବ୍‌ଶୀଘ୍ର ସିବିଆଇ କାର୍ଯ୍ୟାଳୟକୁ ଡକାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

### ଓପିଆର୍‌ବି ଅଧିକାରୀଙ୍କ ସମ୍ପୃକ୍ତି ସନ୍ଦେହ

ସୂଚନାଯୋଗ୍ୟ କ୍ରାଇମ୍‌ବ୍ରାଞ୍ଚ ଜଣେ ଏସ୍ଏସ୍‌ବି ଜବାନଙ୍କୁ ଗିରଫ କରିଥିଲା ବେଳେ ସିବିଆଇ ଆଉ ଜଣଙ୍କୁ ଗିରଫ କରିଛି। ମଧ୍ୟସ୍ଥ ନିମାଇଁ ଚରଣ ସାହୁ ହେଉଛନ୍ତି ସିବିଆଇ ଦ୍ୱାରା ଗିରଫ ହୋଇ ଦୁଇ ଦିନିଆ ରିମାଣ୍ଡରେ ଥିବା ବିରଞ୍ଚି ନାୟକଙ୍କ ବରିଷ୍ଠ ସହଯୋଗୀ। ମଧ୍ୟସ୍ଥ ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ଇସାରାରେ ଏମାନେ ଦୀଘା ମଡ୍ୟୁଲକୁ ଅପରେଟ୍ କରୁଥିଲେ। ପ୍ରାର୍ଥୀ ଚୟନଠାରୁ ଦୀଘାରେ ପ୍ରଶିକ୍ଷଣ ଦେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରୁଥିଲେ।

ଅନ୍ୟପକ୍ଷରେ ସିବିଆଇର ଏକ ଟିମ୍ ବିହାରରୁ ଶଙ୍କର ପୃଷ୍ଟିଙ୍କ ଜଣେ ସହଯୋଗୀ କୁହାଯାଉଥିବା ଏସ୍ଆଇ ଚାକିରି ସ୍କାମ୍‌ର ଅନ୍ୟତମ ମାଷ୍ଟରମାଇଣ୍ଡକୁ ଅଟକ ରଖିଛି। ଏହି ବ୍ୟକ୍ତି ଜଣଙ୍କ ଶଙ୍କରଙ୍କ ରାଜ୍ୟ ବାହାର ପାଟ୍‌ନର ବୋଲି କୁହାଯାଉଛି। ତାଙ୍କର ରାଜ୍ୟ ବାହାରରେ ହୋଇଥିବା ଏକ ପରୀକ୍ଷା କେଲେଙ୍କାରୀରେ ମଧ୍ୟ ସମ୍ପୃକ୍ତି ରହିଥିବା ସିବିଆଇକୁ ପ୍ରମାଣ ମିଳିଛି। ତେବେ ଏସ୍ଆଇ ସ୍କାମ୍‌ରେ ସମ୍ପୃକ୍ତି ନେଇ ବଳିଷ୍ଠ ପ୍ରମାଣ ମିଳିବା ପରେ ହିଁ ତାଙ୍କୁ ଗିରଫ କରାଯିବ। ଏହା ବ୍ୟତିତ ଶଙ୍କରଙ୍କ ଟଙ୍କାରେ ସେ ରାଜ୍ୟ ବାହାରେ ଦାମି କାର୍ ଏବଂ ବିଭିନ୍ନ ସମ୍ପତ୍ତି କିଣିଥିବା ସୂତ୍ରରୁ ଖବର ମିଳିଛି। ସେହିପରି ସିବିଆଇ ରିମାଣ୍ଡରେ ଥିବା ଅଭିଯୁକ୍ତ ବିରଞ୍ଚି ଏସଆଇ କେଲେଙ୍କାରୀର ଗୁମର ଖୋଲିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ବଡ଼ମୁଣ୍ଡଙ୍କ ନାମକୁ ସିବିଆଇ ସାମ୍ନାକୁ ଆଣିବାରେ ଲାଗିଛି। ସୋମବାର ବିରଞ୍ଚିର ରିମାଣ୍ଡ ଅବଧି ଶେଷ ହେବ। ଯଦି ଆବଶ୍ୟକ ପଡେ ତେବେ ବିରଞ୍ଚିଙ୍କ ରିମାଣ୍ଡ ଅବଧି ବୃଦ୍ଧି କରାଯିବ ବୋଲି ସିବିଆଇର ଜଣେ ଅଧିକାରୀ କହିଛନ୍ତି। ଆଜି ଗିରଫ ୨ ଅଭିଯୁକ୍ତଙ୍କୁ ଜେରା ପାଇଁ ସିବିଆଇ ଦୁଇଦିନିଆ ରିମାଣ୍ଡରେ ନେଇଛି।

## ଜେଇ ମେନ୍ ପ୍ରରୀକ୍ଷା ପ୍ରଶ୍ନପତ୍ର ଜାଲିଆତି ମାମଲା

# ବିହାରରୁ ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର/ବାଲେଶ୍ୱର, ୭।୧୨(ସମିସ): ଓଡ଼ିଶା ଜେଇ ମେନ୍(ସିଭିଲ୍) ପରୀକ୍ଷା ୨୦୨୩ ପ୍ରଶ୍ନପତ୍ର ଜାଲିଆତି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ରାଜ୍ୟ ବାହାରର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବିହାର ସମସ୍ତୀପୁର ଜିଲ୍ଲା ଖାନ୍‌ପୁର ଥାନା ୱାର୍ଡ ନମ୍ବର ୧୦ ଅଞ୍ଚଳରେ ରାଜମୋହନ ପ୍ରସାଦ। ରାଜମୋହନକୁ ବିହାରରୁ ଗିରଫ କରାଯାଇ ଓଡ଼ିଶା ଅଣାଯାଇଛି। ରବିବାର କ୍ରାଇମ୍‌ବ୍ରାଞ୍ଚ ରାଜମୋହନକୁ ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ଏହି ମାମଲାରେ ତାଙ୍କୁ

### ୩ ଦିନିଆ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ଗଲେ ରାଜମୋହନ

ଅଧିକ ପଚରାଉଚରା ପାଇଁ କୋର୍ଟଙ୍କ ଅନୁମତିକ୍ରମେ କ୍ରାଇମ୍‌ବ୍ରାଞ୍ଚ ୩ ଦିନିଆ ରିମାଣ୍ଡରେ ନେଇଛି।

ତଦନ୍ତରରୁ ଜଣାପଡ଼ିଛି ଯେ, ରାଜମୋହନଙ୍କ ସମେତ ଅନ୍ୟ ଅଭିଯୁକ୍ତ ବିଶାଲ କୁମାର, ବ୍ରିଜେନ୍ଦ୍ର ଗୁପ୍ତା, ଅଜୟ କୁମାର ଏବଂ ଅନ୍ୟ ସହଯୋଗୀମାନେ ଦୀଘାର ପୂର୍ବାଶା ହୋଟେଲ କନ୍‌ଫରେନ୍ସ ହଲକୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର ନେଇ ଆସିଥିଲେ। ଏଠାରେ ୮୭ ଜଣ ପରୀକ୍ଷାର୍ଥୀଙ୍କୁ ଟଙ୍କା ବଦଳରେ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ବାଲେଶ୍ୱରର ସହଦେବଖୁଣ୍ଟା ଥାନା ପୁଲିସ ଖବର ପାଇ ଉକ୍ତ ହୋଟେଲରେ ରେଡ୍ କରିଥିଲା। କିଛି ଅଭିଯୁକ୍ତ ଗିରଫ ହୋଇଥିଲା ବେଳେ ରାଜମୋହନ ସେଠାରୁ ଫେରାର୍ ହୋଇଯାଇଥିଲେ। ହେଲେ ସେ ତାଙ୍କର ଏକ ଇଗ୍ନିସ୍ କାର ଛାଡି ଚାଲି ଯାଇଥିଲେ। ସେବେଠାରୁ ସେ କ୍ରାଇମ୍‌ବ୍ରାଞ୍ଚ ସ୍କାନରେ ଥିଲେ। ଏକାଧିକ ଅଭିଯୁକ୍ତଙ୍କୁ ଜେରା ବେଳେ ଜଣାପଡ଼ିଥିଲା ଯେ ସେ କ୍ରାଇମ୍ ସିଣ୍ଡିକେଟ୍‌ର ଏକ ପ୍ରମୁଖ ସଦସ୍ୟ ରହିଥିଲେ। ସେ ପରୀକ୍ଷାର୍ଥୀଙ୍କୁ ଆଶ୍ୱାସନା ଦେଉଥିଲେ ଯେ ତାଙ୍କ ପାଖରେ ଲିକ୍ ହୋଇଥିବା ପ୍ରଶ୍ନ ପତ୍ର ରହିଛି। ଏହା ବଦଳରେ ମୋଟା ଅଙ୍କର ଟଙ୍କା ନେଉଥିଲେ।

ସୂଚନାଯୋଗ୍ୟ, ଏହି ଘଟଣାରେ ମୋଟ୍ ପୂର୍ବରୁ ୨୭ ଜଣଙ୍କୁ ଗିରଫ କରାଯାଇଛି। ୨୦୨୩ ଜୁଲାଇ ୧୬ତାରିଖରେ ପ୍ରଶ୍ନପତ୍ର ଡିଲ୍ ବେଳେ ବାଲେଶ୍ୱର ପୁଲିସ ମାଡିବସିଥିଲା। ପ୍ରାଥମିକ ପର୍ଯ୍ୟାୟରେ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ତେବେ ସେତେବେଳେ ପୁଲିସ ମୋଟ ୨୭ଜଣକୁ ଗିରଫ କରିଥିଲା। ପରେ ଏହି ମାମଲା କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେଇଥିଲା। ଏହି ଘଟଣାରେ ପୂର୍ବରୁ



ବିହାର ରାଜ୍ୟରୁ ୬ଜଣ, ପଶ୍ଚିମବଙ୍ଗରୁ ଜଣେ, ଆନ୍ଧ୍ରପ୍ରଦେଶରୁ ଜଣେ ଓ ଅନ୍ୟମାନେ ଓଡ଼ିଶାରୁ ଗିରଫ ହୋଇଥିଲେ। ବର୍ତ୍ତମାନ କ୍ରାଇମବ୍ରାଞ୍ଚ ବିହାର ରାଜ୍ୟରୁ ରାଜ ମୋହନକୁ ଗିରଫ କରିଛି। ସୂଚନା ଯୋଗ୍ୟ ଯେ, ସିଭିଲ ସର୍ଭିସ (ମେନ) ଜେଇ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ବିଭିନ୍ନ କେନ୍ଦ୍ରକୁ ପଠାଯିବା ପୂର୍ବରୁ ଏକ ପ୍ରିଂଟି ପ୍ରେସ୍‌ର ହେଲପର ବିରେନ୍ଦ୍ର ସିଂହ ସହଯୋଗରେ ମାଷ୍ଟରମାଇଣ୍ଡ ପାଖକୁ ପ୍ରଶ୍ନପତ୍ର ପାଉଥିଲା। ପରେ ଦଲାଲମାନଙ୍କ ସହଯୋଗରେ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ କରାଯାଉଥିଲା। ଏହି ସମୟରେ ପରୀକ୍ଷାର୍ଥୀଙ୍କ ସମସ୍ତ ମୂଳ ସାର୍ଟିଫିକେଟ ସହ ଚୁକ୍ତି ହୋଇଥିବା ଅର୍ଥର ଅଧା ମାଷ୍ଟରମାଇଣ୍ଡ ବିଶାଳ ନେଇଯାଉଥିଲେ। ବାକି ଅଧା ଅର୍ଥ ପରୀକ୍ଷା ଫଳ ବାହାରିଲେ ନିଆଯାଉଥିଲା। ଏହି ଭଳି ଓଏସଏସସି ପରିଚାଳିତ ସିଭିଲ ସର୍ଭିସ (ମେନ୍) ଜେଇ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ ନେଇ ଦୀଘଠାରେ ଏକାଠି ହୋଇଥିବା ଦଲାଲମାନଙ୍କୁ ପୁଲିସ ଗିରଫ କରିଥିଲା। ୨୦୨୩ ଜୁଲାଇ ୧୬ ତାରିଖରେ ପ୍ରଥମେ ଦୀଘାରୁ ଜଣେ ମହିଳାଙ୍କ ସମେତ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ପରେ ମାଷ୍ଟରମାଇଣ୍ଡ ସହ ମୋଟ ୨୭ ଜଣ ଗିରଫ ହୋଇଥିଲେ।

## ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାଣପୁର, ୭ ।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ଅଞ୍ଚଳରେ ରବିବାର ଅପରାହ୍ନରେ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ଦ୍ୱୟ ହେଲେ ବାଣପୁର ସରୁବାରୀପଦର ଗ୍ରାମର କାହ୍ନୁ ଚରଣ ମହାପାତ୍ରଙ୍କ ଏକମାତ୍ର ପୁଅ ରୁଦ୍ରପ୍ରସାଦ ମହାପାତ୍ର ଓରଫ ବାପି (୨୦) ଏବଂ ଅନ୍ୟ ଜଣେ ପାଟପୁର ଗ୍ରାମର ଦୁର୍ଗାଚରଣ ସେଠୀଙ୍କ ଏକମାତ୍ର ପୁଅ ଚନ୍ଦନ ସେଠୀ (୨୨) । ଗୁରୁତର ଆହତ ଜଣକ ହେଲେ ସାରୁବାରୀପଦର ଗ୍ରାମର ଦେବାଶିଷ ତ୍ରିପାଠୀ ଓରଫ ମିଲନ (୨୮) ବୋଲି ଜଣାପଡିଛି।

ବାଣପୁର ଥାନା ଅନ୍ତର୍ଗତ ପ୍ରତାପ ଗ୍ରାମକୁ କ୍ରିକେଟ ଖେଳ ଦେଖିବାକୁ ବାଣପୁରରୁ ଏହି ତିନି ଜଣ ଯୁବକ ଏକ ବାଇକ ଯୋଗେ ଯାଉଥିବା ବେଳେ ବେଙ୍ଗରାଜପଲ୍ଲୀ



ରାସ୍ତାରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ମାଟି ବୋଝେଇ ଟ୍ରାକ୍ଟର ବାଇକକୁ ଧକ୍କା ଦେଇ ଆରୋହୀଙ୍କ ଉପରେ ଚଢି ଯାଇଥିଲା। ଦୁର୍ଘଟଣା ଫଳରେ ତିନି ଜଣ ବାଇକ ଆରୋହୀ ଗୁରୁତର ହୋଇ ପଡିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତର ଆହତଙ୍କୁ ଉଦ୍ଧାର କରି ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଡାକ୍ତର ଦୁଇ ବାଇକ ଆରୋହୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଆହତ ଦେବାଶିଷଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରିଦେଇଥିବା ସୂଚନା ମିଳିଛି। ଏହି ଦୁଃଖଦ ଘଟଣାରେ ବାଣପୁର ଡାକ୍ତରଖାନା ଲୋକାରଣ୍ୟ ହୋଇପଡି ଥିବାବେଳେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ବାଣପୁର ପୁଲିସ ପହଞ୍ଚି ମୃତକଙ୍କ ଶବକୁ ଜବତ କରିବା ସହ ଉଭୟ ଗାଡି ଜବତ କରି ତଦନ୍ତ ଜାରି ରଖିଛି।

# ଘଟଗାଁ ତାରିଣୀ ପୀଠ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ



ଘଟଗାଁ/କେନ୍ଦୁଝର, ୭।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁସ୍ଥିତ ମା' ତାରିଣୀ ପୀଠର ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପର ରବିବାର ଶିଳାନ୍ୟାସ କରିଛନ୍ତି। ମୋଟ ୩୧୨ କୋଟି ଟଙ୍କା ବ୍ୟୟବରାଦରେ ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟ ଆଗାମୀ ଏକବର୍ଷ ମଧ୍ୟରେ ସମାପ୍ତ ହେବ। ତାରିଣୀ ପୀଠକୁ ବିଶ୍ୱସ୍ତରୀୟ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବାକୁ ସରକାର ସମସ୍ତ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରକଳ୍ପ ସହ ମନ୍ଦିର ଦେହୁରୀଙ୍କ ବାସଗୃହ ନିମନ୍ତେ ପୂର୍ତ୍ତ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଏବଂ ଜିଲ୍ଲାପାଳଙ୍କୁ ଡିପିଆର୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରାୟ ୬୦ ଏକର ଜମିରେ ପରିବ୍ୟାପ୍ତ ହେବାକୁ ଥିବା ଏହି ଉନ୍ନତିକରଣ କାର୍ଯ୍ୟରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟପ୍ଲାଜା, ୱାଚଟାୱାର, ମାର୍କେଟ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ ଏବଂ ୫୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ହଲ୍, ଶୌଚାଳୟ ବ୍ଲକ, ପୋଷାକ ବଦଳ କୋଠରି, ଜୋତାଷ୍ଟାଣ୍ଡ, ଟିକେଟ କାଉଣ୍ଟର, ହସ୍ତ-ପଦ ପ୍ରକ୍ଷାଳନ ସ୍ଥାନ ଏବଂ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ, ପାର୍କିଂ, ଚାରିଟି ପୁଷ୍କରିଣୀର

### ମନ୍ଦିର ଦେହୁରୀଙ୍କ ବାସଗୃହ ନିମନ୍ତେ ଡିପିଆର୍ ପ୍ରସ୍ତୁତ ପାଇଁ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ସୌନ୍ଦର୍ଯ୍ୟକରଣ ଆଦି ଅନେକ ପ୍ରକଳ୍ପର ଯୋଜନା ରହିଛି।

ରାଉରକେଲା, ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝରକୁ ସଂଯୋଗ କରୁଥିବା ଅଧିକାଂଶ ରାସ୍ତାକୁ ୬ ଟିକିଆ କରାଯିବ। ବଡ଼ବିଲରେ ଏକ ରିଂ-ରୋଡ୍ ନିର୍ମାଣ ହେବ। କେନ୍ଦୁଝର-ବଡ଼ବିଲ-ଯୋଡ଼ା ଅଞ୍ଚଳକୁ ରାଜ୍ୟର ଏକ ସୁଦୃଢ଼ ଅର୍ଥନୈତିକ ଜୋନ୍‌ରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ସେଗୁଡିକର ଖୁବ୍‌ଶୀଘ୍ର ଲୋକାର୍ପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କେନ୍ଦ୍ର ସରକାର ୨୩୦୦ କୋଟି ଟଙ୍କା ବ୍ୟୟରେ ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ଲେନ୍ ବିଶିଷ୍ଟ ରାସ୍ତା କରୁଛନ୍ତି। ସେହିପରି କେନ୍ଦୁଝରରେ ୪୨୮ କୋଟି ଟଙ୍କାରେ ଏକ ବାଇପାସ ରାସ୍ତା କରାଯିବ। ଏହାସହ ୧୫୦ କୋଟି ବ୍ୟୟରେ ଡାଟାସେଣ୍ଟର, ବଳଭଦ୍ରପୁରରେ ୧୫୦କୋଟି ଟଙ୍କାରେ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୮୭କୋଟି ଟଙ୍କାରେ ଡାଟା ରିକଭରି ସେଣ୍ଟର, ୧୦୩ କୋଟି ଟଙ୍କାରେ ରାଇସୁଆଁ ଏୟାରଷ୍ଟ୍ରିପ, ୧୮୦ କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ୍, ୫୦ କୋଟିରେ ସାନ ଘାଗରାଠାରେ ଆର୍‌ପିଆର୍‌ସି ଭଳି ପ୍ରାୟ ୩୫ ହଜାର କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ।

**ପୁଲିସ ବାବୁଙ୍କ ଗଞ୍ଜେଇ ବେପାର**

# ଖୋଲୁଛି କରିତ୍‌କର୍ମା ଏସ୍ଆଇଙ୍କ ଗୁମର

ଭୁବନେଶ୍ୱର, ୭ ।୧୨ (ସମିସ): ଜବତ ହେଲା ସାତ କ୍ୱିଣ୍ଟାଲ ଗଞ୍ଜେଇ; ହେଲେ କାଗଜପତ୍ରରେ ମାତ୍ର ଦେଢ଼ କ୍ୱିଣ୍ଟାଲ। ବାଟରେ ବାଏଁ ବାଏଁ ସାଢ଼େ ଚାରି କ୍ୱିଣ୍ଟାଏ ଗଞ୍ଜେଇ ଉଡ଼େଇ ନେଲେ ପୁଲିସ ବାବୁ। କଥା ପ୍ରଘଟ ହେବା ପରେ ଫୁଲବାଣୀ ସଦର ଥାନା ଅଧିକାରୀ ଦାୟିତ୍ୱରେ ତିବା ଡିଏସ୍‌ପି ନିଲମ୍ବନ ହେଲେ ଓ ଜଣେ ଏସ୍ଆଇଙ୍କୁ ଅନ୍ୟ ଥାନାକୁ ବଦଳି କରାଗଲା। ମାତ୍ର ଏହି ଗୋଟିଏ ଘଟଣା ନୁହେଁ, ପୁଲିସ ମାର୍ଫତରେ ବା ପୁଲିସ ବାବୁଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିରେ ଗଞ୍ଜେଇ କାରବାର ଚାଲିଥିବା ପୂର୍ବରୁ ଘଟିଥିଲେ ବି ବିଭାଗର କୋହଳ ନୀତି ଯୋଗୁଁ ଏହି ମାମଲା ବଢ଼ି ଚାଲିଛି। ପୂର୍ବରୁ ଦୁଇଟି ଗଞ୍ଜେଇ ଚାଲାଣ ମାମଲାରେ ମଧ୍ୟ ପୁଲିସ ବାବୁମାନଙ୍କର ସମ୍ପୃକ୍ତି ଅଭିଯୋଗ ହୋଇଛି ଏବଂ ଜଣେ ଢାବା ମାଲିକଙ୍କ ଗାଡ଼ିରୁ ଗଞ୍ଜେଇ ଜବତ କରି କମ୍ ପରିମାଣର ଦର୍ଶାଇବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ଆସିଛି।

ଅଭିଯୋଗ ଅନୁସାରେ ଗତ ଜୁନ୍ ମାସରେ କନ୍ଧମାଳ ଜିଲ୍ଲାର ଜଣେ ଏସ୍ଆଇ ଓ ଅନ୍ୟ କର୍ମଚାରୀମାନେ ଏକ ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲେ। ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିଲେ ମଧ୍ୟ ଏହାର ପରିମାଣ କାଗଜପତ୍ରରେ ୫ କ୍ୱିଣ୍ଟାଲ ଦର୍ଶାଇଥିଲେ। ବାକି ଗଞ୍ଜେଇରୁ କିଛି ବିକ୍ରି କରାଯାଇଥିଲା ଓ ଆଉ କିଛି ଥାନା ମାଲଖାନାରେ ରଖିଥିଲେ। ସଂପୃକ୍ତ ମାମଲାରେ ଏନଡିପିଏସ୍ ଆକ୍ଟ ଅନୁସାରେ ଆର୍ଥିକ ଖୋଳତାଡ଼ ମଧ୍ୟ କରାଯାଇ ନ ଥିଲା। ସବୁଠାରୁ ସାଂଘାତିକ କଥାଟି ହେଉଛି ଗଞ୍ଜେଇ ଜବତ ହୋଇଥିବା ଗାଡ଼ିର ମାଲିକଙ୍କ ନାମରେ ଆରମ୍ଭରୁ ମାମଲା ରୁଜୁ ହୋଇ ନ ଥିଲା। ଏ ନେଇ ଉପରିସ୍ଥ ଅଧିକାରୀ ତାଗିଦ୍ କରିବା ପରେ ଢାବା ମାଲିକଙ୍କୁ ଗିରଫ କରିବାକୁ ବାଧ୍ୟ ହୋଇଥିଲେ। କୌତୂହଳର କଥା ହେଉଛି ଯେଉଁ ଦୁଇଟି ଗଞ୍ଜେଇ ମାମଲାରେ ତତ୍କାଳୀନ ଥାନା ଅଧିକାରୀ ଓ ସବ୍ ଇନ୍ସପେକ୍ଟରଙ୍କ ସଂପୃକ୍ତି ଥିବା ଅଭିଯୋଗ ହେଉଛି, ଉଭୟ ମାମଲାର ଅଭିଯୋଗକାରୀ ଓ ତଦନ୍ତକାରୀ ଅଧିକାରୀ ହେଉଛନ୍ତି ସମାନ।

ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଫୁଲବାଣୀ ସଦର ଥାନା ଅଞ୍ଚଳର ଗଞ୍ଜେଇ ଚାଷୀଙ୍କ ଠାରବେଆଇନ ଭାବେ ଟଙ୍କା ଆଦାୟ ପାଇଁ ଦୁଇ ଗୃହରକ୍ଷୀଙ୍କୁ ସମ୍ପୃକ୍ତ ଏସ୍ଆଇ ଦାୟିତ୍ୱ ଦେଇଥିବା ଅଭିଯୋଗ ହେବା ପରେ ଏସ୍‌ପି ଗୃହରକ୍ଷୀଙ୍କୁ ଡକାଇ ପଚରାଉଚରା କରିଥିଲେ। ଦୁଇ ଗୃହରକ୍ଷୀ ଜଣେ ଏସ୍ଆଇଙ୍କ ନିର୍ଦ୍ଦେଶରେ ଟଙ୍କା ଆଦାୟ କରୁଥିବା ସ୍ୱୀକାର କରିବା ପରେ ଉଭୟଙ୍କୁ କାରଣଦର୍ଶାଅ ନୋଟିସ ଦିଆଯାଇଥିଲା। ଏହାପରେ ଦୁଇ ଜଣ ଗୃହରକ୍ଷୀଙ୍କୁ ରିଜର୍ଭକୁ ବଦଳି କରାଯାଇଥିଲା ଓ ସମ୍ପୃକ୍ତ ଏସ୍ଆଇଙ୍କ ବିରୋଧରେ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଥିଲା। ହେଲେ ଜିଲ୍ଲା ପୁଲିସର ଦୁଇ ଅଧିକାରୀଙ୍କ ନିକଟତମ ହୋଇଥିବାରୁ ସମ୍ପୃକ୍ତ ଏସ୍ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏବେ କେବଳ ତାଙ୍କ ନାମରେ ବିଭାଗୀୟ ତଦନ୍ତ (ପ୍ରୋସିଡିଂ) ଆରମ୍ଭ ହୋଇଛି ଓ ଜଣେ ଡିଏସପି ପାହ୍ୟାର ଅଧିକାରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି।

- ପୂର୍ବରୁ ରିଜର୍ଭକୁ ବଦଳି ହୋଇଥିଲେ ଦୁଇ ହୋମଗାର୍ଡ
- ଫିରିଙ୍ଗିଆରୁ ସଦର ଯାଏଁ ରହିଛି କାରନାମାର ତାଲିକା

ସେପଟେ ଅନ୍ୟ ଏକ ମାମଲାରେ ଥାନାର ସ୍କୋର୍ପିଓ ଡ୍ରାଇଭର ଘରୁ ବେଆଇନ ଗଞ୍ଜେଇ ଜବତ ହୋଇଥିଲେ ମଧ୍ୟ କୌଣସି ମାମଲା ରୁଜୁ ନ କରିବା ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତତ୍କାଳୀନ ଥାନା ଅଧିକାରୀଙ୍କୁ ନିଲମ୍ବନ କରି ଘଟଣା ଉପରୁ ନଜର ହଟାଇବା ପାଇଁ ଚେଷ୍ଟା କରାଯାଇଛି। ତେବେ ପୁଲିସର ଛବି ଅଧିକ ମଳିନ ହେବା ଆଶଙ୍କା କରି ଏସ୍ଆଇଙ୍କୁ କେବଳ ବଦଳି କରାଯାଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି।

## ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାରକୁ ନେଇ ଦୁଇ ଗ୍ରାମବାସୀ ମୁହାଁମୁହିଁ

# ଘର, ଗାଡ଼ି ଭଙ୍ଗାରୁଜା; ଜାଳିଦେଲେ ଆସବାବପତ୍ର







କୋରୁକୋଣ୍ଡା, ୭ ।୧୨(ସମିସ): ମାଲକାନଗିରି ଜିଲ୍ଲାର ଡୁଡୁମେଟଲା ନିକଟସ୍ଥ ପୋଟେରୁ ନଦୀରୁ ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର ହେବା ଘଟଣା ୪ ଦିନ ବିତି ଯାଇଥିବା ବେଳେ ଏହାକୁ ଆଜି ଦୁଇ ଗାଁ ଲୋକେ ମୁହାଁମୁହିଁ ହୋଇଛନ୍ତି। ରାଖାଲଗୁଡା ଗ୍ରାମର ଲୋକେ ଏମଭି ୨୬ ଗ୍ରାମକୁ ଯାଇ ପୋଡ଼ାଜଳା ଓ ଭଙ୍ଗାରୁଜା କରିବାରୁ ଉତ୍ତେଜନା ସୃଷ୍ଟି ହୋଇଛି। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଘଟଣାସ୍ଥଳରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ମାଲକାନଗିରି ଏସପି, ଜିଲ୍ଲାପାଳ, ଇଉପିଏ ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଏବଂ ପୁଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି।

ସୂଚନା ଅନୁଯାୟୀ ୪ ଦିନ ପୂର୍ବେ ରାଖାଲଗୁଡା ଗ୍ରାମର ଲାକେ ପଡିଆମୀଙ୍କ ମୁଣ୍ଡ ବିହିନୀ ମୃତଦେହ ନଦୀରୁ ମିଳିଥିଲା। ଏହାକୁ ନେଇ ନିକଟରେ ଥିବା ଏମଭି ୨୬ ଗ୍ରାମ ଓ ରାଖାଲଗୁଡା ଗାଁ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ମହିଳା ଜଣଙ୍କ ନିଖୋଜ ଥିବା ନେଇ କୋରୁକୋଣ୍ଡା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଏମ୍‌ଭି ୨୬ ଗ୍ରାମର ଲୋକେ ସମ୍ପୃକ୍ତ ଥିବା ସନ୍ଦେହରେ ରାଖାଲଗୁଡାର କିଛି ଲୋକେ ଏମଭି ୨୬ ଗ୍ରାମରେ ପହଞ୍ଚି କିଛି ଘର ଓ ଅନ୍ୟାନ୍ୟ ସାମଗ୍ରୀରେ ନିଆଁ ଲଗାଇ ଦେଇଥିଲେ। ଏହାସହ ଅନେକ ଲୋକଙ୍କ ଗାଡି, ଆସବାବପତ୍ର ମଧ୍ୟ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଥିଲା। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୁଲିସର ବରିଷ୍ଠ ଅଧିକାରୀ ଓ ବହୁ ପୋଲିସ କର୍ମଚାରୀ ସେଠାରେ ଉପସ୍ଥିତ ରହି ସ୍ଥିତିକୁ ଆୟତ୍ତକୁ ଆଣିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବର୍ତ୍ତମାନ ଯଦିଓ ଆକ୍ରମଣ କାରୀ ଗୋଷ୍ଠୀ ସେଠାରୁ ଚାଲି ଯାଇଛନ୍ତି, କିନ୍ତୁ ପୋଲିସ ଓ ପ୍ରଶାସନିକ ଅଧିକାରୀ ସେଠାରେ ନଜର ରଖିଛନ୍ତି। ଏନେଇ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ ପ୍ରକାଶ କରିଛନ୍ତିଯେ, ବର୍ତ୍ତମାନ ପରିସ୍ଥିତି ଆୟତ୍ତକୁ ଆସିଛି, ପୋଲିସ, ବିଏସଏଫ, ଦମକଳ ବାହିନୀର ଟିମ ଗ୍ରାମରେ ମୁତୟନ ଅଛନ୍ତି।

ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ଏହାସହ ସେ ସମସ୍ତଙ୍କୁ ଶାନ୍ତିର ସହ ମିଳିମିଶି ରହିବା ପାଇଁ ଅପିଲ ମଧ୍ୟ କରିଛନ୍ତି। ଅନ୍ୟପଟେ ଘଟଣାରେ ଦୁଇଜଣଙ୍କୁ ଅଟକ ରଖି କୋରୁକୋଣ୍ଡା ପୁଲିସ ପଚରାଉଚରା ଜାରି ରଖିଥିବା ଥାନା ଅଧିକାରୀ ହିମାଂଶୁ ସେଖର ବାରିକ ପ୍ରକାଶ କରିଛନ୍ତି।

# ଡ୍ରିମ୍ ଇଣ୍ଡିଆ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ




କୋଷାଗୁମୁଡ଼ା, ୭।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ସଦର ସ୍ଥିତ ଡ୍ରିମ୍ ଇଣ୍ଡିଆ ପବ୍ଲିକ ସ୍କୁଲ ଠାରେ ୯ମବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଥିବାବେଳେ ସମ୍ମାନିତ ଅତିଥି ଭାବରେ କୋଷାଗୁମୁଡା ବ୍ଲକ ଅଧ୍ୟକ୍ଷ ସର୍ବେଶ୍ୱରୀ ମାଝୀ, କୋଷାଗୁମୁଡା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ କୁଞ୍ଜବିହାରୀ ଦାସ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଡାଲିମ୍ବ ମାଝୀ, ମତିଗାଁ ସମିତି ସଭ୍ୟ ତ୍ରିଲୋଚନ ଧାକୋଡ଼ ,ନବରଙ୍ଗପୁର ଡ୍ରିମଇଣ୍ଡିଆ ହାଏର ସେକେଣ୍ଡାରୀ ପ୍ରିନ୍ସିପାଲ ଡ. ରଂଜନ କୁମାର ସ୍ୱାଇଁ,ଡ୍ରିମଇଣ୍ଡିଆ କିଡିଜି ସ୍କୁଲ ପ୍ରିନ୍ସିପାଲ ଢ଼ିଙ୍ଗ ଲୁଙ୍ଗ ପନମାଇ, ଏସବିଆଇ ବିଏମ ନୂତନ ଆନନ୍ଦ ପାଢ଼ୀ ମଞ୍ଚରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଥମରୁ ଯୁକ୍ତ୨ ବିଜ୍ଞାନ ଓ ନର୍ସି କୀଡ଼ଜ ବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କୁ ମଞ୍ଚସୀନ ଅତିଥିମାନେ ଦିଗଦର୍ଶନ ଦେଇଥିଲେ। ବିଦ୍ୟାଳୟରୁ କୃତିତ୍ୱ ହାସଲ କରି ନିଟ୍ ପାଇଥିବା ଗୋଟିବେଡାର ଚିତରଞ୍ଜି ଗୌଡ଼ଙ୍କ ଝିଅ ସୁଶ୍ରୀ କଲ୍ୟାଣି ଗୌଡ଼ଙ୍କୁ ଏବଂ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଙ୍କୁ ବିଧାୟକ, ଡାବୁଗାଁଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପୂର୍ବରୁ ଡ୍ରିମ୍ ଇଣ୍ଡିଆ ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳନ ସହ ପୂର୍ବରୁ ଅଭିଭାବକଙ୍କୁ ନେଇ ଏକ ପ୍ରତିଭା ପ୍ରତିଯୋଗିତାରେ ଚିତ୍ରଙ୍କନ, ଫାୟାର ଲେସ କୁକିଙ୍ଗ, ଚେୟାର ଖେଳ ଓ ପିତାମାତାଙ୍କ ବେଲୁନ ଖେଳରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ପିତାମାତାଙ୍କ ଜରିଆରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ ଲୁକାୟିତ ପ୍ରତିଭାକୁ ଉନ୍ମୋଚିତ କରିବାରେ ଏକ ସୁଯୋଗ ଯାହାକି ଆଗାମୀ ଭବିଷ୍ୟତ ପାଇଁ ଏକ ସିଡି ବୋଲି ଡ୍ରିମ ଇଣ୍ଡିଆ ପବ୍ଲିକ ସ୍କୁଲର ଡାଇରେକ୍ଟର ପଙ୍କଜ ସିପା ଏବଂ ପ୍ରିନ୍ସିପାଲ କୁଞ୍ଜଲତା ସିପା କହିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ମିଳିତ ଉଦ୍ୟମରେ ସାଂସ୍କୃତିକ, ଡ୍ୟାନ୍ସ ପ୍ରତିଭା, ନାଟକ କାର୍ଯ୍ୟକ୍ରମ ସନ୍ଧ୍ୟା ୭ଟାରୁ ସାଢେ ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅଭିଭାବକଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବୈଷୟିକ ତ୍ରୁଟି

# ଜଗନ୍ନାଥ ସାଗରରୁ ନିଷ୍କାସିତ ହୋଇଯାଉଛି ପାଣି



### ପୌରସଂସ୍ଥାର କାର୍ଯ୍ୟକୁ ନେଇ ଅସନ୍ତୋଷ

ଜୟପୁର,୭ ।୧୨(ସମିସ):

ଜୟପୁରର ସହରର ଐତିହାସିକ ଜଗନ୍ନାଥ ସାଗର ଜଳଶୟରୁ ଗତକାଲି ରାତି ଠାରୁ ଦକ୍ଷିଣଦିଗରେ ପଞ୍ଚାନନ ମନ୍ଦିର ଠାରୁ ଜୟନଗର ରାସ୍ତା ମଧ୍ୟରେ ପୌରସଂସ୍ଥା ପକ୍ଷରୁ ଭୂତଳ ପାଇପ୍ ଯୋଗେ ଜଳ ନିଷ୍କାସିତ ହେବାରେ ଲାଗିଛି। ଏହାକୁ ତୁରନ୍ତ ବନ୍ଦ କରାନଗଲେ ପୁଣି ଜଗନ୍ନାଥ ସାଗରରେ ଜଳ ଖାଲି ହୋଇଯିବ। ଜଗନ୍ନାଥ ସାଗର ଉନ୍ନତୀ କରଣ ପାଇଁ ୧୫ କୋଟି ଟଙ୍କାର ଟେଣ୍ଡର ମାଧ୍ୟମରେ ନିର୍ମାଣ କାର୍ଯ୍ୟ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟକୁ ଦୀର୍ଘ ଏକ ବର୍ଷ ୧୦ ମାସ ହୋଇଯାଇଥିଲେ ସୁଦ୍ଧା କାର୍ଯ୍ୟ ସମାପ୍ତ ହୋଇପାରୁନାହିଁ। ଐତିହାସିକ ଜଗନ୍ନାଥ ସାଗର ଜୟପୁରବାସୀଙ୍କ ବଆବେଗ ସହିତ ଜଡ଼ିତ ଏବଂ ସ୍ଥାନୀୟ କିଛି ଲୋକଙ୍କ ଜୀବନଜୀବିକାର ସାଧନ ଭାବେ ରହିଥିଲା। ଏହାର ଉନ୍ନତି ନାମରେ ଯେଉଁଭଳି ଭାବେ ଏହାର କାର୍ଯ୍ୟକୁ ବିଳମ୍ବ ଓ କଦର୍ଯ୍ୟ କରାଯାଇଛି। ସ୍ଥାନୀୟ ସହର ବାସିନ୍ଦାଙ୍କ ମଧ୍ୟରେ କାର୍ଯ୍ୟକାରୀ ସଂସ୍ଥା ଭାବେ ପୌରସଂସ୍ଥା ଉପରେ ଅସନ୍ତୋଷ ଓ ଆକ୍ରୋଶ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୦୨୪ ମସିହାରେ ଜଗନ୍ନାଥ ସାଗରର ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ କରାଯାଇଛି । ଦୀର୍ଘ ୧ ବର୍ଷ ୧୦ ମାସ ହୋଇଯାଇଥିଲେ ସୁଦ୍ଧା ଏହାର କାର୍ଯ୍ୟ ସମାପ୍ତ ହୋଇପାରିନାହିଁ । ପୂର୍ବ ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ କୋଟି ଟଙ୍କା ବ୍ୟୟ ଅଟକଳରେ କରାଯାଇଥିଲା ଏବଂ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ମଧ ବଳକା ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଏହାର ପାରିପାର୍ଶ୍ୱିକ ଉନ୍ନତୀକରଣ ପାଇଁ ହାଲ୍ ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନତୀକରଣ ପାଣ୍ଠିରୁ ପର୍ଯ୍ୟାୟକ୍ରମେ ୬ କୋଟି ଟଙ୍କା ପ୍ରଦାନ କରିବା ନେଇ ଚୁକ୍ତିନାମା କରିଛନ୍ତି। କିନ୍ତୁ ଜଳନିଷ୍କାସନ ପାଇଁ ପଞ୍ଚାୟତ ମନ୍ଦିର ଠାରୁ ଜୟନଗର ପର୍ଯ୍ୟନ୍ତ ରାସ୍ତା ମଝିରେ ସିମେଣ୍ଟ ପାଇଁ ସଂଯୋଗ କରାଯାଇଥିଲା। ବର୍ଷା ଓ ମାଟିତଳୁ ଝର ବାହାରିବା ପରେ ପାଣି ନିଷ୍କାସନ ହେଉଥିବା ଯୋଗୁଁ ବାଲି ବସ୍ତାଦେଇ ଉକ୍ତ ସିମେଣ୍ଟ ପାଇପ ମୁହାଣକୁ ବନ୍ଦ କରାଯାଇଥିଲା। କିନ୍ତୁ ଜଳର ସ୍ତର ବଢିବା ପରେ ଜରିବସ୍ତା ନଷ୍ଟ ହେବା ପରେ ବାଲି ଧୋଇ ହୋଇଯାଇଥିଲା ଏବଂ ଉକ୍ତ ମୁହାଣ ଦେଇ ଜଳନିଷ୍କାସିତ ହୋଇଯାଉଛି।ଏ ହିପରେ ସେଠାରେ ଏକ ସିମେଣ୍ଟ କଂକ୍ରିଟ୍ର ପାଚେରି ନିର୍ମାଣ କରାଯାଇ ଫାଟକ ନିର୍ମାଣ ବଦଳରେ ବାଲିବସ୍ତା ଦେବା ନେଇ ପୌରସଂସ୍ଥାର ବୈଷିୟକ ତଥା ଯନ୍ତ୍ରୀ ମାନଙ୍କ କାର୍ଯ୍ୟ ପ୍ରତି ଅଙ୍ଗୁଳି ସୃଷ୍ଟି କରୁଛି। ଏହିପରି ଜଳନିଷ୍କାସନ ହେଉଥିବା ନେଇ ପୌରନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡିଙ୍କୁ ସୂଚନା ଦେବା ପରେ ତାଙ୍କ ନିର୍ଦ୍ଦେଶରେ ପୌରଯନ୍ତ୍ରୀ ଅଜୟ କୁମାର ଜାନୀ ଉପସ୍ଥିତ ରହିବା ସହିତ ପ୍ରୋକଲିନ ମେସିନରେ ମାଟି ଢାଳି ନିଷ୍କାସିତ ପାଣିକୁ ବନ୍ଦ କରିବା ନେଇ ପ୍ରୟାସ ଆରମ୍ଭ କରିଛନ୍ତି। କିନ୍ତୁ ଦଳର ସ୍ରୋତକୁ ଏହି ମାଟି ବନ୍ଦ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏହି ଜଳ ଯେଉଁ ନାଳଦେଇ ନିଷ୍କାସିତ ହେଉଛି। ଉକ୍ତ ନାଳପାଶ୍ୱର୍ରେ ରହିଥିବା ଚାଷ ଜମିଗୁଡକ କୂଳଖାଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ଏହି ଜମି ପାଶ୍ୱର୍ବର୍ତ୍ତୀ ଅଞ୍ଚଳ କୂଳ ଖାଇଲେ ପୁଣି ଜନ ଅସନ୍ତୋଷ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି।

# ବିଏସ୍ଏଫ୍ ପକ୍ଷରୁ ଗଣଦୌଡ଼



ଜୟପୁର ୭ ।୧୨ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ଠାରେ ସୀମା ସୁରକ୍ଷା ବାହିନୀ (ବିଏସଏଫ) ପକ୍ଷରୁ ଆୟୋଜିତ ଗଣଦୌଡରେ ଜୟପୁର ସମେତ କୋରାପୁଟ ଜିଲ୍ଲାର ବିଭିନ୍ନ ବର୍ଗର ଲୋକ ଭାଗ ନେଇଥିଲେ। ରବିବାର ପୂର୍ବାହ୍ନ ସାଢେ ୭ଟା ସମୟରେ ଆୟୋଜିତ ଏହି ଗଣଦୌଡ଼କୁ କାରାପୁଟ ବିଏସ୍ଏଫ୍ ଡିଭିଜନ ଡିଆଇଜି ସତ୍ୟବାନ କାଞ୍ଚି ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଦେଶରେ ବିଏସଏଫର ୬୧ତମ ବର୍ଷ ପୂର୍ତ୍ତି ତଥା ହୀରକ ବର୍ଷ ପାଳନ ନିମନ୍ତେ ଏହି ଗଣଦୌଡ ଆୟୋଜିତ ହୋଇଥିଲା। ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳପଡିଆ ଠାରେ ଆରମ୍ଭ ହୋଇ ସେଠାରେ ଶେଷ ହୋଇଥିଲା। ବିଭିନ୍ନ ବର୍ଗ ଓ ବୟସର ଲୋକଙ୍କୁ ନେଇ ବିଭିନ୍ନ ବର୍ଗରେ ୧୦ କିମି ଏବଂ ୫ କିମି ଗଣଦୌଡ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଉଭୟ ୧୦ ଏବଂ ୫ କିମି ବିଜେତା ପ୍ରତିଯୋଗୀ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୫ ହଜାର ଟଙ୍କା, ଦ୍ୱିତୀୟ ୧୦ ହଜାର ଓ ତୃତୀୟକୁ ୫ ହଜାର ଟଙ୍କାରେ ପୁରସ୍କୃତ କରାଯାଇଛି। ଏହି ୧୦ କିମି ଗଣଦୌଡରେ ପୁରୁଷ ବିଭାଗରେ ପ୍ରଥମ ସ୍ଥାନ ଅଶୋକ ଦଣ୍ଡସେନା, ୨ୟ ରଶ୍ମି ରଞ୍ଜନ ଏବଂ ୩ୟ ପବନ କୁମାର ଯାଦବ, ମହିଳା ବିଭାଗରେ ପ୍ରଥମ ସୁସ୍ମିତା ଟିଗା, ଦ୍ୱିତୀୟ ଦୟାମଣି ହରିଜନ, ତୃତୀୟ ଅଞ୍ଜଳି ତାଡଙ୍ଗି ପୁରସ୍କୃତ ହୋଇଥିଲେ। ସେହିପରି ୫ କିମି ବାଳକ ବିଭାଗରେ ପ୍ରଥମ ଦୟାନିଧି ମୁଣ୍ଡା, ଦ୍ୱିତୀୟ ଦୟାମଣି ଚିଗୁନ, ତୃତୀୟ ରବି ମୁଦୁଲି, ବାଳିକା ବିଭାଗରେ ପ୍ରଥମ ଅଞ୍ଜନା ଗରାଡେ, ଦ୍ୱିତୀୟ ଚାନ୍ଦିନି ବିସି ନାୟକ ଏବଂ ତୃତୀୟ ପୂର୍ଣ୍ଣ ମଲ୍ଲିକ ପୁରସ୍କୃତ ହୋଇଥିଲେ। ଡିଆଇଜି ଶ୍ରୀ ସତ୍ୟବାନ ଗଣଦୌଡରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାରେ ବିଏସଏଫ ଯବାନ ମାନଙ୍କ ଆପ୍ରାଣ ପ୍ରୟାସ ଯୋଗୁଁ ଏହି ଅଞ୍ଚଳରେ ଶାନ୍ତି ଫେରିବା ସହ ଉନ୍ନତୀମୂଳକ କାର୍ଯ୍ୟ ହୋଇପାରିଛି। ସମସ୍ତେ ନିଜର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚରେ ଉଦ୍‌ଘୋଷକ ଭାବେ ଓଡିଆ ସିନେ ତାରକା ପୁପିନ୍ଦର ଯୋଗଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବାଇକ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଜୟପୁର ୭ ।୧୨(ସମିସ) : ଜୟପୁର ସଦର ଥାନା ଅନ୍ତର୍ଗତ ଭୁତନାଥ ମନ୍ଦିର ନିକଟରେ ଗତକାଲି ରାତି ୧୦ ଟାରେ ବାଇକ୍ ଦୁର୍ଘଟଣାରେ ଘଟଣା ସ୍ଥଳରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତକ ଜଣକ ହେଲେ ବୈପାରିଗୁଡା ଥାନା କାରଣଗୁଡା ଗ୍ରାମର ବାଲି କିଚୟା (୩୦)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ସୁରେନ୍ଦ୍ର ଗୁଣ୍ଠା (୨୧)ଙ୍କୁ ପ୍ରଥମେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ଅବସ୍ଥା ଗୁରୁତର ଯୋଗୁଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଏହିପରି ମୃତକଙ୍କ ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୁଚନା ଦେଇଛନ୍ତି। ଏହିପରି ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ସାଂସଦ କ୍ରୀଡ଼ା ମହୋତ୍ସବ ପ୍ରସ୍ତୁତି



ଉମରକୋଟ,୭।୧୨ (ସମିସ): ଉମରକୋଟ ସ୍ଥିତ ଡିଏନ୍‌କେ ବଙ୍ଗଳା ଠାରେ ସାଂସଦ କ୍ରୀଡ଼ା ମହୋତ୍ସବ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଜେପି ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦଙ୍କ ପ୍ରତିନିଧ ରାମ ନାୟକ ଓ ବାସନ୍ତୀ ମାଝୀ , ଉମରକୋଟ ଇଣ୍ଡୋର୍ ଷ୍ଟାଡିୟମ୍ ପରିଚାଳକ ଅଶୋକ କୁମାର ସାହୁ, ହେଲଫ ଲାଇନ୍ କ୍ଲବର ନିର୍ଦ୍ଦେଶକ ତଥା ଜିଲ୍ଲା କ୍ରୀଡା ହକି ସମ୍ପାଦକ ଦୁର୍ଗା ପ୍ରସାଦ ମଲ୍ଲିକ, ଜିଲ୍ଲା ମହିଳା କ୍ରୀଡା ସଂଯୋଜିକା ଇଂ.ଚନ୍ଦନା ମଲ୍ଲିକ, ଜିଲ୍ଲା ବ୍ୟାଡମିଣ୍ଟନ ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ, ବରିଷ୍ଠ କ୍ରୀଡା ଶିକ୍ଷକ ଜଗବନ୍ଧୁ କାଣ୍ଡି , କିଶୋର ସିଲ ଓ ବଜୟ କୁମାରଙ୍କ ସହ ବରିଷ୍ଠ ନାଗରିକ ବାବୁଲା ସାହୁ। ଏହି ବୈଠକରେ ସଭାପତି ସଭାପତିତ୍ୱ କରିଥିଲେ ସାଂସଦଙ୍କ ପ୍ରତିନିଧି ଶ୍ରୀରାମ ନାୟକ। ବୈଠକକୁ ପରିଚାଳନା କରିଥିଲେ ଇଂ.ଚନ୍ଦନା ମଲ୍ଲିକ। ବୈଠକରେ ବ୍ଲକ ଉମରକୋଟ ମ୍ୟୁସିପାଲିଟି ସ୍ଥିତ ଉଚ୍ଚ ବିଦ୍ୟାଳୟର ସମସ୍ତ କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ ସହ ବୁର୍ଜା ମଣ୍ଡଳ, ବେହେଡା ମଣ୍ଡଳ, ଖଣ୍ଡା ମଣ୍ଡଳର ଓ ଉମରକୋଟ ସହରର ବରିଷ୍ଠ ନାଗରିକ ତଥା କ୍ରୀଡା ପ୍ରେମୀ ସହ ବରିଷ୍ଠ ଦଳୀୟ କର୍ମୀ ମାନେ ଉପସ୍ଥିତ ରହି ଖେଳ କିପରି ସୂଚାରୁ ରୂପେ ପରିଚାଳନା ହୋଇପାରିବ ମତାମତ ପ୍ରଦାନ କରିଥିଲେ। ଖେଳଟି ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଉପସ୍ଥିତ କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଉପସ୍ଥିତ ସଭ୍ୟମାନଙ୍କୁ ବିଭିନ୍ନ ଖେଳର ଦାୟିତ୍ୱ ବଣ୍ଟନ ସହ ଅନ୍ୟାନ୍ୟ ଦାୟିତ୍ୱ ବଣ୍ଟନ କରାଯାଇଥିଲା ।ଶେଷରେ ଉପସ୍ଥାପିତ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ସଦସ୍ୟ ମାନକୁ ଧନ୍ୟବାଦ ଅର୍ପଣ କରିଥିଲେ ସାଂସଦ ପ୍ରତିନିଧି ରାମ ନାୟକ।

## ବାଇକ୍ ଦୁର୍ଘଟଣା; ଜଣେ ମୃତ ଓ ୨ ଗୁରୁତର

ବୈପାରୀଗୁଡ଼ା, ୭।୧୨(ସମିସ): ମୁଣ୍ଡାଗୁଡା ପୋଲ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣଙ୍କ ଜୀବନ ଯାଇଥିବା ବେଳେ ୨ ଗୁରୁତର ଅବସ୍ଥାରେ ମେଡି କାଲରେ ଭର୍ତ୍ତି ହୋଇଛନ୍ତି । ବୈପାରୀଗୁଡା ଥାନା ଅନ୍ତର୍ଗତ ଗୁପ୍ତେଶ୍ୱର ରାସ୍ତା ମୁଣ୍ଡାଗୁଡା ପୋଲ ନିକଟରେ ଆଜି ସନ୍ଧ୍ୟା ୭ଟା ସମୟରେ ଏଭଳି ଅଘଟନ ଘଟିଛି। ମୃତକ ବ୍ୟକ୍ତି ମାଝିଗୁଡା ଗ୍ରାମର ଧନୁର୍ଜୟ ମାଝୀ (୫୬) ଏବଂ ଗୁରୁବାର ବ୍ୟକ୍ତି ଲେପାଗୁଡା ଗାଁର ବିକାଶ ଖରା (୧୭) ଓ ଡୁମୁରିଗୁଡା ଗାଁର ଧନୁର୍ଜୟ ନାୟକ (୫୫) ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଧନୁର୍ଜୟ ମାଝୀ ଏବଂ ଧନୁର୍ଜୟ ନାୟକ ବୈପାରୀଗୁଡା ଠାରୁ ମାଝୀଗୁଡା ଅଭିମୁଖେ ଗୋଟିଏ ବାଇକ୍‌ରେ ଯାଉଥିଲେ। ହେଲେ ରାସ୍ତା ପାଶ୍ୱର୍ରେ ପଡିଥିବା ମାଟି ଯୋଗୁଁ ଭାରସାମ୍ୟ ହଇରାଇ ଚାଲି ଚାଲି ଯାଉଥିବା ବିକାଶ ଖରା ଏବଂ ତାଙ୍କ ସାଥିଙ୍କୁ ପଛ ପଟୁ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ୩ ଗୁରୁତର ଥିବା ଯୋଗୁଁ ବୈପାରୀଗୁଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କୁ ଜୟପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । କିନ୍ତୁ ଧନୁର୍ଜୟ ମାଝୀ ଜୟପୁର ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି।

# ଶିକ୍ଷକଙ୍କ ବିଦାୟକାଳୀନ ସଭା

ବୈପାରୀଗୁଡ଼ା,୭।୧୨(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ରାମଗିରି କଷ୍ଟର ଚାମିଲିକୁଣ୍ଡ ପ୍ରାଥମିକ ବିଦ୍ୟାଳୟ ଠାରେ ଶିକ୍ଷକ ସୋନାତନ ସାମଲଙ୍କ ବିଦାୟକାଳୀନ ସମର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶ୍ରୀ ସାମଲଙ୍କୁ ଅନ୍ୟତ୍ର ବଦଳି ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଶିକ୍ଷକ ସୋନାତନ ସାମଲଙ୍କୁ ଫୁଲତୋଡ଼ା ଓ ଉପଢୌକନ ଦେଇ ସମର୍ଦ୍ଧନା ପ୍ରଦାନ କରାଯାଇଛ। ଏହି ବିଦ୍ୟାଳୟରୁ ତାଙ୍କର ଚାକିରି ଆରମ୍ଭ ହୋଇଥିବା ବେଳେ ୧୩ବର୍ଷ ପରେ ଏବେ ଅନ୍ୟତ୍ର ବଦଳି ହୋଇଛନ୍ତି । ଚାମିଲିକୁଣ୍ଡ ବିଦ୍ୟାଳୟର ଉନ୍ନତି ଦିଗରେ ସେ ନିଜର ଦାୟିତ୍ୱ ଅତି ଗୁରୁତର ସହ ସମ୍ପାଦନ କରିଥିବା ଆଜି ତାଙ୍କୁ ସମସ୍ତେ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଧାନ ଶିକ୍ଷକ ଦେବି ପ୍ରସାଦ ମହାନ୍ତି, ସିଆରସିସି ଅକ୍ଷୟ ପ୍ରସାଦ ମହାନ୍ତି, ଶିକ୍ଷକ ମଧ୍ୟରୁ ଲୋକିରାମ ଗୌଡ଼, ଗଙ୍ଗାଧର ପ୍ରଧାନୀ, ସତ୍ୟ ନାରାୟଣ ପଣ୍ଡା, ଜଗବନ୍ଧୁ ମାଝୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିନାଥ ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ।



## କାଶିପୁର ବ୍ଲକ୍ ଶୌଣ୍ଡିକ ସଂଘର ବୈଠକ



ଟିକିରି,୭।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଶୌଣ୍ଡିକ ସଂଘର ଏକ ବୈଠକ ପୋଡାପାଡି ପଞ୍ଚାୟତ ଅନ୍ତର୍ଗତ କଂସାରୀଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଜୟ ରତ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ୩୩ ଜଣ ପରିଚାଳନା କମିଟିକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ମାସ ୨୪ ତାରିଖ ଦିନ ସଂଘର ସାଧାରଣ ବୈଠକ ଓ ବନ୍ଧୁମିଳନ ପାଇଁ ଆଲୋଚନା ହୋଇଥିଲା। ଆୟବ୍ୟାୟର ହିସାବ ହେବା ସହ ସଂଘର ନୂତନ ଗୃହ କାମ ଚାଲିଥିବା ଯାଗାରେ ବେଦାନ୍ତକୁ ବକ୍ସାଇଡ ନେବା ପାଇଁ ଡମ୍ପିଙ୍ଗ ୟାର୍ଡ କାର୍ଯ୍ୟ ଚାଲୁଥିବାରୁ ଗୃହକାର୍ଯ୍ୟ ବନ୍ଦ ରଖିବା ସହ କମ୍ପାନୀ ସହ ଆଲୋଚନା କରି କ୍ଷତିପୂରଣ ଆକଳନ କରି ଦିଆଯାଉ ବୋଲି ଆଲୋଚନା ହୋଇଥିଲା। ଶେଷରେ ସଂଘର ସମ୍ପାଦକ ଡମ୍ବୁରୁ ଧର ସାହୁ ଉପସ୍ଥିତ ଥିବା ସମସ୍ତ ପରିଚାଳନା କମିଟିର ସଦଶ୍ୟ ଓ ଆୟୋଜନ କରିଥିବା କଂସାରୀଗୁଡାବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଚୋରି ଟ୍ରାକ୍ଟର ଜଙ୍ଗଲରୁ ଉଦ୍ଧାର

ପାପଡାହାଣ୍ଡି,୭।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ସଦର ମହାକୁମାରେ ଗତ ଏକ ତାରିଖ ଦିନ ଚୋରି ହୋଇଥିବା ଟ୍ରାକ୍ଟରକୁ ରବିବାର ହାତୀ କାନ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ଚୋରି ହୋଇଥିବା ଟ୍ରାକ୍ଟରଟି ଗ୍ରାମର ଖେମରାଜ ହରିଜନଙ୍କର। ସେ ରାତିରେ ଘର ନିକଟରେ ଟ୍ରାକ୍ଟର ରଖିଥିଲେ। କେହି ଦୁର୍ବୃତ୍ତ ଟ୍ରାକ୍ଟରକୁ ଚୋରି କରି ନେଇ ଯାଇଥିଲେ। ସକାଳୁ ଏହା ଜାଣିବା ପରେ ପାପଡାହାଣ୍ଡି ପୁଲିସକୁ ଖବର ଦେଇଥିଲେ। ଚାରିଆଡେ ଖୋଜା ଖୋଜି ମଧ ଚଳାଇଥିଲେ। କେଉଁଆଡେ ସନ୍ଧାନ ନ ପାଇବାରୁ ପାଞ୍ଚ ତାରିଖ ଦିନ ପାପଡାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଏ ନେଇ ପୁଲିସ କେସ ନମ୍ବର ୨୪୫/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ରବିବାର ହାତୀ କାନ ଜଙ୍ଗଲ ନିକଟରେ ଟ୍ରାକ୍ଟରଟି ରହିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଉଦ୍ଧାର କରି ଖେମରାଜଙ୍କୁ ହସ୍ତାନ୍ତର କରିଥିଲେ। ଚୋରକୁ ଧରିବାକୁ ଦାବି ହୋଇଛି ।

# ଜିଲ୍ଲା କଳାକାର ସମ୍ମିଳନୀ



ରାୟଗଡ଼ା,୭।୧୨(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ବଡ଼ ଚମ୍ପିଆ ଗ୍ରାମ ଠାରେ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ପକ୍ଷରୁ କଳାକାର ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସଭାପତି ସନ୍ତୋଷ କୁମାର ବଛା ଉପସ୍ଥିତ ରହିଥିବା ବେଳେ ମୁଖ୍ୟ ଅତିଥି ଭାବେ ମୁକୁନ୍ଦପୁର ବିଜେପି ମଣ୍ଡଳ ସଭାପତି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ କୁନି ମାଣ୍ଡାଙ୍ଗି, ସମିତି ସଭ୍ୟା ସୁଜାତା ତୁଳ, ନାଟ ଗୁରୁ ରାଜାରାଓ ମୁଟିକା, ଦାଶରଥି ଶବର, କଳାକାର ନାଗେଶ୍ୱର ହାରାକା, ରାମଚନ୍ଦ୍ର ତାଡ଼ିଙ୍ଗି ମଞ୍ଚାସୀନ ରହିଥିଲେ। ଏଥିରେ ମୁଖ୍ୟତଃ କଳାକାର ମହାସଂଘ ମାଧ୍ୟମରେ ସ୍ଥାନୀୟ କଳାକାର ସଂଗଠିତ ହୋଇ ଆଞ୍ଚଳିକ ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର କରିବା ସହ କଳାକାରଙ୍କ ଜୀବନ ଜୀବିକା ସୁଦୃଢ଼ ହୋଇ କେମିତି ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ହେବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରଶାସନ ଓ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରି ସମାଜରେ ଜନ ସଚେତନ ଆଣିବା ସହ ଅଧିକରୁ ଅଧିକ ଲୁକ୍କାୟିତ କଳାକାରଙ୍କୁ ଚିହ୍ନଟ କରି ଲୋକଲୋଚନ କରିବା ପାଇଁ ଜିଲ୍ଲା ସଭାପତି ଆହ୍ୱାନ କରିଥଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି କଳାକାରଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

## ତୁରନ୍ତ ଧାନମଣ୍ଡି ଖୋଲିବାକୁ ଦାବି

# ‘କଟ୍‌ନୀ ଛଟ୍‌ନୀରେ ଚାଷୀଙ୍କୁ ଶୋଷଣ ବନ୍ଦ ହେଉ’



ଜୟପୁର,୭ ।୧୨(ସମିସ) : କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡର ଉମୁରୀ ଲ୍ୟାମ୍ପସ ଅଧୀନରେ ପଞ୍ଜିକରଣ କରିଥିବା ୧୧ଟି ଗ୍ରାମପଞ୍ଚାୟତର ଚାଷୀ ମାନେ ଆଜି ସ୍ଥାନୀୟ ଉମୁରୀ ଠାରେ ଆଞ୍ଚଳିକ ନିୟନ୍ତ୍ରିତ ବଜାର କମିଟି ପରିସରରେ ଜମା ହୋଇ ଏକ ବୈଠକ ଆୟୋଜିତ କରିଥିଲେ। ଏଥିରେ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ରାଜ୍ୟ ଉପସଭାପତି ରବିନାରାୟ ନନ୍ଦ ଯୋଗଦେଇଥିଲେ। ତୁରନ୍ତ ଧାନ ମଣ୍ଡିର ଉଦ୍‌ଘାଟନ କରିବା ସହ ଚାଷୀଙ୍କ ଅମଳ ଧାନ କ୍ରୟ କରିବାକୁ ବୈଠକର ନିଷ୍ପତି ହୋଇଥିଲା। ଚାଷୀ ମାନେ ସେମାନଙ୍କ ଅମଳ ଧାନ କାଟିବା ସହ ମଣ୍ଡିରେ ଧାନ ବିକ୍ରି ପାଇଁ ଅପେକ୍ଷା କରିଛନ୍ତି। ଧାନ ବିକ୍ରି ଟଙ୍କାରେ ଋଣ ସୁଝିବା ଏବଂ ଆଗାମୀ ରବିଧାନ ଚାଷ ପାଇଁ ପ୍ରସ୍ତୁତ ହେବା ପାଇଁ ଟଙ୍କାର ଆବଶ୍ୟକତା ରହିଥିବା ଯୋଗୁଁ ପଞ୍ଜିକୃତ ଚାଷୀ ମାନଙ୍କୁ ବିକ୍ରି କରିବାକୁ ସୁଯୋଗ ଦେବାକୁ ଦାବି କରାଯାଇଛି। ପୂର୍ବରୁ ଚାଷୀଙ୍କ ଅମଳ ଧାନ ନିମ୍ନମାନର ଦର୍ଶାଇ କଟନୀ ଛଟନୀ ନାମରେ ଚାଷୀଙ୍କଠାରୁ କ୍ୱିଣ୍ଟାଲ ପିଛା ୨ରୁ ୫ କିଲୋଗ୍ରାମ ପର୍ଯ୍ୟନ୍ତ ଦାବି କରୁଛନ୍ତି। ତେଣୁ ଚଳିତ ବର୍ଷ କଟ୍‌ନୀ ଛଟ୍‌ନୀ ଯୋଗୁଁ ଚାଷୀ ମାନେ ଶୋଷଣ ହେଉଛନ୍ତି। ତେଣୁ କଟ୍‌ନୀ ଛଟ୍‌ନୀକୁ ତୁରନ୍ତ ବନ୍ଦ କରାଯିବା ସହ ବିଧିବଧ ଭାବେ ମଣ୍ଡିର ଶୁଭାରମ୍ଭ କରାଯାଇ ଚାଷୀଙ୍କ ଧାନ କ୍ରୟ କରିବା ସହିତ କେନ୍ଦ୍ର ସରକାର ଚଳତି ବର୍ଷ କ୍ୱିଣ୍ଟାଲ ପିଛା ୬୯ ଟଙ୍କା ଧାନ ମୂଲ୍ୟ ବୃଦ୍ଧି କରିଛନ୍ତି। ସମସ୍ତ ଚାଷୀଙ୍କ ସରକାରୀ ଧାର୍ଯ୍ୟ କ୍ୱିଣ୍ଟାଲ ପିଛା ୨୩୬୯ ଟଙ୍କା ଏବେ ବୋନସ ବାବଦକୁ ୮ଶହ ଟଙ୍କା ଏହିପରି ସମୁଦାୟ ୩୧୬୯ ଟଙ୍କା ଚାଷୀଙ୍କ ଧାନ ବିକ୍ରି ପରେ ତୁରନ୍ତ ବ୍ୟାଙ୍କ ଏକାଉଣ୍ଟ ମାଧ୍ୟମରେ ପ୍ରଦାନ କରିବାକୁ ବୈଠକ ନିଷ୍ପତି ଅନୁଯାୟୀ ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦ ଦାବି କରିଛନ୍ତି। ଏହିପରି ଚାଷୀ ଅମଳ ଧାନ ମଣ୍ଡିରେ ଯଥା ସମୟରେ ବିକ୍ରି ହୋଇ ନ ପାରିଲେ ଏହାର ସୁଯୋଗ ନେଇ କିଛି ଅସାଧୁ ଧାନ ବ୍ୟବସାୟୀ ଏବଂ ମହାଜନ ମାନେ ସରକାରୀ ଧାର୍ଯ୍ୟ ଠାରୁ ପ୍ରାୟ ୫ ଶହରୁ ଏକ ହଜାର ଟଙ୍କା ପର୍ଯ୍ୟନ୍ତ କମ୍ ମୂଲ୍ୟରେ ଧାନ କ୍ରୟ କରିବା ସହ ଚାଷୀଙ୍କୁ ଶୋଷଣ କରୁଥିବା ନେଇ ଅଭିଯୋଗ କରିଛନ୍ତି। ଚାଷୀଙ୍କ କୌଣସି ସମସ୍ୟା ହେଲେ କିମ୍ବା ପ୍ରତାରିତ କରାଗଲେ ଆଗାମୀ ଦିନରେ ଚାଷୀ ମାନେ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଧିବଧ ଭାବେ ଧାନ ମଣ୍ଡି ଶୁଭାରମ୍ଭ କରିବା ସହ ପଞ୍ଜିକୃତ ଚାଷୀ ମାନଙ୍କୁ ଟୋକେନ ପ୍ରଦାନ କରିବାକୁ ଦାବି କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ପାଣିପଞ୍ଚାୟତ କମିଟିର ବରିଷ୍ଠ କର୍ମକର୍ତ୍ତା ସଦାଶିବ ତ୍ରିପାଠୀ, ବାଲିଙ୍କି ରାଓ, ଶିବ ପଟ୍ଟନାୟକ, ରାଜେନ୍ଦ୍ର ରଥ ଏବଂ ୧୧ଟି ଗ୍ରାମପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ଥିଲେ।





ଗୁଡାରୀରେ ମା' ଧନଲକ୍ଷ୍ମୀଙ୍କ ପୂଜା

## ସମସ୍ୟା ସମାଧାନ ନହେଲେ ରାସ୍ତାରୋକ କରିବେ ଗୋରଖପୁରବାସୀ

ଟିକିରି,୭।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଗୋରଖପୁର ପଞ୍ଚାୟତ ଗୋରଖପୁର ଗ୍ରାମରେ ବହୁ ସମସ୍ୟା ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପିଇବା ପାଣି, ରାସ୍ତା, ମୋବାଇଲ୍ ଟାୱାର ସହ ସ୍ଥାନୀୟ ମେଡିକାଲରେ ଡାକ୍ତର ପଦବୀ ଖାଲି ରହିଛି। ଗୋରଖପୁର ଗ୍ରାମବାସୀଙ୍କ କହିବା ଅନୁଯାୟୀ ଯେଉଁ ସବୁ ସମସ୍ୟା ରହିଛି, ତାହାର ସମାଧାନ ପାଇଁ ବହୁତ ଥର ବ୍ଲକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନଙ୍କୁ ମଧ୍ୟ ଅବଗତ କରାଯାଇଛି। କିନ୍ତୁ ଆଜି ଯାଏ କୌଣସି ସମସ୍ୟା ସମାଧାନ ହେଇ ପାରୁନାହିଁ। ଫଳରେ ଗୋରଖପୁର ଗ୍ରାମର କେତେକ ଲୋକ ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ କାଶିପୁର ତହସିଲ ଅଫିସରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଏହି ସମସ୍ୟାର ସମାଧାନ ନ ହୁଏ, ତାହେଲେ ଚଳିତ ମାସ ୮ ତାରିଖରୁ ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି ଗୋରଖପୁର ଗ୍ରାମବାସୀ।

# ଘନ କୁହୁଡ଼ି ଓ ଶୀତରେ ଥରୁଛି କୋରାପୁଟ

କୋରାପୁଟ,୭।୧୨(ସମିସ):

ପ୍ରବଳ ଥଣ୍ଡା ସହ ଘନ କୁହୁଡିର ଆସ୍ତରଣରେ ଥରୁଛି କୋରାପୁଟ। ମାଳଭୂମୀକୁ ଶୀତ କଡ଼ ଲେଉଟାଇଛି। ସକାଳ, ସନ୍ଧ୍ୟା ଓ ରାତିରେ ପ୍ରବଳ ଶୀତ ଅନୁଭୂତ ହେଉଛି।। ସହର ଏବଂ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଛି କୁହୁଡିର ବହଳିଆ ଆସ୍ତରଣ। ସତେ ଯେମିତି ଧଳା ଚାଦର ତଳେ ପୁରା ମାଳଭୂମୀ। ଗାଡି ଚଳାଚଳ ସହ ଜନଜୀବନ ଉପରେ ପ୍ରଭାବ ପଡୁଛି। କୋରାପୁଟ, ସୁନାବେଡା, ସେମିଳିଗୁଡା, ଦାମନଯୋଡି ଭଳି ସହରରେ ପାରଦ ଖସି ଆସୁଥିବା ବେଳେ ଗ୍ରାମାଞ୍ଚଳରେ ପ୍ରବଳ ଥଣ୍ଡା ହେଉଛି। ଶୁଙ୍କି, ପଟାଙ୍ଗୀ ଓ ଜୟପୁର ଭଳି ଘାଟି ଅଞ୍ଚଳରେ ୨୦ ମିଟରରୁ ଅଧିକ ରାସ୍ତା ଦେଖାଯାଇନଥିବାରୁ ଜାତୀୟ ରାଜପଥରେ ଗାଡି ଚଳାଚଳ ବିଳମ୍ବ ହେଉଛି। ଅନ୍ୟପଟେ ଗ୍ରାମାଞ୍ଚଳରେ ଜନଜୀବନ ସ୍ୱାଭାବିକ ହେବା ପାଇଁ ସମୟ ଲାଗୁଛି। କୋରାପୁଟରେ ଶୀତର ପରିମାଣ ବଢ଼ିଲାଣି। ଡିସେମ୍ବର ମାସରେ ପାରଦ କ୍ରମାଗତ ଭାବେ ଖସୁଥିବାବେଳେ ଗତ ୬ ତାରିଖ ଦିନ କୋରାପୁଟ ସହରରେ ୧୦.୮ ଡିଗ୍ରୀକୁ ଖସିଛି ପାରଦ। ଆଜି ସକାଳେ ତାପମାତ୍ରା ୧୦.୩ ରହିଥିବା ବେଳେ ଯାହାକି ଚଳିତ ବର୍ଷର ଦ୍ୱିତୀୟ ସର୍ବନିମ୍ନ ତାପମାତ୍ରା ବୋଲି ଜିଲ୍ଲା ଜରୁରୀ କାଳିନ ବିଭାଗ ତରଫରୁ ଜଣାପଡିଛି। ଚଳିତ ମାସ ୪ ତାରିଖ ଦିନ ୧୧ ଡିଗ୍ରୀ ତାପମାତ୍ରା ଏବଂ ୫ ତାରିଖ ଦିନ ୧୦.୯ ଡିଗ୍ରୀ ତାପମାତ୍ରା ରହିଥିବା ଜଣାପଡିଛି। ଆଜି ମଧ୍ୟ ସନ୍ଧ୍ୟାରୁ ପ୍ରବଳ ଶୀତ ଅନୁଭୂତ ହେଉଥିବା ବେଳେ ତାପମାତ୍ରା ଧିରେ ଧିରେ କମୁଥିବା ଜଣାପଡିଛି। ସେହି ଅନୁସାରେ ଜିଲ୍ଲାର ସେମିଳିଗୁଡା, ପଟାଙ୍ଗୀ, ଦାମନଯୋଡି ଆଦି ସ୍ଥାନରେ ୩ଦିନ ହେଲା ତାପମାତ୍ରା ଖସୁଛି। ସଞ୍ଜ ନଇଁବା ପରେ ଦେହ ଥରୁଥିବା ବେଳେ ରାତିରେ ଥଣ୍ଡାର ପ୍ରକୋପ ବଢୁଥିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। କୋରାପୁଟରେ ହାଡ ଭଙ୍ଗା ଜାଡର ପ୍ରଭାବରେ ଲୋକ ମାନେ ଘରୁ ବାହାରିପାରୁ ନାହାନ୍ତି। ସକାଳେ ଚା ପାଇଁ ଦୋକାନରେ ଭିଡ ଲାଗୁଛି। ସକାଳ ୯ଟା ପୂର୍ବରୁ ଲୋକେ ଘରୁ ପଦାକୁ ବାହାରି ପାରୁ ନାହାନ୍ତି। ସଞ୍ଜ ନଇଁବା କ୍ଷଣି ଏବେ ଥଣ୍ଡା ମାଡି ଆସୁଛି। ଥଣ୍ଡା ବଢିବା ସହ ଘନ କୁହୁଡି କାରଣରୁ ଜନଜୀବନ ମଧ୍ୟ ବେଶ ପ୍ରଭାବିତ ହେଉଛି। ସେପଟେ କିଛି ଦିନ ହେବ ଜିଲ୍ଲାରେ ଥଣ୍ଡା ଅଧିକ ଥିବା ଜଣାପଡୁଛି। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଏଠାରେ ପର୍ଯ୍ୟଟକଙ୍କ ଭିଡ ଲାଗୁଛି। କିନ୍ତୁ ଶୀତ ବଢୁଥିବାରୁ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ଏଠାରେ ବୃଦ୍ଧି ପାଉଛି। ଜିଲ୍ଲାର କୋରାପୁଟ,ଲକ୍ଷ୍ମୀପୁର , ସେମିଳିଗୁଡା, ପଟାଙ୍ଗି ଓ ଲମତାପୁଟ ବ୍ଲକରେ ସର୍ବାଧିକ ଶୀତ ଅନୁଭୂତ ହେଉଥିବାବେଳେ ଅନ୍ୟାନ୍ୟ ବ୍ଲକରେ ମଧ୍ୟ ଶୀତର ଲହରି ଆରମ୍ଭ ହୋଇଯାଇଛି। ଏନେଇ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁମିତ ଭୂଷଣ କହିଛନ୍ତି ଜିଲ୍ଲାରେ ଶୀତ ବଢି ବଢି ଚାଲିଛି। ନିରାଶ୍ରୟ ମାନଙ୍କ ପାଇଁ ସହରାଞ୍ଚଳରେ ୫ଟି ଓ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ରାତ୍ର ଆଶ୍ରୟ ସ୍ଥଳୀ ଖୋଲା ଯାଇଛି। କୌଣସି ବ୍ୟକ୍ତି ରାତି ଥଣ୍ଡାରେ ଯେପରି ବାହାରେ ନ ଶୁଅନ୍ତି, ସେଥିପାଇଁ ବିଶେଷ ଧ୍ୟାନ ଦିଆଯିବା ସହ ଲୋକ ମାନଙ୍କୁ ରାତ୍ର ଆଶ୍ରୟସ୍ଥଳୀକୁ ନେବା ପାଇଁ ସ୍ୱତନ୍ତ୍ର ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଗକୁ ରେଡକ୍ରସ ତରଫରୁ କମ୍ବଳ ବଣ୍ଟନ ନେଇ ମଧ୍ୟ ଯୋଜନା ଥିବା ସେ କହିଛନ୍ତି।



## ୨୮ ବର୍ଷୀୟ ଯୁବକ ଭତ୍ତା ପାଇବା ଗୁମର ଖୋଲୁଛି



ନନ୍ଦପୁର, ୭।୧୨ (ସମିସ): ୨୮ ବର୍ଷୀୟ ଯୁବକ ଭତ୍ତା ପାଇବା ଗୁମର ଖୋଲିବାରେ ଲାଗିଛି । ବର୍ଷେରୁ ଅଧିକ ସମୟ ହେଲା ମାସିକ ଏକ ହଜାର ଟଙ୍କା ଲେଖାଁଏ ଭତ୍ତା ତାଙ୍କ ବ୍ୟାଙ୍କ୍ ଖାତା ଆସୁଛି। ଭତ୍ତା ପାଇବାକୁ ସୁକାନ୍ତଙ୍କ ଚଞ୍ଚକତା ପର୍ଦ୍ଦାଫାଶ ହେବାରେ ଲାଗିଛି। ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ନିଜକୁ ଅର୍ନ୍ତଭୁକ୍ତ କରି ନିଜ ପିତାଙ୍କ ଆଧାର କାର୍ଡ, ଭୋଟର କାର୍ଡ ସହ ବିକଳାଙ୍ଗ ମେଡିକାଲ ସାର୍ଟିଫିକେଟ ଜାଲିଆତି କରି ନିଜ ବ୍ୟାଙ୍କ୍ ଆକାଉଣ୍ଟରେ ପିତାଙ୍କ ଫୋଟ ଲଗାଇ ପ୍ରତି ମାସିରେ ପାଇ ଚାଲିଛନ୍ତି ଭତ୍ତା। ଏ ସମ୍ପର୍କରେ 'ସକାଳ' ରେ ପ୍ରକାଶିତ ହେବା ପରେ ଚଞ୍ଚକତାର ସବୁ ଗୁମର ଖୋଲି ଯାଇଛି। ଏଭଳି ଘଟଣା ଘଟିଛ କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ, ବନମାଳୀପୁଟ ପଞ୍ଚାୟତ ସଦରରେ। ଯୁବକ ଜଣକ ହେଲେ ସେହି ଗ୍ରାମର ସୁକାନ୍ତ ନାୟକ(୨୮)। କେଉଁ ଆଧାରରେ ପ୍ରତି ମାସରେ ସେ ଭତ୍ତା ହାତଉଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୁକାନ୍ତ ନାୟକଙ୍କ ନିଜର ତେଜରାତି ଦୋକାନ ସହ ସିଏସସି ଜନସେବା କେନ୍ଦ୍ର ମଧ୍ୟ ରହିଛି। ଖାଲି ଏତିକି ନୁହେଁ, ତାଙ୍କ ଆଧାର କାର୍ଡ ରେ ଠିକଣା ବନମାଳୀପୁଟ ଥିବା ବେଳେ ବିମାରିପୁଟ ଠିକଣାରେ ହାତଉଛନ୍ତି ଭତ୍ତା ପଇସା। ଗୋଟେ ପଟେ ବାର୍ଦ୍ଧକ୍ୟ ତଥା ପ୍ରକୃତ ହିତାଧିକାରୀଙ୍କୁ ଭତ୍ତା ମିଳୁ ନଥିବା ବେଳେ ଅନ୍ୟ ପଟେ ଯୁବକ ଭତ୍ତା ପାଉଥିବା ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏ ସମ୍ପର୍କରେ ଲମତାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତଦନ୍ତ ପରେ ବିହୀତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଉଛି। ସମ୍ପୃକ୍ତ ଭତ୍ତା ଧାରୀ ସୁକାନ୍ତ କହିଛନ୍ତି, ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସୁଛି ବୋଲି ଖବର କାଗଜରେ ପ୍ରକାଶିତ ହେବା ପରେ ସେ ବ୍ୟାଙ୍କ୍ ଖାତାକୁ ଅପ୍ ଡେଟ କଲା ପରେ ଜାଣିଥିଲେ। ସେ ସମସ୍ତ ଟଙ୍କା ଫେରାଇ ଦେବେ ବୋଲି କହିଛନ୍ତି। ନିଜ ବ୍ୟବସାୟ ଅନୁଷ୍ଠାନ ଟଙ୍କାର ହିସାବ ରଖୁ ଥିବା ବେଳେ ବର୍ଷ ବର୍ଷ ଧରି ବ୍ୟାଙ୍କ୍ ଖାତା ଆସୁଥିବା ଏକ ହଜାର ଟଙ୍କା କେମିତି ତନଖି ରଖି ପରିଲେ ନାହିଁ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ଦାମନଯୋଡ଼ିରେ ଗୀତା ଜୟନ୍ତୀ

ଦାମନଯୋଡ଼ି, ୭।୧୨(ସମିସ):



ନାଲ୍କୋ ଟାଉନସିପ ସେକ୍ଟର-୧ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ପବିତ୍ର ଗୀତା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳେ ସୂର୍ଯ୍ୟ ପୂଜା,ଘଟ ସ୍ଥାପନ,ଗଣପତିଙ୍କ ପୂଜାପରେ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗୀତାର ସମସ୍ତ ଅଷ୍ଟାଦଶ ଅଧ୍ୟାୟ ପାଠ ସହିତ ପ୍ରତି ଶ୍ଲୋକରେ ଆହୂତି ପ୍ରଦାନ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ସମୂହ ଗୀତାପାଠ କରିଥିଲେ। ମନ୍ଦିର ପୁରୋହିତ ରାମକୃଷ୍ଣ ମିଶ୍ର, ପୂଜକ ଅଜୟ କୁମାର ପଣ୍ଡା, ଅମୀୟ କୁମାର ସାମନ୍ତରାୟ ଓ ବିପିନ ବିହାରୀ ପଣ୍ଡା ପୂଜା କାର୍ଯ୍ୟ କରିଥିଲେ। ସଂସ୍କୃତ ଶିକ୍ଷକ ସୁଭାଶିଷ ରଥ ଗୀତାପାଠ କରିଥିଲେ। ସୁଶାନ୍ତ କୁମାର ଦାଶ ଓ ପତ୍ନୀ ସରୋଜିନୀ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନକୁଳ ଚରଣ ପତି, ମୂରଲୀଧର ମହାପାତ୍ର, ଶ୍ରୀକାନ୍ତ ପାଣିଗ୍ରାହୀ, ଜଳେନ୍ଦ୍ର ତ୍ରିପାଠୀ ଓ ସନ୍ତୋଷ କୁମାର ପଣ୍ଡା ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ନାଲ୍କୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ, ଉପସଭାପତି ବିଚ୍ଛନ୍ଦ ଚରଣ ଦାଶ, ସମ୍ପାଦକ କୈଳାସ ଚନ୍ଦ୍ର ସେନାପତି, ପୂର୍ବତନ ସମ୍ପାଦକ ରାଜେନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ପି.କେ.ମହାରଣା ଓ ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀଙ୍କ ସହିତ ଶିଶିର ପରିଡ଼ା, ରଞ୍ଜନ କୁମାର ବେହେରା,ଅନାମ ଚରଣ ନାୟକ, ପ୍ରକାଶ କୁମାର ଦ୍ୱିବେଦୀ, ମଧୁସୂଦନ ପଣ୍ଡା, ଡଃ ଅଶୋକ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରକାଶ ଚନ୍ଦ୍ର ସାହୁ, ଗୌତମ ସାହୁ, ଖଦାଳ ନାୟକ, ରବୀନ୍ଦ୍ର ନାଥ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଜୟପୁର,୭ ।୧୨(ସମିସ): ଜୟପୁର ବିକ୍ରମଦେବ କଳା ଓ ଚାରୁକଳା ବିଦ୍ୟାଳୟ ସୀମାଦ୍ରି ମହାରଣା କଳା ଭବନ ପରିସରରେ ପରବ ମହୋତ୍ସବ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଯଶୋଦା ଗାଦାବାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ୬୫ ଜଣ ଚିତ୍ରଶିଳ୍ପୀ ଭାଗ ନେଇଥିଲେ। କନିଷ୍ଠ ବିଭାଗ, ବରିଷ୍ଠ ବିଭାଗ ଓ ସର୍ବକନିଷ୍ଠ ବିଭାଗ ଏହିପରି ୩ଟି ବିଭାଗରେ ଆଜି ଚିତ୍ରକଳା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଲମତାପୁଟ, ବୈପାରିଗୁଡା, ବୋରିଗୁମ୍ମା, ନନ୍ଦପୁର, ସିମିଳିଗୁଡା, ଦଶମନ୍ତପୁର, ଜୟପୁର, କୋଟପାଡ ବ୍ଲକର ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ପି. ଶ୍ରୀନିବାସ, ନରସିଂହ ପ୍ରସାଦ ଷଡଙ୍ଗୀ, ପଦ୍ମଚରଣ ଚୌଧୁରୀ, ଦୀପକ କୁମାର ଦାସ ତଥା କଳା ବିଦ୍ୟାଳୟର ପ୍ରଶିକ୍ଷକ କ୍ରୀଷ୍ଣା ପାଙ୍ଗୀ ଓ ସୌଭାଗ୍ୟ ରଞ୍ଜନ ପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର କର୍ମଚାରୀ କେ. ସୁନିଲ କୁମାର ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଆସନ୍ତା ୮ ତାରିଖ କଳା ବିଦ୍ୟାଳୟ ପ୍ରଦର୍ଶନୀରେ ପୁରସ୍କୃତ କରାଯିବ।

## 'ମଣ୍ଡେଇ' ପାଇଁ କାନ୍ଥ ଚିତ୍ରକଳା ପ୍ରତିଯୋଗିତା



ନବରଙ୍ଗପୁର,୭।୧୨(ସମିସ): ମଣ୍ଡେଇ ମହୋତ୍ସବ ୨୦୨୫ର ପାଳନ ଅବସରରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଜିଲ୍ଲାସ୍ତରୀୟ କାନ୍ଥ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲା କଲ୍ୟାଣ ଅଧିକାରୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସଫଳ ସମନ୍ୱୟରେ ପରିଚାଳିତ ହୋଇଥିଲା। ପ୍ରତିଯୋଗିତାକୁ ଛାତ୍ର ସ୍ତର ଓ ବୃତ୍ତିଗତସ୍ତର ନାମରେ ଦୁଇଟି ଭାଗରେ ବିଭକ୍ତ କରାଯାଇଥିଲା। ଉଭୟ ବିଭାଗରେ ସମଗ୍ର ନବରଙ୍ଗପୁର ଜିଲ୍ଲାରୁ ୧୦ ଜଣ ଲେଖାଏଁ ଉତ୍ସାହୀ ପ୍ରତିଯୋଗୀ ଛାତ୍ର ଏବଂ ବୃତ୍ତିଗତ ମୋଟ ୨୦ ଜଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବିଚାରକ ଭାବରେ ପଦ୍ମଲୋଚନ ବାରିକ, ବିଶ୍ୱଜିତ୍ ଗିରି ଓ ବସନ୍ତ ବେନିଆ ଚିତ୍ରକଳା ଶିକ୍ଷକ ପ୍ରମୁଖ ଉଭୟ ବିଭାଗର ଶ୍ରେଷ୍ଠ ତିନିଜଣ ଲେଖାଏଁ ବିଜେତା ଚୟନ କରିଥିଲେ।

## କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କଲେ ଗଣଶିକ୍ଷା ମନ୍ତ୍ରୀ



ଉମରକୋଟ/ଝରିଗାଁ, ୭।୧୨ (ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ଅଞ୍ଚଳର ଦକ୍ଷ କ୍ରୀଡାବିତଙ୍କୁ ଗଣଶିକ୍ଷା ମନ୍ତ୍ରୀ ଭୁବନେଶ୍ୱର ସ୍ଥିତ ନିଜ ବାସ ଭବନକୁ ଡାକି ସମ୍ବର୍ଦ୍ଧନା ଜଣାଇଛନ୍ତି। ତାକୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବେଲଗାଁ ପଞ୍ଚାୟତ ଅନ୍ତର୍ଗତ ଗବାଗୁଡା ଗ୍ରାମର ଜୟୀ ସାନ୍ତା ଓ ଖଡା ସାନ୍ତାଙ୍କ ପୁଅ ନବୀ ସାନ୍ତା ଉମରକୋଟ ସ୍ଥିତ ସଂଗ୍ରାମୀ ରବିସିଂ ମାଝୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରହି କୋଚିଂ ନେଉଥିଲେ। ତାଙ୍କର କୋଚ ମାଷ୍ଟର ସପନ ବୈରାଗୀ ତାଙ୍କୁ ସବୁ କ୍ଷେତ୍ରରେ ଦକ୍ଷ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ଛାତ୍ରର ପ୍ରତିଭା ତାଙ୍କୁ ଏକ ନୂତନ ପରିଚୟ ଦେଇଛି। ନବୀ ସାନ୍ତା ଦୌଡ ପ୍ରତିଯୋଗିତାରେ ସ୍କୁଲରୁ ବାହାରି କ୍ଲଷ୍ଟର, ବ୍ଲକ,ଜିଲ୍ଲା ଓ ରାଜ୍ୟ ସ୍ତରରେ ପ୍ରତିଯୋଗିତା ମାନଙ୍କରେ ଭାଗନେଇ ଉତ୍ତମ ପ୍ରଦର୍ଶନ କରି ବର୍ତ୍ତମାନ ଏବେ ସେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବାର ସୁଯୋଗ ପାଇଛନ୍ତି। ସେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୪୦୦ମିଟର ଦୌଡରେ ଭାଗ ନେଇ ସଫଳତା ହାତେଇବା ସହିତ ନିଜ ଜିଲ୍ଲା ପାଇଁ ସ୍ୱର୍ଣ୍ଣ ପଦକ ଆଣିଦେଇଛନ୍ତି । ନବୀଙ୍କ ଏହି ସଫଳତାରେ ଜିଲ୍ଲାବାସୀ ଗର୍ବିତ । ଝରିଗାଁ ଭଳି ଏକ ଉପାନ୍ତ ଅଞ୍ଚଳର ଛାତ୍ର ଜାତୀୟ ସ୍ତରରେ ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଖେଳିବାର ସୁଯୋଗ ପାଇଛି । ଏହି ସମ୍ବର୍ଦ୍ଧନା ସମୟରେ ଝରିଗାଁ ବିଧାୟକ ନରସିଂହ ଭତରା, କୋଚ ସପନ ବୈରାଗୀ ଉପସ୍ଥିତ ରହି ନବୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ତାର ଉଜ୍ଜଳ ଭବିଷ୍ୟତ ପାଇଁ କାମନା କରିଛନ୍ତି।

## ସାମାଜିକ ସମରତା ଦିବସ ପାଳିତ



ଜୟପୁର,୭ ।୧୨(ସମିସ): ବାବାସାହେବ ଆମ୍ବେଦକରଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ସହ ସାମାଜିକ ସମରତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ଭବନ ପରିସରରେ ଜିଲ୍ଲା ସଭାପତି ରୁପକ ତୁରୁକଙ୍କ ସଭାପତିତ୍ୱରେ ଆମ୍ବେଦକରଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିମାଇ ଚରଣ ସରକାର, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ନେପାକ, ନିହାର ବିଷୋୟୀ, ରାମ ନାୟକ, ମଦନ ମୋହନ ନାୟକ, କାନ୍ତ ପାଢି, ବ୍ରଜ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପରବେଢ଼ା ସ୍ଥିତ ଆମ୍ବେଦକର ଛକ ପ୍ରତିମୂର୍ତ୍ତି ନିକଟରେ ମହାଦଳିତ ପରିସଂଘ ପକ୍ଷରୁ ପୁଷ୍ପମାଲ୍ୟ ଦିଆଯାଇଥିଲା। ରାଜ୍ୟ ସଭାପତି ବୃନ୍ଦାବନ ଖରାଙ୍କ ନେତୃତ୍ୱରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦର ସଦସ୍ୟ ମାନେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ସୁରେନ୍ଦ୍ର ଖରା ଯୋଗ ଦେଇ ଆମ୍ବେଦକରଙ୍କ ଜିବନୀ ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ସନ୍ତୋଷ ସୁନା, ଜି. ମହେଶ, ନାରାୟଣ ସାଗର, ଗଜେନ୍ଦ୍ର ନାଗ, ସଞ୍ଜିତ ପାଲ, ସୁରେନ୍ଦ୍ର କୁଳଦୀପ, ମନସ୍ୱିନୀ ଟାକ୍ରି, ବାସୁ ନାୟକ, ମଧୁହିଆଲ, ମଙ୍ଗଳଦାନ ଖିଲ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ୍ବେଦକରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ନବରଙ୍ଗପୁର, ୭।୧୨(ସମିସ): ଜିଲ୍ଲା କଂଗ୍ରେସ କମିଟି ତରଫରୁ ବାବା ସାହେବ୍ ଭୀମ ରାଓ ଜି ଆମ୍ବେଦକରଙ୍କ ୬୯ ତମ ଶ୍ରାଦ୍ଧ ବାର୍ଷିକୀ ତଥା ମହା ପରିନିର୍ବାଣ ଦିବସ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁଶ୍ରୀ ଲିପିକା ମାଝୀଙ୍କ ଅଧକ୍ଷତାରେ ସମ୍ପନ୍ନ ହୋଇଛି। ଜିଲ୍ଲା କାର୍ଯ୍ୟାଳୟ ଠାରେ ଦଳୀୟ ନେତୃମଣ୍ଡଳୀଙ୍କ ଆମ୍ବେଦକର ଛକସ୍ଥିତ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ସ୍ତୁତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଭୁଜବଳ ମାଝୀ, ବରିଷ୍ଠ ନେତା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମେଘନାଦ ବିଶୋଇ, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ତୁଫାନ ଷଡଙ୍ଗୀ, ଆଇନଜୀବୀ ତ୍ରିନାଥ ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସମ୍ପାଦିକା ହୁଶୁନା ବାନ, ଗଣେଷ ପଟ୍ଟନାୟକଙ୍କ ସହ ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



### ସପ୍ତାହେ ହେଲା ଡଙ୍ଗା ଅଚଳ

# କନ୍ଦାଯୋଡ଼ି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

କୁନ୍ଦୁରା,୭।୧୨(ସମିସ):



କୁନ୍ଦୁରା ବ୍ଲକ ଅନ୍ତର୍ଗତ କେରିମିଟି ପଞ୍ଚାୟତ କନ୍ଦାଯୋଡ଼ି ଗାଁକୁ ସପ୍ତାହେ ହେଲା ଯୋଗାଯୋଗ ବିଚ୍ଛିନ୍ନ ରହିଛି । କୋଲାବ ନଦୀରେ ଥିବା ଡଙ୍ଗା ଚାରିଆଡ଼େ ଫାଟି ପାଣି ପସୁଛି । ରାତିରେ ପାଣି ଭର୍ତ୍ତି ହୋଇ ସକାଳ ବେଳକୁ ନଦୀରେ ବୁଡ଼ି ରହୁଛି । ୧୦/ ୧୨ ଜଣ ଲୋକ ପ୍ରାୟ ଦୁଇ ଘଣ୍ଟା ଧରି ଡଙ୍ଗା କାଢ଼ି ସବୁ ପାଣି ବାହାର କରିବା ପରେ ୪,୬ ଜଣ ଲୋକ ନଦୀ ପାର ହୋଇ ପାରୁଛନ୍ତି । ଏଭଳି ଦୁଇ ତିନି ମାସ ଚଳାଇ ଆସୁଥିଲେ । ପ୍ରତି ଦିନ ଏ ଭଳି କରିବା ସମ୍ଭବପର ହେଲା ନାହିଁ । ଯାହାଦ୍ୱାରା କି ସପ୍ତାହେ ହେଲା ଅତି ଜରୁରୀ ନ ହେଲେ ଡଙ୍ଗା ଚଳାଉ ନାହାନ୍ତି । ଏଥିରେ ଗାଁରେ ଥିବା ସ୍କୁଲ ପ୍ରଭାବିତ ହେଉଛି । ଶିକ୍ଷକ ମାନେ ନଦୀ ଘାଟ ପର୍ଯ୍ୟନ୍ତ ଯାଉଛନ୍ତି କେହି ଡଙ୍ଗା ଆଣିଲେ ପାର ହୋଇ ଯାଉଛନ୍ତି । ନ ହେଲେ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କରି ଫେରି ଆସୁଛନ୍ତି । ଏ ସପ୍ତାହରେ ଦୁଇ ତିନି ଦିନ ଏ ଭଳି ହେଲାଣି। ରୋଷେଇଆ ସ୍କୁଲ ଖୋଲି ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ଦେଉଛନ୍ତି । ବ୍ଲକର ଏହି ଦୁଇଟି ଗାଁ ରହିଛି କୋଲାବ ନଦୀ ଆର ପାରିରେ ଓ ଛତିଶଗଡ଼ ସୀମାରେ । ଗାଁ ଠାରୁ ମାତ୍ର ୧ କି ମି ପରେ ରହିଛି ଛତିଶଗଡ଼ ସୀମା। ଗାଁ ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତଥା ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟରେ ପଞ୍ଚାୟତ ଓ ବ୍ଲକ ସଦରକୁ ନ ଆସିଲେ ନ ଚଳେ। ଏଭଳି ସ୍ଥିତିରେ ଗାଁ ଠାରୁ ଅଧିକ ୧୦ କିମି ରାସ୍ତା ବୁଲିକି ଆସୁଛନ୍ତି ଗାଁ ଲୋକେ। ବୈପାରୀଗୁଡ଼ା ବ୍ଲକ ଘୋଡ଼ାଘାଟ ଘାଟରେ କୋଲାବ ନଦୀ ପାର ହୋଇ ଗୟଳକୁଣ୍ଡ ଦେଇ ଫୁଲଭଟ୍ଟା ପଞ୍ଚାୟତର ବିଷଭଟ୍ଟା ଦେଇ ପଞ୍ଚାୟତ,ବ୍ଲକ ସଦର ଓ ହାଟ ବଜାରକୁ ଯାତାୟତ କରୁଛନ୍ତି। ସୂଚନା ଥାଉକି ଗତ ନଭେମ୍ବର ୧୪ ତାରିଖରେ ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ଏକ ନୂଆ ଡଙ୍ଗା ଯୋଗାଇ ଦିଆଯାଇଥିଲା। ବିଧାୟକ ରୁପୁ ଭତରା ଲୋକାର୍ପଣ କରିଥିଲେ । ବର୍ଷେ ପରେ ଅଚଳ ଏହା ଅଚଳ ହୋଇଗଲା। ଏ ନେଇ ପିଇଓ ରବିନ୍ଦ୍ର ପୂଜାରୀଙ୍କୁ ପଚାରିବାରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି । ଆସନ୍ତା ସୋମବାର ଦିନ ଜିଲ୍ଲାରୁ ଏକ ଟିମ ଆସି ସ୍ଥିତି ଅନୁଧ୍ୟାନ କରିବେ। ମରାମତି କରାଯିବ କି ନୂତନ ଡଙ୍ଗା ଯୋଗାଇ ଦିଆଯିବ ତାହା ସେମାନେ ସ୍ଥିର କରିବେ ବୋଲି କହିଛନ୍ତି।

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ରାୟଗଡା, ୭।୧୨(ସମିସ): ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବିଲେଷୁରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀନିବାସ ରାଓ ଲାଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବଡ଼ଇରକୁବାଡି କ୍ଲଷ୍ଟର ସିଆରସିସି ବଳଭଦ୍ର ହିମିରିକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର କ୍ରୀଡ଼ା ପତାକାକୁ ଉତ୍ତୋଳନ କରିଥିଲେ। ଶିକ୍ଷା ପ୍ରତ୍ୟେକ ଶିଶୁଙ୍କ ଅଧିକାର। ପିଲାମାନେ ସୁସ୍ଥ ସ୍ୱାସ୍ଥ୍ୟର ଅଧିକାରୀ ହେଲେ ଶିକ୍ଷାରେ ଉନ୍ନତି କରିପାରିବେ ଏବଂ ଏଥିପାଇଁ କ୍ରୀଡା ଅପରିହାର୍ଯ୍ୟ। କ୍ରୀଡ଼ା ଶିଶୁକୁ ସଦାସର୍ବଦା ଶାରୀରିକ ଓ ମାନସିକ ଭାବେ ଫୁର୍ତ୍ତି ରଖିଥାଏ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ। ଏଥି ପୂର୍ବରୁ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରି ମଶାଲ ଶୋଭା ପରିକ୍ରମା ସହ ଖେଳ ପଡିଆରେ ମଶାଲକୁ ସ୍ଥାପନ କରାଯାଇଥିଲା। ବିଦ୍ୟାଳୟର ସ୍କାଉଟ୍ ଏଣ୍ଡ ଗାଇଡ୍ ଦଳ ଦ୍ୱାରା ପ୍ରସ୍ତୁତ ପ୍ୟାରେଡରେ ଅତିଥିମାନେ ଅଭିବାଦନ ଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଆଗାମୀ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଏହି ଅବସରରେ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ଚାରୋଟି ହାଉସର କାନ୍ଥ ପୋଷ୍ଟର ଉନ୍ମୋଚନ ହୋଇଥିଲା। ବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ସ୍ମୃତି ରଂଜନ ମହାରଣା ଓ ସହଯୋଗୀ କ୍ରୀଡ଼ା ଦାୟିତ୍ୱରେ ଥିବା ଶିକ୍ଷକ ବ୍ରହ୍ମପଦ ସାହୁ ସମଗ୍ର ବାର୍ଷିକ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିଲେ। ଶିକ୍ଷକ ଡ. ଦ୍ୱିତିଚନ୍ଦ୍ର ସାହୁ, ବିରାଟ ହିଆଲ, ରାଜାରାଓ ସାରକା, ବିକ୍ରାନ୍ତ ରଣା, ଘନ ଶବର, ଦାମିନୀ ନାୟକ, ଦେବାଶିଷ ବେହେରା ଓ ରମେଶ ବେହେରା ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



କିଛିଲୋକ ସଫଳତାର ସ୍ୱପ୍ନ ଦେଖନ୍ତି, କିନ୍ତୁ ଆଉ କିଛି ଲୋକ ସଫଳ ହେବା ପାଇଁ କଠିନ ପରିଶ୍ରମ କରନ୍ତି।
-ମାର୍କ ଜୁକରବର୍ଗ

## ବିମାନ ବିଭ୍ରାଟ: ଦାୟୀ କିଏ?

ଘରୋଇ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଗୋର ଗତ ଚାରିଦିନ ମଧ୍ୟରେ ପ୍ରାୟ ୧୮୦୦ ବିମାନ ଉଡ଼ାଣ ବାତିଲ ହୋଇଛି। ଆଗାମୀ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିବାର ସମ୍ଭାବନା ନଥିବାରୁ ସଂସ୍ଥା ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି। ଯାତ୍ରୀମାନେ ଦିଲ୍ଲୀ, ଚେନ୍ନାଇ, ବେଙ୍ଗାଲୁରୁ ସମେତ ବିଭିନ୍ନ ସ୍ଥାନରେ ବିମାନବନ୍ଦର ସାମ୍ନାରେ ଆନ୍ଦୋଳନ କରିଛନ୍ତି। ଗୋଟିଏ ସଂସ୍ଥାର ପରିଚାଳନାଗତ ବିଭ୍ରାଟ ପାଇଁ ସମଗ୍ର ଦେଶର ସ୍ୱାଭାବିକ ବିମାନଯାତ୍ରା ଓ ଜୀବନଯାତ୍ରା ବ୍ୟାହତ ହୋଇଛି ଏବଂ ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ମଧ୍ୟ ପଡ଼ିଛି। ଅନ୍ୟ ବିମାନ ସେବା ପ୍ରଦାନକାରୀ ସଂସ୍ଥା ସେମାନଙ୍କ ଟିକେଟ୍ ମୂଲ୍ୟକୁ ମନଇଚ୍ଛା ବୃଦ୍ଧି କରିଛନ୍ତି। ପ୍ରତିଭୂତି ବଜାରରେ ଇଣ୍ଡିଗୋର ଅଂଶଧନ ମୂଲ୍ୟ ହ୍ରାସ ପାଇଥିବାରୁ ନିବେଶକମାନେ କ୍ଷତି ସହିଛନ୍ତି। ତେଣୁ ଇଣ୍ଡିଗୋ ପ୍ରସଙ୍ଗ ସଂସଦୀୟ ବାତାବରଣକୁ ମଧ୍ୟ ଉଷ୍ମ କରିଛି। ଏହାପରେ କେନ୍ଦ୍ର ସରକାର ଘଟଣାର ତଦନ୍ତ ଲାଗି ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି।

ଅଧୁନା ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱରେ ଜୀବନଯାତ୍ରା ପୂର୍ବାପେକ୍ଷା କ୍ଷିପ୍ର ହୋଇଛି। ତା'ସହିତ ସମୟର ମୂଲ୍ୟ ବହୁଗୁଣରେ ବଢ଼ିଯାଇଛି। ଏହି ପୃଷ୍ଠଭୂମିରେ ବିମାନ ସେବା 'ବିଳାସ'ରୁ 'ଆବଶ୍ୟକତା'ରେ ରୂପାନ୍ତରିତ ହୋଇଛି। ଲୋକଙ୍କର ଏହି କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବାରେ ଘରୋଇ ସଂସ୍ଥାମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଥିବାରୁ କୌଣସି ସ୍ଥାନରେ କେତେବେଳେ ଅନିୟମିତତା ସୃଷ୍ଟି ହେଲେ ସାମଗ୍ରିକ ବ୍ୟବସ୍ଥା ପ୍ରଭାବିତ ହେଉଛି। ଇଣ୍ଡିଗୋର ବିମାନ ସେବା ବାତିଲ୍ ହେବା ପରେ ରେଳବାଇ ସହାୟତାର ହାତ ବଢ଼ାଇଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ହୋଇପାରିନାହିଁ। ତେଣୁ ଏହି ବିଭ୍ରାଟ ପଛରେ ଥିବା କାରଣ ଓ ସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

ଏହି ସଙ୍କଟ ପାଇଁ ଇଣ୍ଡିଗୋର ଶ୍ରମନୀତିକୁ ପ୍ରମୁଖ କାରଣ ଭାବେ ଦର୍ଶାଯାଉଛି। ପୂର୍ବରୁ ପାଇଲଟ୍‌ମାନଙ୍କ ପାଇଁ ସାପ୍ତାହିକ ବିଶ୍ରାମ ସମୟ ୧୨ ଘଣ୍ଟା ଧାର୍ଯ୍ୟ କରାଯାଇଥିବା ବେଳେ ତାହାକୁ ନିରନ୍ତର ଚାରିଗୁଣା ବଢ଼ାଇ ୪୮ ଘଣ୍ଟା କରାଯାଇଛି। ସେହିପରି ପୂର୍ବରୁ ରାତ୍ରିକାଳୀନ ଅବତରଣ ସଂଖ୍ୟା ଛଅ ଥିବା ବେଳେ ତାହା ଦୁଇକୁ ହ୍ରାସ କରାଯାଇଛି। ଏହି ନୂଆ ନିୟମ ଲାଗୁ କରିବା ପୂର୍ବରୁ ପାଇଲଟ୍ ଅନୁପସ୍ଥିତି ବା ଅଭାବ ପୂରଣ କରିବାକୁ ଇଣ୍ଡିଗୋ ପର୍ଯ୍ୟାପ୍ତ ପାଇଲଟ୍ ନିୟୋଜିତ କିମ୍ବା ବିକଳ୍ପ ବ୍ୟବସ୍ଥା କରିବାର ଥିଲା। ଇଣ୍ଡିଗୋର ଏହି ନୂଆ ଶ୍ରମନିୟମକୁ ବେସମାରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ମଧ୍ୟ ଅଣଦେଖା କରିଥିଲା। ତେଣୁ ସରକାର ଏବେ ସ୍ୱତଃ ପ୍ରଶ୍ନ ଘେରକୁ ଆସିଛନ୍ତି। ସାଧାରଣ ସଡ଼କ ପରିବହନ ବ୍ୟବସ୍ଥାରେ କୌଣସି ସ୍ଥାନରେ ଅସ୍ୱାଭାବିକତା ସୃଷ୍ଟି ହେଲେ ତାହାର ଫାଇଦା ଯେପରି ଅନ୍ୟ କେତେକ ଗାଡ଼ିମାଲିକ ଉଠାଇ ଯାତ୍ରୀଙ୍କୁ ଶୋଷଣ କରନ୍ତି ସେଭଳି ନିନ୍ଦନୀୟ ଘଟଣା ସମ୍ପ୍ରତି ବିମାନ ସେବାରେ ଦେଖିବାକୁ ମିଳିଛି। ତେଣୁ ବିମାନ ଯାତ୍ରା ଭଳି ସ୍ୱତନ୍ତ୍ର ଓ ଅଗ୍ରାଧିକାର ସେବା କ୍ଷେତ୍ର ଉପରେ ଯେ ସରକାରଙ୍କ କର୍ତ୍ତୃତ୍ୱ ଓ ଦୃଷ୍ଟି ନାହିଁ ତାହା ପ୍ରମାଣିତ ହୋଇଛି।

ଘରୋଇ ବ୍ୟବସାୟିକ ସଂସ୍ଥାରେ ସରକାର ତୃତୀୟ ପକ୍ଷର ଭୂମିକା ନିର୍ବାହ କରୁଥିବାରୁ ପ୍ରଥମ ଦୁଇପକ୍ଷର ଆପତ୍ତି ଅଭିଯୋଗ ନ ଆସିବା ପର୍ଯ୍ୟନ୍ତ ସରକାର ହସ୍ତକ୍ଷେପ କରିବା କଥା ନୁହେଁ। କିନ୍ତୁ ବିମାନ ଯାତ୍ରା ଭଳି ଯେଉଁ ସେବାଗୁଡ଼ିକ ସାର୍ବଜନୀନ ଓ ଦେଶର ସାମୂହିକ ସ୍ୱାର୍ଥ ସହିତ ଜଡ଼ିତ ଏବଂ ବହୁମୁଖୀ କ୍ଷେତ୍ର ସହିତ ସଂଯୋଜିତ, ସେଠାରେ ସରକାର ହାତବାନ୍ଧି ବସିପାରିବେ ନାହିଁ। ସମ୍ପ୍ରତି ଭାରତରେ ସରକାରୀ ବିମାନ ଚଳାଚଳ କରୁନାହିଁ କି ସରକାର ପ୍ରତ୍ୟକ୍ଷ ଭାବେ ବିମାନ ସେବା ସହିତ ସମ୍ପୃକ୍ତ ନାହାନ୍ତି। ଭାରତୀୟ ବିମାନ ସେବା ସମ୍ପୂର୍ଣ୍ଣ ରୂପେ ଘରୋଇ ହାତମୁଠାକୁ ଚାଲିଯାଇଛି। ଯଦି ସେମାନଙ୍କ ଇଚ୍ଛାରେ ବିମାନ ଚାଲିବ ତେବେ ଡିଜିସିଏ ପରି ବିଭାଗଟି ରହିବ କାହିଁକି? ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। ଇଣ୍ଡିଗୋ ପରି ଘରୋଇ ସଂସ୍ଥାର କର୍ମସଂସ୍କୃତି, ନୀତି, ନିୟମ ତା'ର ନିଜସ୍ୱ। କିନ୍ତୁ ଦେଶର ୬୦% ବିମାନ ସେବାକୁ ନିଜ ଅଧୀନରେ ରଖିଥିବା ଏକ ସଂସ୍ଥା କର୍ମସଂସ୍କୃତିର ଏକଚାଟିଆ ସଂଶୋଧିତ ନିୟମ ପ୍ରଣୟନ କରିବା ପୂର୍ବରୁ ଡିଜିସିଏକୁ ଅବଗତ କରିଥିଲା କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଦେଶର ସାମଗ୍ରିକ ଶ୍ରମ ଓ ମାନବ ସମ୍ବଳ ସମ୍ପର୍କିତ ନୀତି ନିର୍ଦ୍ଧାରଣ ଓ ସ୍ୱାର୍ଥ ରକ୍ଷା ଦାୟିତ୍ୱ ସରକାରଙ୍କର। ଯଦି ଇଣ୍ଡିଗୋ ସଂଶୋଧିତ ଶ୍ରମ ନୀତି ସମ୍ପର୍କରେ ଡିଜିସିଏ କିମ୍ବା ଶ୍ରମ ବିଭାଗକୁ ସୂଚିତ କରିଥିଲା ତେବେ ଉକ୍ତ ବିଭାଗ ନିଦାବିଷ୍ଟୁ ସାଜିଥିଲେ ଏବଂ ସମ୍ପୂର୍ଣ୍ଣ ଘଟଣା ପାଇଁ ବିଭାଗର ଅଦୂରଦର୍ଶିତା ହିଁ ଉତ୍ତରଦାୟୀ ବୋଲି କହିବାକୁ ହେବ।

ଏହା ଭିତରେ ଏକ ସ୍ପର୍ଶକାତର ପ୍ରସଙ୍ଗ ଲୁଚି ରହିଛି। ଇଣ୍ଡିଗୋ ବିଭ୍ରାଟ ଘଟଣାରୁ ପ୍ରମାଣିତ ହେଉଛି ଯେ ଜରୁରିକାଳୀନ ପରିସ୍ଥିତିରେ ବିକଳ୍ପ ବ୍ୟବସ୍ଥା କିମ୍ବା ତତ୍କାଳ ସ୍ଥିତି ସମ୍ଭାଳିବା ଦକ୍ଷତା ସରକାରଙ୍କ ପାଖରେ ନାହିଁ। ଗୋଟିଏ ସଂସ୍ଥାର ମନମୁଖି ପରିଚାଳନା ସମଗ୍ର ଦେଶର ବିମାନ ଯାତ୍ରାକୁ ବିବ୍ରତ ଓ ବିଭ୍ରାଟ କରିଦେଲା। ଏଥିରୁ ସରକାର ଶିକ୍ଷାଲାଭ କରିବା ଆବଶ୍ୟକ ଏବଂ ଭବିଷ୍ୟତରେ ଏଭଳି ସ୍ଥିତିର ମୁକାବିଲା ପାଇଁ ସଦାପ୍ରସ୍ତୁତ ଏକ ଟିମ୍ ଗଠନ କରିବା ଆବଶ୍ୟକ। ସାମ୍ପ୍ରତିକ ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱ ବଜାରରେ ପାଇଲଟ୍ ଅଭାବ ବିମାନ ସେବା ପ୍ରଦାନକାରୀ ସଂସ୍ଥାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ଏହି ଆହ୍ୱାନର ମୁକାବିଲା ପାଇଁ ମଧ୍ୟ ମିଳିତ ଯୋଜନା ପ୍ରସ୍ତୁତ କରିବା ଅପରିହାର୍ଯ୍ୟ।

ଅଭିଯୋଗ ଆସିଛି ଯେ ଇଣ୍ଡିଗୋର ଏହି ବିଭ୍ରାଟ ପଛରେ କର୍ପୋରେଟ୍ ଲବିର ଏକ ବଡ଼ ଚକ୍ରାନ୍ତ ରହିଛି। ଭାରତର ୬୦ ପ୍ରତିଶତ ବିମାନ ସେବା ଅଂଶଧାରୀ ଇଣ୍ଡିଗୋର ଅଂଶଧନ ମୂଲ୍ୟ ପ୍ରତିଭୂତି ବଜାରରେ ହ୍ରାସ କରିବା ପାଇଁ ଏଭଳି ଷଡ଼ଯନ୍ତ୍ର ରଚନା କରାଯାଇଛି। ଏହି ଅଭିଯୋଗ ପଛର ଭିତ୍ତି ସନ୍ଦେହାସ୍ପଦ। କିନ୍ତୁ ଏହାକୁ ଅଣଦେଖା ମଧ୍ୟ କରାଯାଇପାରିବ ନାହିଁ। ସେହିଭଳି ଖାଉଟି ସୁରକ୍ଷା ଆଇନ ୨୦୧୯ କୁ ବିମାନ ଯାତ୍ରା କ୍ଷେତ୍ରରେ ସକ୍ରିୟ ପ୍ରୟୋଗ କରିବାର ଦାବି ଜୋରଦାର ହେବା ଆବଶ୍ୟକ। ଯାତ୍ରୀମାନେ କ୍ଷତିଭରଣା ବାବଦ ଅର୍ଥରାଶି ପାଇବେ ନିଶ୍ଚୟ। କିନ୍ତୁ ତାହା ତାଙ୍କ ଜୀବନର ଅସଲ କ୍ଷତି ଭରଣା କରିବାରେ ସମର୍ଥ ହେବ ନାହିଁ। ସରକାରୀ ଅବହେଳା ହେଉ କିମ୍ବା ଇଣ୍ଡିଗୋର ଅପରିଣାମଦର୍ଶିତା, ଏଥିରେ ଜରୁରିକାଳୀନ ସ୍ଥିତିରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଜୀବନ ଯନ୍ତ୍ରଣା ଜନିତ କ୍ଷତିଭରଣା କରିବ କିଏ? ●

## ବିପନ୍ନ ଗୋପନୀୟତା

ସମ୍ପ୍ରତି ମୋବାଇଲ୍ ଫୋନ୍‌ର କ୍ରମବର୍ଦ୍ଧିଷ୍ଣୁ ଉତ୍ପାଦନ, ବିକ୍ରି ଓ ବ୍ୟବହାର ସହିତ ଅବାଞ୍ଛିତ କଲ ଓ ମେସେଜ୍, ସାଇବର ଅପରାଧ, ହ୍ୟାଣ୍ଡସେଟ୍ ଚୋରି ଆଦି ଅଘଟଣା ମଧ୍ୟ ବଢ଼ିଚାଲିଛି। ଏଥିସହିତ ଏତଲା ଓ ମାମଲା ବୋଝ ମଧ୍ୟ ବଢୁଛି। ସ୍ମାର୍ଟଫୋନ୍ ବ୍ୟବହାରକାରୀ ବା ଗ୍ରାହକମାନଙ୍କୁ ଏହିସବୁ ସମସ୍ୟାରୁ ଅନେକାଂଶରେ ମୁକ୍ତି ଦେବା ପାଇଁ 'ସଞ୍ଚାରସାଥୀ' ନାମକ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରତ୍ୟକ୍ଷ ସରକାରୀ ପୃଷ୍ଠପୋଷକତାରେ ବିକଶିତ ଏକ ସୁରକ୍ଷା 'ଆପ୍'କୁ ସ୍ମାର୍ଟଫୋନ୍‌ରେ ରଖିବା(ଇନଷ୍ଟଲ) ଲାଗି କେନ୍ଦ୍ର ସରକାର ଉତ୍ସାହିତ, ସୂଚନା ଓ ପରାମର୍ଶ ଦେଇ ଆସୁଛନ୍ତି।

ଉପରୋକ୍ତ ମହତ୍ ଉଦ୍ଦେଶ୍ୟରେ ବିକଶିତ ତଥା ଉପଭୋକ୍ତା ଅନୁକୂଳ ଭାବେ ସାଧାରଣରେ ଦୃଷ୍ଟିଗୋଚର ହେଉଥିବା ଏହି 'ଆପ୍'ଟି ବିବାଦ ଓ ବିତର୍କ ଘେରକୁ ଆସି ନଥା'ନ୍ତା ଯଦି ନିର୍ମାତାମାନଙ୍କୁ ସ୍ମାର୍ଟଫୋନ୍ ବିକାଶ ସମୟରେ ହିଁ ଅବିଚ୍ଛେଦ୍ୟ ଭାବେ 'ସଞ୍ଚାରସାଥୀ' ରଖିବା ବାଧ୍ୟତାମୂଳକ ବୋଲି ଟେଲିଯୋଗାଯୋଗ ବିଭାଗ ଗୁପ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ି ନଥା'ନ୍ତା। ଏହାର ଅର୍ଥ ସ୍ମାର୍ଟଫୋନ୍‌ଟିଏ କିଣିବା ବେଳେ ସେଥିରେ କମ୍ପାନୀ ପ୍ରଦତ୍ତ କେତେକ 'ଆଜନ୍ମ ଆପ୍' ପରି 'ସଞ୍ଚାରସାଥୀ'ର ଉପସ୍ଥିତି ମଧ୍ୟ ଅନିବାର୍ଯ୍ୟ ହେବ, ଯାହାକୁ ଡିଲିଟ୍ ବା ହଟାଇ ଦେବା ଗ୍ରାହକ/ବ୍ୟବହାରକାରୀ ପକ୍ଷରେ ସମ୍ଭବ ହେବ ନାହିଁ। ଯେଉଁମାନେ ପୂର୍ବରୁ ସ୍ମାର୍ଟଫୋନ୍ କିଣିସାରିଛନ୍ତି ସେମାନଙ୍କ ପାଇଁ ସଫ୍ଟୱେର ଅପ୍‌ଡେଟ୍ କରିବା ସମୟରେ ଯେଭଳି ଆପେ ଆପେ 'ସଞ୍ଚାରସାଥୀ' 'ଆପ୍'ଟି ଇନ୍‌ଷ୍ଟଲ୍ ହୋଇଯିବ ସେଭଳି ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

'ସଞ୍ଚାରସାଥୀ' ସାଇବର ଅପରାଧୀ ଓ ଫୋନ୍ ଚୋରଙ୍କୁ ଠାବ କରିବାରେ ଯେତିକି ସତର୍କ, ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଯାଞ୍ଚରେ ତା'ଠାରୁ ଅଧିକ ଚତୁର ଓ ଦକ୍ଷ। ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ କଥାବାର୍ତ୍ତା, ଯୋଗାଯୋଗ ନମ୍ବର, ଭୌଗୋଳିକ ଉପସ୍ଥିତି, କ୍ୟାମେରା, ଟର୍ଚ୍ଚ ଆଦିକୁ ମଧ୍ୟ 'ସଞ୍ଚାରସାଥୀ' ତନଖି କରିପାରିବା ଓ ସତର୍କ ଦୃଷ୍ଟି ରଖି କରିପାରିବାର କ୍ଷମତାଧାରୀ ଓ ଅନୁମତିପ୍ରାପ୍ତ। ସରଳ ଭାଷାରେ କହିଲେ କୌଣସି ବ୍ୟାଙ୍କ ପାଇଁ ନିଯୁକ୍ତ ସୁରକ୍ଷାକର୍ମୀ ବାହ୍ୟ ସୁରକ୍ଷା ସହିତ ସମ୍ପୃକ୍ତ ବ୍ୟାଙ୍କର ଲକର, ଆଇରନ୍ ଚେଷ୍ଟର ଚାବି ଓ କମ୍ପ୍ୟୁଟରର ପାସ୍‌ୱାର୍ଡ ଆଦି ତା' ଜିମା ଦେବାକୁ ସର୍ତ୍ତ ରଖିବା ପରି 'ସଞ୍ଚାରସାଥୀ' ସମ୍ପୃକ୍ତ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ସମସ୍ତ ଗୋପନୀୟ ଓ ବ୍ୟକ୍ତିଗତ କ୍ଷେତ୍ରରେ ପ୍ରବେଶ କରିବାର ଅଧିକାର ରଖେ। ତେଣୁ ଏହି 'ଆପ୍' ପଛର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ସନ୍ଦେହଘେରକୁ ଆସିବା ସ୍ୱାଭାବିକ।

ସମ୍ବାଦ ସରବରାହ ସଂସ୍ଥା 'ରଏଟର'ରେ ସରକାରଙ୍କ ଏ ଗୁପ୍ତ ନିର୍ଦ୍ଦେଶ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ବିରୋଧାଭାସ ଓ ରାଜନୈତିକ ଝଡ଼ ସୃଷ୍ଟି ହେଲା। 'ସଞ୍ଚାରସାଥୀ' 'ଆପ୍' ମାଧ୍ୟମରେ ଜନତାଙ୍କ ହାବଭାବ, କଥାବାର୍ତ୍ତା ଓ ଚିନ୍ତା ଚେତନା ଉପରେ କେନ୍ଦ୍ର ସରକାର ଗୁଇନ୍ଦାଗିରି କରିବାର ଦୁରଭିସନ୍ଧି ରଖିଥିବା ଅଭିଯୋଗ ଉଠିଲା। ଆପଲ୍, ସାମସଙ୍ଗ ପରି କେତେକ ଆଗଧାଡ଼ିର ସ୍ମାର୍ଟଫୋନ୍ ନିର୍ମାତା ସରକାରଙ୍କ ଉପରୋକ୍ତ ନିର୍ଦ୍ଦେଶ ମାନିବା ପାଇଁ ରୋକ୍‌ଠୋକ୍ ମନା କରିବା ପରେ 'ସଞ୍ଚାରସାଥୀ'ର ଭୂମିକା ଆହୁରି ବିବାଦୀୟ ହୋଇପଡ଼ିଲା। ସଂସଦର ଚଳିତ ଶୀତ ଅଧିବେଶନରେ ଏ ସମ୍ପର୍କରେ ତୁମୁଳ ହଟ୍ଟଗୋଳ ହେବା ପରେ ଶେଷରେ ସରକାର ବାଧ୍ୟ ହୋଇ ଉପରୋକ୍ତ ନିର୍ଦ୍ଦେଶନାମାକୁ ସଂଶୋଧନ କରି 'ବାଧ୍ୟତାମୂଳକ' ବଦଳରେ 'ଇଚ୍ଛାଧୀନ' କରିଛନ୍ତି। କିନ୍ତୁ ଗତ ଜାନୁଆରୀମାସରୁ ପ୍ରାୟ ୫୦ ଲକ୍ଷ ମୋବାଇଲ୍ ଫୋନ୍‌ରେ ଡାଉନ୍‌ଲୋଡ୍ ଓ ଇନଷ୍ଟଲ୍ ହୋଇସାରିଥିବା ଏହି 'ଆପ୍' ଜରିଆରେ କେତେ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହୋଇଛି ଏବଂ ଗୋପନୀୟତାର କେତେ ଉଲ୍ଲଙ୍ଘନ ହୋଇଛି ତାହା ଆଉ ଏକ ଜଟିଳ ନୈତିକ ପ୍ରଶ୍ନ ଉପସ୍ଥାପନ କରିଛି।

ଏହାପୂର୍ବରୁ ୨୦୧୯ରେ ସମାନ ବିରୋଧାଭାସ ସୃଷ୍ଟି ହୋଇଥିଲା ଇସ୍ରାଏଲ୍ କମ୍ପାନୀ ଏନ୍‌ଏସ୍‌ଓ ନିର୍ମିତ 'ପେଗାସସ'(ସ୍ମାର୍ଟଫୋନ୍‌କୁ ଏକ କଲ୍ ଆସିବା ସହିତ ଏହି ଆପ୍ ଆପେ ଆପେ ଇନ୍‌ଷ୍ଟଲ୍ ହୋଇଯିବ) ପ୍ରସଙ୍ଗରେ। ରାଜନୈତିକ ନେତା, ବିଭିନ୍ନ କ୍ଷେତ୍ରର କାର୍ଯ୍ୟକର୍ତ୍ତା, ବିରୋଧୀ ରାଜନୈତିକ ଦଳ, ସାମ୍ବାଦିକ, ଆନ୍ଦୋଳନକାରୀ, ନୀତି ନିର୍ଦ୍ଧାରକ, ବିଚାରପତି, ପୁଲିସ୍, ବୁଦ୍ଧିଜୀବୀ, ପ୍ରଶାସକ ଓ ଶିଳ୍ପପତି ସମେତ ସାଧାରଣ ନାଗରିକଙ୍କ ଫୋନ୍ ବାର୍ତ୍ତାଳାପ ଓ ସୂଚନା ବିନିମୟକୁ ବେଆଇନ୍ ଭାବେ 'ପେଗାସସ୍' ମାଧ୍ୟମରେ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ରେକର୍ଡିଂ କରାଯାଉଛି ବୋଲି ଅଭିଯୋଗ ଉଠିଥିଲା। ଏହାକୁ ନେଇ ସଂସଦରେ ଅଚଳାବସ୍ଥା ସୃଷ୍ଟି ହେଲା। ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ଗଲା। ସରକାର ନିଜ ପକ୍ଷ ରଖିବା ବେଳେ ଦେଶର ସୁରକ୍ଷା ଆଳରେ ବନ୍ଦ ଲଫାଫାରେ ସତ୍ୟପାଠ ଦାଖଲ କରିବାରୁ ସରକାରଙ୍କ ଆଭିମୁଖ୍ୟ ଆହୁରି ବିବାଦୀୟ ହୋଇପଡ଼ିଲା। ଗଣମାଧ୍ୟମ ରିପୋର୍ଟ, ବିବାଦାସ୍ପଦ ବିବୃତ୍ତି ଓ ଆରୋପ-ପ୍ରତ୍ୟାରୋପର କଳରବ ଭିତରେ 'ପେଗାସସ୍' ପ୍ରସଙ୍ଗ ଜନମାନସକୁ କିଛିମାସ ମୁଖରିତ କରିବା ପରେ ଏବେ ଏକପ୍ରକାର ନିରୁଦ୍ଦିଷ୍ଟ ହୋଇଯାଇଛି। ଇତିମଧ୍ୟରେ 'ପେଗାସସ୍' ଜରିଆରେ ଗୋପନୀୟ ଓ ବ୍ୟକ୍ତିଗତ ତଥ୍ୟ ଉଲ୍ଲଙ୍ଘନ ହୋଇଛି କି ନାହିଁ ତାହାର କୌଣସି ନିର୍ଭରଯୋଗ୍ୟ ସୂଚନା ନାହିଁ। 'ପେଗାସସ୍' ବିବାଦ ପୂର୍ବରୁ ଟିଭି ସେଟ୍‌ଅପ୍ ବକ୍ସରେ ଏକ ମାଇକ୍ରୋଚିପ୍ ଖଞ୍ଜିବା ପାଇଁ ସରକାରଙ୍କ ଯୋଜନା ମଧ୍ୟ ବିବାଦ ସୃଷ୍ଟି କରିଥିଲା। ଲୋକଙ୍କ ପସନ୍ଦ/ନାପସନ୍ଦ, ସମର୍ଥନ/ବିରୋଧ, କ୍ରିୟା/ପ୍ରତିକ୍ରିୟା, ମତାମତ ଆଦିର ପ୍ରତ୍ୟକ୍ଷ ଓ ବାସ୍ତବ ସୂଚନା ସଂଗ୍ରହ ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ 'ଟ୍ରାଇ'କୁ ଏହି ଚିପ୍ ଯୋଜନା ସମ୍ପର୍କିତ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏହା ବିବାଦୀୟ ହେବା ପରେ ପ୍ରତ୍ୟାହାର କରି ନିଆଯାଇଥିଲା।

ଗୋପନ ତଥ୍ୟ ସଂଗ୍ରହ ଶାସନର ଏକ ଆବଶ୍ୟକତା, ଏହା ଅନସ୍ୱୀକାର୍ଯ୍ୟ। ଏକଛତ୍ରବାଦରୁ ଗଣତନ୍ତ୍ର ପର୍ଯ୍ୟନ୍ତ ବିଶ୍ୱର ପ୍ରାୟ ସମସ୍ତ ଶାସନ ବ୍ୟବସ୍ଥାରେ ଏହା ପରିବ୍ୟାପ୍ତ। କିନ୍ତୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତାଙ୍କ ଗୋପନ ତଥ୍ୟ ସଂଗ୍ରହ କିମ୍ବା ଗୁଇନ୍ଦାଗିରିର ଗନ୍ଧ ମିଳିଲେ ତାହା ଅଧିକ ବିବାଦୀୟ ହୁଏ। ଶାସନତନ୍ତ୍ର ନିନ୍ଦିତ ହୁଏ; ନିରପେକ୍ଷତା, ବିଶ୍ୱସନୀୟତା ଓ ଉତ୍ତରଦାୟିତ୍ୱ ଉପରେ ଆପେ ଆପେ ପ୍ରଶ୍ନଚିହ୍ନ ଲାଗିଯାଏ। ବିରୋଧୀ ଦଳ, ସମାଲୋଚକ ଓ ବୁଦ୍ଧିଜୀବୀଙ୍କ ସମାଲୋଚନା ଶକ୍ତି ଏବଂ ସ୍ୱାଧୀନ ଅଭିବ୍ୟକ୍ତିର ଅଧିକାର କ୍ଷୁଣ୍ଣ ହୁଏ। ଗଣମାଧ୍ୟମର କଣ୍ଠରୋଧ ଜରିଆରେ ଭିନ୍ନମତ, ପ୍ରତିବାଦର ସ୍ୱର ସଂକୋଚନ କରିଦିଆଯାଏ।

ଦେଶର ପ୍ରତିରକ୍ଷା, ଅଖଣ୍ଡତା, ସାର୍ବଭୌମତା ଓ ବୃହତ୍ତର ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ ସରକାରଙ୍କ ଦ୍ୱାରା ଗୋପନୀୟ ତଥ୍ୟ ସଂଗ୍ରହ ଦୋଷାବହ ନୁହେଁ। ଅଧିକନ୍ତୁ ତଥ୍ୟ ହିଁ ବିକାଶର ଇନ୍ଧନ। ସୂଚନା ପ୍ରଯୁକ୍ତି ଜ୍ଞାନକୌଶଳର ବିକାଶ କେବଳ ସେଥିରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ଏବଂ ଏକ ନୂତନ ପ୍ରୟୋଗ ଆଣିଛି। କିନ୍ତୁ ତଥ୍ୟ ସଂଗ୍ରହ ପ୍ରକ୍ରିୟା ଗୋପନୀୟ ନିର୍ଦ୍ଦେଶ ଆଧାରିତ ହେଲେ ସ୍ୱତଃ ସନ୍ଦେହ ସୃଷ୍ଟି ହୁଏ ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିଯାଏ। ନିଷ୍ଠୁର ସତ୍ୟ ଏହା ଯେ ଆମ ଗଣତାନ୍ତ୍ରିକ ସରକାରମାନେ ରାଷ୍ଟ୍ରୀୟ ସ୍ୱାର୍ଥ ଅପେକ୍ଷା ନିଜର ଓ ଦଳର ସ୍ୱାର୍ଥ ପାଇଁ ଗୁଇନ୍ଦାଗିରି କରିବାକୁ ଅଧିକ ପସନ୍ଦ କରନ୍ତି। ତେଣୁ ଭାରତରେ ଆପ୍ ମାଧ୍ୟରେ ଗୁଇନ୍ଦାଗିରିର ଅଭିଯୋଗ ଉଠିବା ମାତ୍ରେ ତାହା ଅଧିକ ପ୍ରତିକ୍ରିୟାକୁ ଆମନ୍ତ୍ରଣ କରେ।

ପୂର୍ବରୁ 'ଆଧାର' ପ୍ରସଙ୍ଗରେ ଯେଭଳି ବ୍ୟକ୍ତିଗତ ତଥ୍ୟ ଚୋରି ଓ ଗୋପନୀୟତାର ପ୍ରଘଟ ଆଶଙ୍କା କରାଯାଉଥିଲା, ତାହା ଏବେ ସ୍ମାର୍ଟଫୋନ୍ କ୍ଷେତ୍ରକୁ ସଞ୍ଚରିତ ହୋଇଛି। ବିଭିନ୍ନ ସ୍ମାର୍ଟଫୋନ୍ କମ୍ପାନୀ ଓ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାମାନେ ଉପଭୋକ୍ତାଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରି ତାହାକୁ ଭବିଷ୍ୟତରେ ବିଭିନ୍ନ କାମରେ ଲଗାଇବାକୁ ସଂରକ୍ଷିତ କରି ରଖନ୍ତି; ଆବଶ୍ୟକ ହେଲେ ଅନ୍ୟ ସଂସ୍ଥା ଏପରିକି ବିଦେଶୀ ସଂସ୍ଥାଙ୍କୁ ମୋଟା ଅର୍ଥରାଶି ପ୍ରତିବଦଳରେ ବିକ୍ରି କରନ୍ତି। ଏବେ ନାଗରିକଙ୍କ ସମସ୍ତ ବ୍ୟକ୍ତିଗତ ତଥ୍ୟ ଓ ଗୋପନୀୟତା ସ୍ମାର୍ଟଫୋନ୍ ଓ କମ୍ପ୍ୟୁଟର ଭିତରେ ବନ୍ଦୀ। ତେଣୁ ତଥ୍ୟ ସୁରକ୍ଷା ଦୃଷ୍ଟିରୁ ଅନୁଶୀଳନ କଲେ ଏବେ ଇଣ୍ଟରନେଟ୍ ଆମ ପାଇଁ ଅଭିଶାପ ଏବଂ ସାଇବର ଅପରାଧୀଙ୍କ ପାଇଁ ଅବାଧ ଚରାଭୂଇଁ ହୋଇଛି।

ଦେଶର ସୁରକ୍ଷା, ଶାସନର ଗତିବିଧି ନିୟନ୍ତ୍ରଣ ସମ୍ପର୍କରେ ଗୁଇନ୍ଦା ତଥ୍ୟର ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ; କିନ୍ତୁ ବ୍ୟକ୍ତିଗତ ଜୀବନ ଓ ଗଣତାନ୍ତ୍ରିକ କ୍ଷେତ୍ରରେ ଏହାର ପ୍ରବେଶ ନିଶ୍ଚୟ ଉଦ୍‌ବେଗଜନକ। ଯେକୌଣସି 'ଆପ୍' ମାଧ୍ୟମରେ ଗୁଇନ୍ଦାଗିରିର ଅଭିଯୋଗ ଆହୁରି ଗୁରୁତର। ଏହି ସମ୍ବେଦନଶୀଳ ରାଷ୍ଟ୍ରୀୟ ସମସ୍ୟାକୁ ନେଇ ଯେଉଁ ସନ୍ଦେହ ସାଧାରଣରେ ସୃଷ୍ଟି ହୋଇଛି, ତାହାକୁ ଅବିଳମ୍ବେ ଦୂର କରାଯାଉ। ଆବଶ୍ୟକ ହେଲେ ସରକାର ଏ ସମ୍ପର୍କରେ ଶ୍ୱେତପତ୍ର ଜାରି କରି ନାଗରିକଙ୍କ ମନରେ ଶାସନ ବ୍ୟବସ୍ଥା ପ୍ରତି ବିଶ୍ୱସନୀୟତାକୁ ପୁନଃସ୍ଥାପନ କରନ୍ତୁ। ●

(ସକାଳ ମିଡିଆ ସର୍ଭିସ୍)

## ପୋଷାକର ସାଂସ୍କୃତିକ ଯୁଦ୍ଧ

ଅନନ୍ୟା ପ୍ରଧାନ



ଭାରତ ଏକ ସହସ୍ରାବ୍ଦୀ ପୁରାତନ ସଂସ୍କୃତିର ଭୂମି, ଯାହା ବିବିଧତାରେ ପରିପୂର୍ଣ୍ଣ ଏବଂ ସମୃଦ୍ଧ ଇତିହାସର ବାହକ। ଏହି ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ପାରମ୍ପରିକ ପୋଷାକ। ଶାଢ଼ି, ଧୋତି, କୁର୍ତ୍ତା, ଲେହଙ୍ଗା ଆଦି ପୋଷାକ କେବଳ ପରିଧାନ ନୁହେଁ, ବରଂ ଏଗୁଡ଼ିକ ଆମର ଆଞ୍ଚଳିକତା, ଧାର୍ମିକ ବିଶ୍ୱାସ, ସାମାଜିକ ମର୍ଯ୍ୟାଦା ଏବଂ ଋତୁ ଅନୁସାରେ ଜୀବନଚର୍ଯ୍ୟାର ପ୍ରତୀକ। ପାରମ୍ପରିକ ପୋଷାକ କେବଳ କପଡ଼ା ନୁହେଁ, ଏଗୁଡ଼ିକ ଜୀବନ୍ତ ଇତିହାସ। ପଶ୍ଚିମବଙ୍ଗର ତନ୍ତ ବସ୍ତ୍ର, ଗୁଜରାଟର ବାନ୍ଧନୀ, ଓଡ଼ିଶାର ଇକତ, ମଧ୍ୟପ୍ରଦେଶର ଚନ୍ଦେରୀ କିମ୍ବା ତାମିଲନାଡ଼ୁର କାଞ୍ଚୀପୁରମ ରେଶମ ଇତ୍ୟାଦି ପ୍ରତ୍ୟେକ ପୋଷାକ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳର କଳା, କୌଶଳ ଓ ପରମ୍ପରାକୁ ପ୍ରତିଫଳିତ କରେ। ଏହି ପୋଷାକଗୁଡ଼ିକ ପରିଧାନ କରିବା ପ୍ରକୃଷ୍ଟ ରୂପେ ସେହି ଅଞ୍ଚଳର ସଂସ୍କୃତି ପ୍ରତି ଆସ୍ଥା ଓ ସ୍ୱାଭିମାନର ପ୍ରତୀକ। ପୂର୍ବରୁ ଉତ୍ସବ, ପର୍ବପର୍ବାଣି, ବିବାହ ଓ ଧାର୍ମିକ ଅନୁଷ୍ଠାନରେ ନିର୍ଦ୍ଦିଷ୍ଟ ପୋଷାକର ପ୍ରଚଳନ ଥିଲା, ଯାହା ସମାଜିକ ଏକତା ଓ ସାଂସ୍କୃତିକ ଅନୁଭୂତିକୁ ଦୃଢ଼ କରୁଥିଲା।

ବିଗତ କିଛିଦଶକ ଧରି ଭାରତୀୟ ସମାଜ ଉପରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଅତ୍ୟନ୍ତ ତୀବ୍ର ହୋଇଛି ଏବଂ ପୋଷାକ କ୍ଷେତ୍ରରେ ଏହାର ପ୍ରଭାବ ସବୁଠାରୁ ଅଧିକ ଦୃଷ୍ଟିଗୋଚର ହୋଇଛି। ଏହି ପରିବର୍ତ୍ତନ ଆପାତତଃ ଆଧୁନିକତାର ପରିଚାୟକ ଭାବେ ଦେଖାଗଲେ ମଧ୍ୟ ଏହା ଭାରତୀୟ ସଂସ୍କୃତିର ପରିପନ୍ଥୀ ବୋଲି କୁହାଯାଇପାରେ। ସାମାଜିକ ଗଣମାଧ୍ୟ ଓ ଶିକ୍ଷା ପ୍ରଣାଳୀରେ ପାଶ୍ଚାତ୍ୟ ଦେଶମାନଙ୍କର ପ୍ରଭାବ ଯୋଗୁଁ ଭାରତୀୟ ଯୁବସମାଜ ପାଶ୍ଚାତ୍ୟ ସଂସ୍କୃତି ଆଡ଼କୁ ଆକୃଷ୍ଟ ହେବାରେ ଲାଗିଛନ୍ତି। ହଲିଉଡ୍, ବ୍ରିଟିଶ୍ ଫେସନ୍ ହାଉସ୍ ଓ ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡ଼ିକ ଯୁବପିଢ଼ିଙ୍କ ମନୋବୃତ୍ତି ଉପରେ ଗଭୀର ଛାପ ସୃଷ୍ଟି କରୁଛି। ଜିନ୍ସ, ଟି-ସାର୍ଟ, ମିନିସ୍କର୍ଟ, ସ୍କର୍ଟସ୍, କକ୍ଟେଲ୍ ଡ୍ରେସ୍ ଇତ୍ୟାଦି ପାଶ୍ଚାତ୍ୟ ପୋଷାକ ଆଧୁନିକତା, ଉନ୍ମୁକ୍ତତା ଓ ବିଦ୍ରୋହର ପ୍ରତୀକ ରୂପେ ପରିଚିତ। ନଗରୀକରଣ ଓ ବଦଳୁଥିବା ଜୀବନଶୈଳୀ ଯୋଗୁଁ ଏହି ପୋଷାକଗୁଡ଼ିକ ଅଧିକ ଆରାମଦାୟକ ଓ କାର୍ଯ୍ୟକ୍ଷମ ଭାବେ ସ୍ୱୀକୃତ। ଫଳସ୍ୱରୂପ, ଭାରତୀୟ ପାରମ୍ପରିକ ପୋଷାକ ଧୀରେ ଧୀରେ ଦୈନନ୍ଦିନ ଜୀବନରୁ ହଟିଗଲା ଏବଂ କେବଳ ବିଶେଷ ଅବସରରେ ସୀମିତ ରହିଲା।

ପାରମ୍ପରିକ ବସ୍ତ୍ରର ହ୍ରାସ ସହିତ ସେଥିରେ ନିହିତ ଶିଳ୍ପ, କଳା, ପରମ୍ପରା ଓ ମୌଳିକତା ମଧ୍ୟ ବିଲୋପ ହେବାର ସଙ୍କଟ ସୃଷ୍ଟି ହୋଇଛି। ଯେତେବେଳେ ଜଣେ ଭାରତୀୟ ଯୁବକ ନିଜ ପାରମ୍ପରିକ ପୋଷାକ ପରିବର୍ତ୍ତେ ଜିନ୍ସ ଓ ଟି-ସାର୍ଟକୁ ଗ୍ରହଣ କରେ, ସେତେବେଳେ ସେ ନିଜର ସାଂସ୍କୃତିକ ମୂଲ୍ୟବୋଧରୁ କ୍ରମଶଃ ଦୂରେଇ ଯାଏ। ପାଶ୍ଚାତ୍ୟ ପୋଷାକର ବଢୁଥିବା ଚାହିଦା ଦେଶଜ ହସ୍ତଶିଳ୍ପ ଓ ବସ୍ତ୍ର ଶିଳ୍ପ ପାଇଁ ଏକ ବଡ଼ ଧକ୍କା। ପାରମ୍ପରିକ ବୁଣାକାର, ଦରଜୀ ଓ ଶିଳ୍ପୀମାନେ ଆଜିକାଲି ରୋଜଗାର ହାନିର ସମ୍ମୁଖୀନ ହେଉଛନ୍ତି। କାରଣ ସେମାନଙ୍କ ଉତ୍ପାଦନଗୁଡ଼ିକର ଚାହିଦା ହ୍ରାସ ପାଇଛି। ଏହା କେବଳ ଆର୍ଥିକ ସମସ୍ୟା ନୁହେଁ, ବରଂ ଏକ ପ୍ରକାରର ସାଂସ୍କୃତିକ ଦରିଦ୍ରତା ମଧ୍ୟ।

ଫାଷ୍ଟ ଫେସନ୍ ବଜାର ବଢ଼ିବା ଫଳରେ ପାରିବେଶିକ ପ୍ରଦୂଷଣ ମଧ୍ୟ ବଢ଼ିଛି। ପାଶ୍ଚାତ୍ୟ ପୋଷାକ ଉତ୍ପାଦନରେ ସିନ୍ଥେଟିକ୍ କପଡ଼ା, ରାସାୟନିକ ରଙ୍ଗ ଇତ୍ୟାଦିର ବ୍ୟବହାର ଅଧିକ ହୁଏ, ଯାହା ପରିବେଶ ପାଇଁ କ୍ଷତିକାରକ। ଅପରପକ୍ଷେ, ଭାରତୀୟ ପାରମ୍ପରିକ ବସ୍ତ୍ର ସାଧାରଣତଃ ପ୍ରାକୃତିକ ସୂତା, ରେଶମ ଓ ରଙ୍ଗରେ ତିଆରି ହୁଏ, ଯାହା ପରିବେଶ ଅନୁକୂଳ। ପୋଷାକ ସାମାଜିକ ମୂଲ୍ୟବୋଧକୁ ମଧ୍ୟ ପ୍ରତିଫଳିତ କରେ। ପାରମ୍ପରିକ ପୋଷାକରେ ଲଜ୍ଜା, ସମ୍ମାନ ଓ ସାଂସ୍କୃତିକ ମର୍ଯ୍ୟାଦା ଭାବନା ଜଡ଼ିତ ଥିଲା। ପାଶ୍ଚାତ୍ୟ ପୋଷାକ ସହିତ ଆସୁଥିବା ଉନ୍ମୁକ୍ତତା କେତେକ କ୍ଷେତ୍ରରେ ପୁରୁଣା ପିଢ଼ି ଓ ରକ୍ଷଣଶୀଳ ସମାଜ ସହିତ ମତାନ୍ତର ସୃଷ୍ଟି କରୁଛି, ଯାହା ସାମାଜିକ ବିଭେଦକୁ ଜନ୍ମ ଦେଉଛି।

ଆଧୁନିକ ହେବା ଆବଶ୍ୟକ, କିନ୍ତୁ ତା'ସହିତ ପରମ୍ପରାକୁ ବଞ୍ଚାଇ ରଖିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ପାଶ୍ଚାତ୍ୟ ପୋଷାକକୁ ଅନ୍ଧ ଅନୁକରଣ କରିବା ଫଳରେ ଭାରତୀୟ ଯୁବସମାଜ ନିଜର ସଂସ୍କୃତି ପ୍ରତି ହତାଦର ଭାବ ଦେଖାଉଛନ୍ତି, ଯାହା ଦୀର୍ଘକାଳୀନ ଭାବେ ଚିନ୍ତାର ବିଷୟ। ନିଃସନ୍ଦେହରେ, ପାଶ୍ଚାତ୍ୟ ପୋଷାକର ଆଗମନ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟକର, ଆରାମଦାୟକ ଏବଂ ବ୍ୟବସାୟିକ ଦୃଷ୍ଟିକୋଣରୁ ଲାଭଦାୟକ। କିନ୍ତୁ ଏହାର ଅନ୍ଧ ଅନୁକରଣ ଓ ପାରମ୍ପରିକ ପୋଷାକକୁ ଉପେକ୍ଷା କରିବା ଭାରତୀୟ ସଂସ୍କୃତି ପାଇଁ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିଛି।

ଆବଶ୍ୟକତା ହେଉଛି ଏକ ସନ୍ତୁଳିତ ଦୃଷ୍ଟିକୋଣର। ଫେସନ୍ ଡିଜାଇନରମାନେ ଯେପରି ପାରମ୍ପରିକ ବସ୍ତ୍ରକୁ ନୂତନ ରୂପ ଦେଉଛନ୍ତି, ସେହିପରି ସାଧାରଣ ଜନତାଙ୍କୁ ମଧ୍ୟ ନିଜ ସଂସ୍କୃତି ପ୍ରତି ସଚେତନ ହେବା ଆବଶ୍ୟକ। ପୋଷାକର ଏହି ସାଂସ୍କୃତିକ ଯୁଦ୍ଧରେ ଜୟଲାଭ କେବଳ ତା' ପକ୍ଷେ ହିଁ ସମ୍ଭବ, ଯିଏ ଆଧୁନିକତା ଓ ପରମ୍ପରାର ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ପ୍ରତିଷ୍ଠା କରିପାରିବ। ଆମର ପରିଧେୟ ବସ୍ତ୍ର ହେଉ ଆମର ଅତୀତର ଗୌରବମୟ ଇତିହାସ ଏବଂ ଭବିଷ୍ୟତର ଆଶାର ପ୍ରତୀକ। ଆଧୁନିକ ଯୁଗ ହିସାବରେ ଚାଲିବା ଖରାପ ନୁହେଁ। ଯେମିତି ଯୁଗକୁ ସେମିତି ହେବା ଦରକାର; କିନ୍ତୁ ଆଧୁନିକ ଯୁଗକୁ ଆପଣାଇ ନେଇ ନିଜ ସଂସ୍କୃତିକୁ ଭୁଲିଯିବା ବି ଠିକ୍ କଥା ନୁହେଁ। ●

କୁଚିଣ୍ଡା(ସମ୍ବଲପୁର)

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

### ଅଙ୍କରାନ୍ତି
(Thorny Nightshade Plant -Solanum virginianum)

ପ୍ରକୃତି-ପରିବେଶ

ଅଙ୍କରାନ୍ତି ପ୍ରାୟ ୨-୩ ମିଟର ଉଚ୍ଚତା ବିଶିଷ୍ଟ ଏକ କଣ୍ଟାଯୁକ୍ତ କ୍ଷୁପ, ଯାହା ସାରା ଭାରତରେ ଶୁଷ୍କ ଅନାବାଦି ଜମି ଏବଂ ରାସ୍ତା ପାର୍ଶ୍ୱରେ ଉଷ୍ମମଣ୍ଡଳୀୟ ଓ ଉପଉଷ୍ମମଣ୍ଡଳୀୟ ଅଞ୍ଚଳରେ ସାଧାରଣ ଭାବରେ ଦେଖାଯାଏ। ଏହା ପ୍ରଚୁର ପରିମାଣରେ ଦୃଢ଼, ଛୁଞ୍ଚି ପରି କଣ୍ଟାଯୁକ୍ତ। କାଣ୍ଡ ସିଧା, କଠିନ, ଶାଖାଯୁକ୍ତ, ଗାଢ଼ ସବୁଜ, ମସୃଣ ଏବଂ ନୂତନ ଶାଖାଗୁଡ଼ିକ ଘନ ତାରକା କୃତି ଲୋମ ସହିତ ଆଚ୍ଛାଦିତ। ପତ୍ରଗୁଡ଼ିକ କଣ୍ଟକିତ କେଶ ଯୁକ୍ତ, ସରଳ, ଗଣ୍ଠିରେ ବିକଳ୍ପ ଭାବରେ ଅବସ୍ଥାପିତ, ଅଣ୍ଡାକାର, ୧-୨ ସେମି ବ୍ୟାସ, ଡେମ୍ଫ ଯୁକ୍ତ, ଏକ୍ସଟିପୁଲେଟ୍ ବା ଅସପର୍ଣ୍ଣିକା। ଫୁଲ କଣ୍ଟକିତ କେଶରେ ଆଚ୍ଛାଦିତ, ଧଳା କିମ୍ବା ନୀଳ ବାଇଗଣୀ କିମ୍ବା ବାଇଗଣୀ ରଙ୍ଗର। ପାଞ୍ଚଟି ସଂଯୁକ୍ତ ପାଖୁଡ଼ା ଘଣ୍ଟି ଆକୃତିର, ବାହାରକୁ ତୀବ୍ର କେଶଯୁକ୍ତ, ଧଳା। ଫଳ ଗୋଲାକାର, ଛୋଟ ବେଳେ ସବୁଜ ଓ ପାଚିଲେ ଲାଲ।

ଅଙ୍କରାନ୍ତି ଏକ ପ୍ରାଚୀନ ଆୟୁର୍ବେଦିକ ଔଷଧୀୟ ଉଦ୍ଭିଦ। ଚରକ ସଂହିତା ଏବଂ ସୁଶ୍ରୁତ ସଂହିତା ଏହା ବିଷୟରେ ଉଲ୍ଲେଖ କରିଛନ୍ତି। ସମ୍ପୂର୍ଣ୍ଣ ଉଦ୍ଭିଦ ଏବଂ ଏହାର ବିଭିନ୍ନ ଅଂଶ ବିଭିନ୍ନ ଚିକିତ୍ସା ପାଇଁ ବ୍ୟବହୃତ ହୁଏ। କିନ୍ତୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ମୂଳ। ମୁଖ୍ୟତଃ ଶ୍ୱାସ ରୋଗ, ପାଚନ ସମସ୍ୟା ଚିକିତ୍ସାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଉଦ୍ଭିଦ ଭାବରେ ସ୍ୱୀକୃତିପ୍ରାପ୍ତ। ଆୟୁର୍ବେଦରେ ଦଶମୂଳାରିଷ୍ଟ ବା ଦଶମୂଳର ଏକ ସର୍ବସମ୍ମତ ଔଷଧି ମଧ୍ୟରୁ ଗୋଟିଏ ହେଉଛି ଅଙ୍କରାନ୍ତି। ଏଥିସହିତ ଥଣ୍ଡା, କାଶ, ବିଭିନ୍ନ ଶ୍ୱାସକ୍ରିୟାଜନିତ ରୋଗ, ମ୍ୟାଲେରିଆ, ଅଲସର ବା ଘା, ସଂକ୍ରମିତ ଯୌନ ବ୍ୟାଧି, ମଳକଣ୍ଟକ, ଅର୍ଶ. ଲାରିଞ୍ଜାଇଟିସ୍ ବା ସ୍ୱରକ ପ୍ରଦାହ ଫୁଲା, କର୍କଶ ସ୍ୱର, ଛାତି ଯନ୍ତ୍ରଣା, ଚିନ୍ତା, ଅନିଦ୍ରା, କୋଲେଷ୍ଟ୍ରଲ୍, ରକ୍ତସ୍ରାବ ସମସ୍ୟା, ଯନ୍ତ୍ରଣାଦାୟକ ପ୍ରସବର ଉପଶମ ......ଆଦିର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଓଡ଼ିଶାର ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟ ଏହି ଗଛର ଫଳକୁ କାଢ଼ା ସହିତ ମଧୁମେହ ଚିକିତ୍ସା ପାଇଁ ବ୍ୟବହାର କରିଛନ୍ତି। ଫଳଗୁଡ଼ିକ ଖାଦ୍ୟଯୋଗ୍ୟ। ଏହା ତ୍ରିଦୋଷ, ଅର୍ଥାତ୍ ବାତ, ପିତ୍ତ ଓ କଫକୁ ସନ୍ତୁଳିତ କରିବାରେ ପ୍ରଭାବଶାଳୀ ଅଟେ।

ଅଙ୍କରାନ୍ତିରେ ସୋଲାସୋଡିନ୍, ସୋଲାମାର୍ଜିନ୍ ଭଳି ଆଲକାଲଏଡ୍ ଅଛି, ଯାହା ସମ୍ଭାବ୍ୟ କର୍କଟ-ବିରୋଧୀ ଗୁଣ ଏବଂ ପ୍ରତିରକ୍ଷା କାର୍ଯ୍ୟକୁ ସମର୍ଥନ କରିବାର କ୍ଷମତା ରଖେ। ଏହା ମଧ୍ୟ ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି, ସଂକ୍ରମଣ ନିରୋଧୀ ଶକ୍ତି ଓ ପୁଷ୍ଟିକୁ ଉନ୍ନତ କରେ। ବୀର୍ଯ୍ୟପାତ (ଶୁକ୍ର ରେଚନା) ଏବଂ ପ୍ରଜନନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବାରେ ଏହାର ଭୂମିକା ପାଇଁ ଅଙ୍କରାନ୍ତି ପ୍ରସିଦ୍ଧ। ଏହାର ବ୍ୟବହାର ଯୌନ ଜୀବନଶକ୍ତି ଏବଂ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିପାରିବା ଶକ୍ତି ଅଛି। ପାରମ୍ପରିକ ଭାବରେ ଅଙ୍କରାନ୍ତିର ଉତ୍ପନ୍ନ ଔଷଧ ଭୋକ ସୃଷ୍ଟି ଓ ହଜମରେ ସହାୟତା କରେ। ଏହାକୁ ସାଧାରଣତଃ ପାଉଡର, କାଢ଼ା ଓ ପେଷ୍ଟ ଭାବରେ ବ୍ୟବହାର କରାଯାଏ। ଏହି ଉଦ୍ଭିଦରେ ଥିବା ପ୍ରମୁଖ ରାସାୟନିକ ଉପାଦାନଗୁଡ଼ିକ ହେଉଛି ବି-କ୍ୟାରୋଟିନ୍, ଡିସଜେନିନ୍, କାର୍ପେଷ୍ଟେରୋଲ୍, ସୋଲାସୋଡିନ୍, ସୋଲାମାର୍ଜିନ୍, ବି- ସୋଲାମାର୍ଜିନ୍, ସୋଲାନାଇନ୍, ସୋଲାସାଡିନୋ-ଏଲ-ରାମନୋସି-ବି-ଡି-ଗ୍ଲୁକୋସାଇଡ୍ (ସୋଲାସୁରିନ୍), ସୋଲାନୋକାର୍ପାଇନ୍ (ସୋଲାନାଇନ୍-ଏସ୍), ଟୋମାଟିଡିଏନଲ୍, ପଲିଫେନୋଲ୍ସ, ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍, ଆଲକାଲଏଡ୍ସ ଇତ୍ୟାଦି।

କେତେକ ସଂସ୍କୃତିରେ ଅଙ୍କରାନ୍ତିକୁ ପୂଜାର୍ଚ୍ଚନା ଓ ପାରମ୍ପରିକ ସମାରୋହରେ ବ୍ୟବହାର କରାଯାଏ, ଯାହା ଆଧ୍ୟାତ୍ମିକ ଓ ଚିକିତ୍ସା ପ୍ରଣାଳୀରେ ଏହାର ଗୁରୁତ୍ୱକୁ ପ୍ରତିଫଳିତ କରେ। ଏହା ବିଭିନ୍ନ ପରିବେଶରେ ବଢ଼ିଥାଏ। ପ୍ରାୟତଃ ଶୁଷ୍କ ଅଞ୍ଚଳରେ ମିଳିଥାଏ ଏବଂ ଏହାର ଚିକିତ୍ସାଗତ ଲାଭ ପାଇଁ ସାଧାରଣତଃ ଉଦ୍ୟାନରେ ଚାଷ କରାଯାଏ। ଏହି ଔଷଧୀୟ କ୍ଷୁପ ଶୀଘ୍ର ବ୍ୟାପି ଭୂମିକୁ ଆଚ୍ଛାଦିତ କରେ, ଯାହା ମାଟିକୁ ସ୍ଥିର କରିବାରେ ଏବଂ ମୃତ୍ତିକା କ୍ଷୟକୁ ରୋକିବାରେ ସାହାଯ୍ୟ କରିପାରେ। ପରିବେଶଗତ ସନ୍ତୁଳନରେ ମଧ୍ୟ ଏହାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଏହା ବିଭିନ୍ନ ପରିସ୍ଥିତିରେ ବଢୁଥିବାରୁ ଚାଷ ଓ ପ୍ରାକୃତିକ ବାସସ୍ଥାନ ଉଭୟ ପାଇଁ ଏକ ସ୍ଥିର ଉଦ୍ଭିଦ। ଏହାକୁ ଔଷଧୀୟ ଉଦ୍ଦେଶ୍ୟରେ ହିମାଳୟ, ଦକ୍ଷିଣ-ପୂର୍ବ ମାଲେସିଆ, ଅଷ୍ଟ୍ରେଲିଆ ଓ ହାୱାଇ ସମେତ ଅନ୍ୟାନ୍ୟ ପଲିନେସୀୟ ଦ୍ୱୀପପୁଞ୍ଜରେ ଚାଷ କରାଯାଏ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୧୦ କୋଟି ଟଙ୍କାର ଆର୍‌ଡି ରାସ୍ତା କାମ ନିମ୍ନମାନର ଅଭିଯୋଗ

# ବସ୍ ଚାଲିଗଲେ ଉଠିଯାଉଛି ପିଚୁ

ବାରିପଦା,୭।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧୀନ ଖୁଣ୍ଟା ବ୍ଲକ୍ ଅଞ୍ଚଳରେ ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ଦୁଇ ପଞ୍ଚାୟତରେ ଉଦ୍‌ବେଗ ପ୍ରକାଶ ପାଇଛି। ୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପିଚୁ ରାସ୍ତା କାମ ୫ ଦିନ ପରେ ବସ୍ ଚାଲିଗଲେ ଓ ହାତ ମାରିଲେ ଫଡ଼ାଫଡ଼ା ହୋଇ ଉଠିଯାଉଛି। ଯାହାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲାସ୍ତରୀୟ ଏକ ତଦନ୍ତକାରୀ ଦଳ କାର୍ଯ୍ୟସ୍ଥଳୀକୁ ଯାଇ ଅନୁଧ୍ୟାନ କରିଛନ୍ତି। ଏକ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାରଙ୍କ ଦ୍ୱାରା ନିର୍ମିତ କାର୍ଯ୍ୟର ଗୁଣବତ୍ତା ଓ ବିଭାଗର ସ୍ୱଚ୍ଛତାକୁ ନେଇ ୨ ସରପଞ୍ଚ ପ୍ରଶ୍ନ ଉଠାଇଛନ୍ତି।

ବଡ଼ପଥରା ପଞ୍ଚାୟତର ଚପଳଡିହି-ବହଳଦାରୁ ସପନଚୁଆ ପର୍ଯ୍ୟନ୍ତ ୯ କିମି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଆରଡି ବିଭାଗ ପକ୍ଷରୁ ୧୦ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ପରେ ଟେଣ୍ଡର ମାଧ୍ୟମରେ ରାସ୍ତା ନିର୍ମାଣ କାର୍ଯ୍ୟ ବାରିପଦାର ଜଣେ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କିରଣ କୁମାର ଦାସ କରୁଥିଲେ। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଅତ୍ୟନ୍ତ ନିମ୍ନମାନର ଓ ସଠିକ୍ ଭାବେ ମେଟାଲିଂ ହୋଇ ନ ଥିବାରୁ ତାହା ଚିରସ୍ଥାୟୀ ହେବା ପରିବର୍ତ୍ତେ ନିର୍ମାଣର ୫ଦିନ ପରେ ଉକ୍ତ ଗ୍ରାମକୁ ଯାଇଥିବା ଏକ ବସ୍ ଫେରିବା ପରେ ପିଚୁ ଉଠିଯାଇଥିଲା। ଗ୍ରାମବାସୀ ପିଚୁକୁ ହାତରେ ଉଠାଇବାରୁ ତାହା ଫଡ଼ାଫଡ଼ା ହୋଇ ଉଠିଯାଉଛି। ଏପରିକି ମେଟାଲିଂ ନ କରି ମାଟି ଉପରେ ଗରମ ପିଚୁ ପକାଇବା ପରିବର୍ତ୍ତେ ଶୀତଳ ପିଚୁ ପକାଇବା ଓ ଭାଇବ୍ରେଟର ରୋଲର ନ ଚଳାଇବା ଯୋଗୁଁ ରାସ୍ତା କାମରେ ଗୁଣବତ୍ତା ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ସହ ଲୋକମାନେ ପିଚୁ ଉଠାଇ ଫୋପାଡି ଦେଇଛନ୍ତି।

ଏଭଳି କାର୍ଯ୍ୟକୁ ନେଇ ସରପଞ୍ଚ ମଙ୍ଗଳ ମାଝୀଙ୍କ ସମେତ ଗ୍ରାମବାସୀ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। କାର୍ଯ୍ୟସ୍ଥଳୀକୁ ବିଭାଗୀୟ ଅଧିକାରୀ ଯାଉ ନ ଥିବାରୁ ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ବିନିଯୋଗ ହେବାରେ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟବ୍ରତ ନାୟକ କୁହନ୍ତି, ପିଚୁ ଉଠିଥିବା ସ୍ଥାନଟି ଠିକ୍ ଭାବେ ପରିଷ୍କାର ହୋଇ ନ ଥିବାରୁ ତାହା ଉଠିଯାଇଛି। ପୁନର୍ବାର ସେହି ସ୍ଥାନକୁ ସଠିକ ଭାବେ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାକି ଅନ୍ୟ ସମସ୍ତ କାର୍ଯ୍ୟ ଠିକ୍ ରହିଛି ବୋଲି ତଦନ୍ତରେ ନ ଯାଇ ନିର୍ବାହୀଯନ୍ତ୍ରୀଙ୍କ ରିପୋର୍ଟ ଆଧାରରେ ପ୍ରକାଶ କରିଛନ୍ତି। ଏ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି, ବୈଷୟିକ ଟିମ୍ ସହିତ ଜିଲ୍ଲାର ଏକ ପ୍ରତିନିଧି ଦଳ କାର୍ଯ୍ୟର ତଦନ୍ତ କରିଛନ୍ତି। ଟିମ୍‌ରେ ସିଡିଓ, ଜଣେ ପିଡି ଟେକ୍ନିକାଲ ଓ ଇଞ୍ଜିନିୟରିଂ ବିଭାଗର ଜଣେ ଅଧିକାରୀ, ବିଡିଓ ଓ ଉଦଳାର ନିର୍ବାହୀ ଯନ୍ତ୍ରୀ ତଦନ୍ତରେ ଯାଇ କାର୍ଯ୍ୟର ଗୁଣବତ୍ତାକୁ ଯାଞ୍ଚ କରିଛନ୍ତି। କାର୍ଯ୍ୟର ମାନଦଣ୍ଡ ଓ ଚୁକ୍ତିନାମାକୁ ନେଇ ବିଚ୍ୟୁତ ହୋଇଥିଲେ ବିଭାଗୀୟ ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାର୍ଯ୍ୟର ଗୁଣବତ୍ତା ସନ୍ତୋଷଜନକ ନ ଥିଲେ ଭିଜିଲାନ୍ସ ବିଭାଗକୁ ଅବଗତ କରାଯିବା ସହ ସମ୍ପୃକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଯିବ।



### କଳା ତାଲିକାଭୁକ୍ତ ହେବେ ଠିକାଦାର

---

### ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ୧୦ରେ ଆନ୍ଦୋଳନ କରିବ ସମନ୍ୱୟ ସମିତି

# ‘ସରକାର ପ୍ରତିଶ୍ରୁତି ଦେଇ ପ୍ରତାରିତ କରିବା ଦୁର୍ଭାଗ୍ୟଜନକ’




ଭୁବନେଶ୍ୱର, ୭ ।୧୨(ସମିସ): ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ଆସନ୍ତା ୧୦ ତାରିଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇବ। ପୂର୍ବରୁ ସେମାନଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ପରେ ପ୍ରତାରିତ କରିଥିବାରୁ ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ବିଧାନସଭା ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରିବେ ବୋଲି ସମିତିର ଆବାହକ ରଞ୍ଜନ କୁମାର ଦାସ ରବିବାର ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଆଦି ଦାବି ପୂରଣ କରିବା ପାଇଁ ସରକାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ପୂରଣ କରି ନାହାନ୍ତି। ସେମାନଙ୍କ ଦାବି ସମ୍ପର୍କରେ ବିଧାନସଭା ଷ୍ଟାଣ୍ଡିଂ କମିଟି, ପଲିଟିକାଲ କମିଟି, ସଚିବସ୍ତରୀୟ କମିଟି ଗଠନ କରି ଆଲୋଚନା ମଧ୍ୟ ସରିଛି। ଏହା ସତ୍ତ୍ୱେ ସରକାର ଆଉ ଏକ କମିଟି ଗଠନ କରି ୬ ମାସ ଭିତରେ ରିପୋର୍ଟ ଦେବାକୁ କହିଛନ୍ତି। ସରକାର କାଳକ୍ଷେପଣ ନୀତି ଆପଣେଇ କେବଳ ବିଳମ୍ବ କରିବା ଲକ୍ଷ୍ୟରେ କମିଟି ଗଠନ କରିଥିବା ସମନ୍ୱୟ କମିଟି ଅଭିଯୋଗ କରିଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳରେ ଥିବାବେଳେ ସେମାନଙ୍କ ଦାବିକୁ ଯଥାର୍ଥ ବୋଲି ସାଧାରଣରେ ମନ୍ତବ୍ୟ ଦେଇଥିଲେ। ତାହାଲେ ସେସବୁକୁ ପୂରଣ କରିବାରେ କାହିଁକି ବିଳମ୍ବ କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ପ୍ରତିଶ୍ରୁତି ଦେଇ ପ୍ରତାରିତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସମିତି ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନିରେ ସମିତିର ସଭାପତି ସୁକାନ୍ତ କୁମାର ବେହେରାଙ୍କ ସମେତ ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ମଧୁସୂଦନ ଦେ ପ୍ରମୁଖ ଉପସ୍ଥିତ ଥିଲେ।

---

### ବାରବାଟୀ ଟି-୨୦

## ଟିକେଟ ବଣ୍ଟନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଲା ଯୁବ କଂଗ୍ରେସ

ଭୁବନେଶ୍ୱର,୭ ।୧୨(ସମିସ): ଆସନ୍ତା ଡିସେମ୍ବର ୯ ତାରିଖରେ ବାରବାଟୀରେ ହେବାକୁ ଥିବା ଆନ୍ତର୍ଜାତିକ ଟି-୨୦ ମ୍ୟାଚ ପାଇଁ ଟକଟ ବଣ୍ଟନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି ଯୁବ କଂଗ୍ରେସ। ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ବିଭାଗର ସଂଯୋଜକ ସୁଦିପ ସାମଲ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହି ପ୍ରସଙ୍ଗ ଉଠାଇ ଉଲ୍ଲେଖ କହିଛନ୍ତି ଯେ, ଗତ ଫେବୃଆରୀ ମାସରେ ଖେଳ ସମୟରେ ଲାଇଟ୍ ବିଭ୍ରାଟ ଘଟିଲା। ସେଥିପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହୋଇଥିଲା। ରାଜ୍ୟ ସରକାର ଏବଂ ଓସିଏ କର୍ତ୍ତୃପକ୍ଷ ଉକ୍ତ ଖେଳର ବିଭ୍ରାଟ ପାଇଁ କେଉଁମାନେ ଦାୟୀ ତାହା ସାର୍ବଜନୀନ କଲେ ନାହିଁ। ଓସିଏକୁ ଏକ ନିର୍ଦ୍ଦିଷ୍ଟ ପରିବାର ଦୀର୍ଘଦିନ ହେବ ପରିଚାଳନା କରୁଛନ୍ତି ଏବଂ ତାହା ତାଙ୍କର ପୈତୃକ ସମ୍ପତ୍ତି ଭଳି ବ୍ୟବହାର ମଧ୍ୟ କରୁଛନ୍ତି। କାହା ଛତ୍ରଛାୟା ତଳେ ରହି ସେ ଏଭଳି କ୍ଷମତାର ଦୁରୁପଯୋଗ କରୁଛନ୍ତି ବୋଲି ଶ୍ରୀ ସାମଲ୍ ପ୍ରଶ୍ନ କରିଛନ୍ତି।

---

# ବିଜେପି ୱାଶିଂ ମେସିନରେ ପ୍ରୟାସକାନ୍ତି: କଂଗ୍ରେସ

ଭୁବନେଶ୍ୱର,୭ ।୧୨(ସମିସ): ଯାହା ବିରୋଧରେ ଦୁର୍ନୀତି ପାଇଁ ଇଡି ଅନୁସନ୍ଧାନ କରୁଛି, ସେମାନଙ୍କୁ ବିଜେପି ନିଜ ଦଳ ସାମିଲ କରୁଛି। ତେଣୁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ମାଧ୍ୟମରେ ରାଜନୈତିକ ନେତାଙ୍କୁ ଭୟଭୀତ କରି ବିଜେପି ନିଜ ଦଳରେ ସାମିଲ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ । ରବିବାର କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେଠୀ କହିଛନ୍ତି ଯେ ଦୁର୍ନୀତି ଅଭିଯୋଗ ଥିବା ନେତା ବିଜେପିର ୱାଶିଂ ମେସିନ୍‌ରେ ଥରେ ପଶିଗଲେ ସେମାନେ ଦୁର୍ନୀତିମୁକ୍ତ ଏବଂ କଳଙ୍କମୁକ୍ତ ହୋଇ ଯାଉଛନ୍ତି। ଏହି କ୍ରମରେ ଭଦ୍ରକ ଇଞ୍ଜିନିୟରିଂ କଲେଜ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିମାନେ ବିଜେପିରେ ଯୋଗଦାନ ଏକ ସୁଚିନ୍ତିତ ଯୋଜନା ବୋଲି ସେ କହିଛନ୍ତି।




### ବିଜେପିରେ ସାମିଲ ହେଲେ ଧୋଇଯିବ ସବୁ କଳଙ୍କ

ଭଦ୍ରକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ କହିଛନ୍ତି, ୧୯୫୬ ମସିହାରେ ଲୋକଙ୍କ ଦାନ ଜମି ଉପରେ ବରପଦାରେ ସରକାରୀ ଇଞ୍ଜିନିୟରିଂ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ୧୯୬୭ ମସିହାରେ ଏହା ବନ୍ଦ ହୋଇଯାଇଥିଲା। ସେହି ବନ୍ଦ ହୋଇଯାଇଥିବା ସରକାରୀ ଇଞ୍ଜିନିୟରିଂ ସ୍କୁଲର କୋଠାବାଡ଼ି ଓ ଜମି ଉପରେ ୧୯୮୨ରେ ବରପଦା ସ୍କୁଲ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ) ନାମରେ ଏକ ଇଞ୍ଜିନିୟରିଂ ସ୍କୁଲ ଅଣରେଜିଷ୍ଟ୍ରିଭୁକ୍ତ ପରିଚାଳନା କମିଟି ଉଦ୍ୟମରେ ପ୍ରତିଷ୍ଠିତ ହେଲା ଓ ୧୯୮୩ ମସିହାରେ ଏହା ସରକାରୀ ସ୍ୱୀକୃତି ପାଇଲା। ୨୦୦୯ ମସିହାରେ ପ୍ରୟାସକାନ୍ତ ସାମଲ ଏଠାରେ ପରିଚାଳନା କମିଟିର ସଭାପତି ଭାବେ ଦାୟିତ୍ୱ ନେଇଥିଲେ। ଏହାପରେ ଅନେକ ଦୁର୍ନୀତିରେ ସେ ଛନ୍ଦି ହୋଇଛନ୍ତି ଓ ଏହାର ମାମଲା ମଧ୍ୟ ଜାରି ରହିଛି। ବିଜେପି ବରପଦା ଇଞ୍ଜିନିୟରିଂ ସ୍କୁଲର ସମସ୍ୟାକୁ ନିର୍ବାଚନରେ ଆୟୁଧ କରି ଭଦ୍ରକରେ ନିର୍ବାଚନ ଜିତିଥିବା ବେଳେ ଏବେ ସେହି ଦୁର୍ନୀତି ଅଭିଯୁକ୍ତଙ୍କୁ ଦଳରେ ମିଶାଇବା ଜନତାଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ଇଞ୍ଜିନିୟରିଂ କଲେଜ ଶହ ଶହ କୋଟି ଟଙ୍କା ଲୁଟ୍‌ରୁ କେତେ ଏମାନଙ୍କ ପକେଟକୁ ଯାଇଛି ତାହା ସାଧାରଣ ଜନତାଙ୍କୁ ବିଜେପି ସ୍ପଷ୍ଟ କରୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଜନସାଧାରଣଙ୍କ ସମସ୍ୟାକୁ ଆଖି ବୁଜିଦେଇ ଅନୁଷ୍ଠାନ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଇ ଅନୁଷ୍ଠାନର ଅଧୋଗତି ପାଇଁ ଦାୟୀ ଅଭିଯୁକ୍ତମାନଙ୍କୁ ଦଳରେ ମିଶାଇ ବିଜେପି ଓ ଏହାର ନେତା ଓଡ଼ିଶାବାସୀଙ୍କୁ କି ସନ୍ଦେଶ ଦେଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

---

## ୧୧ ବର୍ଷ ଧରି ନିଖୋଜ ଥିଲେ

# ବାଂଲାଦେଶରୁ ଫେରାଇ ଆଣିଲା ‘ଜୟ ଜଗନ୍ନାଥ’ ଧ୍ୱନି

ବାରିପଦା,୭ ।୧୨(ସମିସ): ସୀମାପାର ସହଯୋଗ ଓ ଅଧ୍ୟବସାୟର ଏକ ହୃଦୟସ୍ପର୍ଶୀ କାହାଣୀର ମୁଖ୍ୟ ଚରିତ୍ର ମୟୂରଭଞ୍ଜ ଜିଲ୍ଲାର ୪୧ ବର୍ଷୀୟ ସୁଦାମ ହେମ୍ବ୍ରମ ରବିବାର ନିଜ ଘରକୁ ଫେରିଛନ୍ତି। ବଡ଼ସାହି ବ୍ଲକ୍ ଅନ୍ତର୍ଗତ ପଉଁଶିଆ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ବାସିନ୍ଦା ସୁଦାମ ହେମ୍ବ୍ରମ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ।

ଆଜକୁ ପାଖାପାଖି ୧୧ ବର୍ଷ ପୂର୍ବେ ଅର୍ଥାତ ୨୦୧୪ରେ ପିତା କିଶୋର ହେମ୍ବ୍ରମଙ୍କ ମୃତ୍ୟୁର ତିନିଦିନ ପରେ ନିଖୋଜ ହୋଇଯାଇଥିଲେ। ପରିବାର ଓ ସମ୍ପର୍କୀୟ ବହୁ ଖୋଜାଖୋଜି କରି ସୁଦାମଙ୍କୁ ପାଇ ନ ଥିଲେ। ସେ ଅଜାଣତରେ ଭାରତ ସୀମା ପାର ହୋଇ ବାଂଲାଦେଶକୁ ଚାଲିଯାଇଥିଲେ। ବାଂଲାଦେଶର ଏକ ସ୍ୱେଚ୍ଛାସେବୀ ସଂଗଠନ ମାନସିକ ବିକାରଗ୍ରସ୍ତ ସୁଦାମଙ୍କୁ ଗତ ଅକ୍ଟୋବର ୧୭ ତାରିଖ ଦିନ ଗୋଟିଏ ସ୍ଥାନରୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା କରାଇବା ପରେ ତାଙ୍କ ପାଟିରୁ ‘ଜୟ ଜଗନ୍ନାଥ’ ଶୁଣି ସେ ଭାରତୀୟ ଓ ଓଡ଼ିଶାର ଅନୁମାନ କରି ତାଙ୍କ ଘର ଠିକଣା ଖୋଜାଖୋଜି କରି ଶେଷରେ ପଶ୍ଚିମବଙ୍ଗର ଉତ୍ପଳ ରୟ ନାମକ ଜଣେ ମାନବାଧିକାର କମିଶନର ସମ୍ପାଦକଙ୍କ ସହାୟତାରେ ସୁଦାମଙ୍କ ସମ୍ପୂର୍ଣ୍ଣ ଠିକଣା ପାଇଥିଲେ। ପରେ ଗାଁରେ ରହୁଥିବା ପୁତୁରାଙ୍କ ସହ ଯୋଗାଯୋଗ କରି ବାଂଲାଦେଶ ଓ ଭାରତର ହାଇକମିଶନର ଯୋଗାଯୋଗ ପରେ ସୁଦାମଙ୍କ ପ୍ରତ୍ୟାବର୍ତ୍ତନର ବାଟ ଫିଟିଥିଲା। ଅର୍ଥାତ ଶନିବାର ମୟୂରଭଞ୍ଜ ପୁଲିସ ଏକ ଟିମ୍, ବେତନଟୀ ଅତିରିକ୍ତ ତହସିଲଦାର ଓ ସୁଦାମଙ୍କ ପୁତୁରା ଓ ଅନ୍ୟଜଣେ ସମ୍ପର୍କୀୟ ଉଦ୍ଧାର ପାଇଁ ପଶ୍ଚିମବଙ୍ଗର ଭାରତ-ବାଂଲାଦେଶ ସୀମାରେ ଥିବା ହରିଦାସପୁର-ବେନାପୋଲ ଲ୍ୟାଣ୍ଡ କଷ୍ଟମ୍ସ ଷ୍ଟେସନକୁ ଯାତ୍ରା କରିଥିଲେ। ଦସ୍ତାବିଜ ଯାଞ୍ଚ ଓ ହସ୍ତାନ୍ତର ପ୍ରକ୍ରିୟା ପରେ ବାଂଲାଦେଶ ଅଧିକାରୀ ରବିବାର ସୁଦାମଙ୍କୁ ହସ୍ତାନ୍ତର କରିଥିଲେ। ଏହି ସଫଳ ପ୍ରତ୍ୟାବର୍ତ୍ତନ ଭାରତ ଓ ବାଂଲାଦେଶ ମଧ୍ୟରେ ଦୃଢ଼ କୂଟନୈତିକ ଓ ପ୍ରଶାସନିକ ସମ୍ପର୍କକୁ ଉଜାଗର କରିଛି ବୋଲି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ କହିଛନ୍ତି।



### ସୁଦାମଙ୍କୁ ଘରେ ପାଇ ଆତ୍ମୀୟସ୍ୱଜନ ଆତ୍ମହରା

ଏହି ପୁନର୍ମିଳନ ଆମ ଜିଲ୍ଲା ପ୍ରଶାସନ, ପୁଲିସ ବାହିନୀ ଓ ଢାକାସ୍ଥ ହାଇକମିଶନଙ୍କ ଅଟଳ ପ୍ରତିଶ୍ରୁତିର ପ୍ରମାଣ। ଏତେ ଦୀର୍ଘ ଯନ୍ତ୍ରଣା ପରେ ସୁଦାମ ହେମ୍ବ୍ରମଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ଦ୍ୱିପାକ୍ଷିକ ସହଯୋଗର ଶକ୍ତିକୁ ଦର୍ଶାଉଛି। ସୁଦାମ ଭାରତ ମାଟିରେ ପାଦ ଥୋଇବା ସହ ତାଙ୍କୁ ଅପେକ୍ଷାରତ ପରିବାର ଲୋକେ ଲୁହ ଝରା ଆଲିଙ୍ଗନରେ ବେଢ଼ି ନେଇଥିଲେ, ଯାହା ୧୧ ବର୍ଷର ଦୁଃସ୍ୱପ୍ନର ଅନ୍ତ ଘଟାଇଛି। ଜଗନ୍ନାଥପୁର ଗ୍ରାମର ଲୋକେ ତାଙ୍କ ପାଇଁ ଏକ ସ୍ୱାଗତ ଉତ୍ସବର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହାକୁ ସେମାନେ “ଅଧ୍ୟବସାୟର ଚମତ୍କାର’ ବୋଲି କହିଛନ୍ତି। ଏହି ଘଟଣା ସୀମାନ୍ତ ଅଞ୍ଚଳର ଲୋକଙ୍କ ଦୁର୍ବଳତା ଓ ନିଖୋଜ ବ୍ୟକ୍ତି ମାମଲାରେ ଦ୍ରୁତ ଆନ୍ତଃବିଭାଗୀୟ ପ୍ରତିକ୍ରିୟାର ଗୁରୁତ୍ୱକୁ ଏକ ଗଭୀର ସ୍ମାରକୀ ଭାବେ ମନେ ପକାଇଛି। ମୟୂରଭଞ୍ଜ ପ୍ରଶାସନ ହେମ୍ବ୍ରମଙ୍କ ପୁନର୍ବାର ସମାଜରେ ମିଶିବା ପାଇଁ ପରାମର୍ଶ ଓ ସହାୟତା ସହିତ ନିରନ୍ତର ସହଯୋଗର ଆଶ୍ୱାସନ ଦେଇଛନ୍ତି।

---


## AFFIDAVIT

By virtue of an affidavit sworn before Notary Public Bhubaneswar, on dated 05.12.2025, I Baikuntha Pal resident of Refugee Colony, Po- Budheswari Colony, Laxmisagar, Near Govt Municipality School, Bhubaneswar,Khurdha, PIN-751006, declare that I have changed the name of my Son from Shuvashis Pala to Subhasis Pal. Henceforth, He shall be known as **SUBHASIS PAL** for all purposes.

(Baikuntha Pal)

## AFFIDAVIT

By virtue of an affidavit Sl. No.470, dtd. 30.08.2025 before the Executive Magistrate, Paralakhemundi, Gajapati, Odisha, I, Datla Tulasi have changed my maiden surname from Kota Tulasi to Datla Tulasi after my marriege to Ajay Kumar Raju Datla. Henceforth I shall be know as Datla Tulasi instead of Kota Tulasi for all purposes.

Sd/- Datla Tulasi

## AFFIDAVIT

By virtue of an affidavit before The Executive Magistrate, BBSR, Vide CF No-54/06.12.2025, I LOPAMUDRA NANDA, W/O- Dillip Kumar Pati, R/O- At- Plot No-385/386, Brahmeswar Bank Colony, Palasuni, Canal Road, Near Sadangi Colony, P.S - Mancheswar, Bhubaneswar, Dist-Khordha, Odisha -751025, Currently residing At-Ramachandi Sahi, Dolamandap Sahi, Puri , Dist - Puri, Odisha-752001 have changed my name from Lopamudra Pati to Lopamudra Nanda. Henceforth I shall be known as Lopamudra Nanda, W/O- Dillip Kumar Pati for all purposes.

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL


---

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପହଞ୍ଚିଲେ ଖେଳାଳି...

ବାରବାଟୀରେ ପହଞ୍ଚିବ। ପ୍ରାୟ ୩ଘଣ୍ଟା ଧରି ତଥା ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଭାରତୀୟ ଦଳର ଅଭ୍ୟାସ ଦେଖିବାକୁ ମିଳିବ। ପରେ ସନ୍ଧ୍ୟା ୫.୩୦ରୁ ୮.୩୦ ପର୍ଯ୍ୟନ୍ତ ଫ୍ଲଡଲାଇଟରେ ଦକ୍ଷିଣଆଫ୍ରିକା ଦଳ ଅଭ୍ୟାସକୁ ଓହ୍ଲାଇବ। ଉଭୟ ଦଳର ଯାତାୟତ ନିମନ୍ତେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ରୁଟମ୍ୟାପ୍ ପ୍ରସ୍ତୁତ ହୋଇଛି। ତେବେ ଦର୍ଶକମାନେ ଉଭୟ ଦଳର ଅଭ୍ୟାସ ମଧ୍ୟ ଦେଖି ପାରିବେ। ଦର୍ଶକଙ୍କ ପାଇଁ ଗ୍ୟାଲେରୀ ନଂ-୬ ଏବଂ ୭ ଖୋଲା ରହିବ। ଆବଶ୍ୟକ ପଡିଲେ ଗ୍ୟାଲେରୀ ନଂ-୧ ଏବଂ ୨ ମଧ୍ୟ ଦର୍ଶକଙ୍କ ନିମନ୍ତେ ଖୋଲି ଦିଆଯିବ। ଦକ୍ଷିଣଆଫ୍ରିକା ୩ୟଥର ବାରବାଟୀରେ ଟି-୨୦ ଖେଳିବାକୁ ଯାଉଛି। ଏପରିକି ବିଗତ ଦୁଇ ମ୍ୟାଚ୍‌ରେ ଦଳ ଅପରାଜେୟ ରହିଥିବା ବେଳେ ଭାରତ ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିବ।

### ନାଇଟ୍ କ୍ଲବରେ...

ଯାଇଥିଲା। ସେତେବେଳେ କ୍ଲବରେ ପ୍ରାୟ ଶହେ ଜଣ ଉପସ୍ଥିତ ଥିଲେ। ଏହି ସମୟରେ ଅଚାନକ କ୍ଲବ୍‌ର ଛାତରୁ କାଚ ଖଣ୍ଡ ଖସି ଆସିଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ନିଆଁ ଦେଖିବାକୁ ମିଳିଥିଲା। ଏହା ଦେଖି ଲୋକେ ଭୟରେ ଥରହର ହୋଇଥିଲେ। ମହିଳା ନୃତ୍ୟଶିଳ୍ପୀ ନାଚ ବନ୍ଦ କରି ଅନ୍ୟମାନଙ୍କ ସହ ଜୀବନ ବିକଳରେ ଦୌଡ଼ିବାକୁ ବସିଥିଲେ। ସମସ୍ତେ ଯାଇ ରୋଷେଇ ଘରେ ପହଞ୍ଚିଥିଲେ। ଏଠାରେ ପୂର୍ବରୁ କର୍ମଚାରୀ ଥିବାରୁ ସେମାନେ ଫସି ଯାଇଥିଲେ। କାରଣ ରାସ୍ତା ଅତି ସଂକୀର୍ଣ୍ଣ ଥିଲା। କିଛି କ୍ଷଣ ମଧ୍ୟରେ ନିଆଁ ବ୍ୟାପି ଯାଇଥିଲା। ତାଳ ପତ୍ରରେ ସଜା ଯାଇଥିବା ଯୋଗୁଁ ଏହା ଦ୍ରୁତଗତିରେ ବ୍ୟାପି ଚାଲିଥିଲା।

ବାଣ ଫୁଟାଇବାରୁ ନିଆଁ ଲାଗିଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିଆଁ ଲାଗିବା ପରେ ଲୋକେ ବାହାରକୁ ଆସି ନପାରିବାରୁ ଶ୍ୱାସରୁଦ୍ଧ ହୋଇ ଅନେକଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଡିଜିପି ଆଲୋକ କୁମାର କହିଛନ୍ତି ଯେ ପ୍ରଥମ ମହଲାରେ ଥିବା ରୋଷେଇ ଘରୁ ନିଆଁ ଆରମ୍ଭ ହୋଇଥିଲା। ଏହା କିଛି ମିନିଟ ମଧ୍ୟରେ ଭୟଙ୍କର ରୂପ ଧାରଣ କରି କ୍ଲବ୍‌ର ଅନ୍ୟ ଭାଗକୁ ମାଡ଼ି ଯାଇଥିଲା। ଏଥିପାଇଁ ରୋଷେଇ ଘର ପରିସରରୁ ଅଧିକ ମୃତଦେହ ଉଦ୍ଧାର କରାଯାଇଛି। ଦୌଡ଼ି ପଳାଇବାକୁ ପ୍ରୟାସ କରୁଥିବା ସମୟରେ ଦୁଇ ଜଣ ମଧ୍ୟ ପ୍ରାଣ ହରାଇଥିଲେ। ପାହାଚରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ଏହି କ୍ଲବରେ ଅଗ୍ନି ନିର୍ବାପକ ନିୟମ ପାଳନ କରାଯାଇ ନ ଥିଲା। ସବୁ ନିୟମ ଉଲ୍ଲଙ୍ଘନ କରାଯାଇଥିଲା। କ୍ଲବ୍‌ରୁ ପ୍ରବେଶ ଏବଂ ବାହାରିବା ପାଇଁ ପର୍ଯ୍ୟାପ୍ତ ରାସ୍ତା ମଧ୍ୟ ନ ଥିଲା। ତେଣୁ ଦମକଳ ବାହିନୀ ମଧ୍ୟ ଠିକ୍ ସମୟରେ ପଶି ପାରି ନ ଥିଲା। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଫରେନସିକ ଟିମ୍ ଏବଂ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ ଜାରି ରଖିଛନ୍ତି। ଏବେ ଘଟଣାର ତଦନ୍ତ ଜାରି ରହିଛି। କିଛି ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ସରକାର ମୃତକଙ୍କ ସମ୍ପର୍କୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ପ୍ରମୁଖ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହା ସହିତ ରାହୁଲ ଗାନ୍ଧୀ ଏହାକୁ ଦୁର୍ଘଟଣା ନୁହେଁ; ବରଂ ଏକ ହତ୍ୟାକାଣ୍ଡ ବୋଲି କହିଛନ୍ତି। ପ୍ରଶାସନିକ ବିଫଳତାର ଏହାର ଏକ ନଗ୍ନ ନମୂନା ବୋଲି କହି ସେ ସମାଲୋଚନା କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି।

### ରାସନ କାର୍ଡ...

ଲକ୍ଷ ୩୭ ହଜାର ୨୪ ପରିବାରର ୩ କୋଟି ୨୫ ଲକ୍ଷ ୯୬ ହଜାର ୧୨୬ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ ସାମଗ୍ରୀ ଯୋଗାଇ ଦିଆଯାଉଛି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଲକ୍ଷ ୮୭ ହଜାର ୫୪୭ ହିତାଧିକାରୀଙ୍କୁ ରାସନ ଯୋଗାଇ ଦିଆଯାଉଛି। ଏହି ତାଲିକାକୁ ଦେଖିଲେ କେନ୍ଦ୍ର ସରକାରଙ୍କ ଯୋଜନା ଅର୍ଥାତ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶା ପାଇଁ ରହିଥିବା ହିତାଧିକାରୀ କୋଟା ୩ କୋଟି ୨୬ ଲକ୍ଷ ପୂରା ହୋଇ ଯାଇଛି। ଅଥଚ ରାଜ୍ୟ ସରକାରଙ୍କ ହାତରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ଦେବା ପାଇଁ ପର୍ଯ୍ୟାପ୍ତ କ୍ଷମତା ଓ ବ୍ୟବସ୍ଥା ଥିବା ସ।ତ୍ତ୍ୱେ ସରକାର ୪ ଲକ୍ଷ ୭୨ ହଜାର ୪୭୮ ଆବେଦନକୁ ପକାଇ ରଖିଛନ୍ତି। ଏହି ଆବେଦନ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୫୭ ହଜାର ୩୨୧ ଆବେଦନ ପଡ଼ି ରହିଥିବା ବେଳେ ଖୋର୍ଦ୍ଧାରୁ ୩୬ ହଜାର ୪୫୯, ଭଦ୍ରକରୁ ୩୫ ହଜାରରୁ ଊର୍ଦ୍ଧ୍ୱ, ବାଲେଶ୍ୱରରୁ ୨୯ ହଜାରରୁ ଊର୍ଦ୍ଧ୍ୱ ଓ ପୁରୀରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଆବେଦନ ଥିବା କୁହାଯାଉଛି।

ରାଜ୍ୟ ସରକାର ବର୍ତ୍ତମାନ ରାସନକାର୍ଡରୁ ନାଁ କାଟିବା ପ୍ରକ୍ରିୟା ଜାରି ରଖିଛନ୍ତି। ଡିସେମ୍ବର ଶେଷ ପର୍ଯ୍ୟନ୍ତ ଇ-କେୱାଇସି କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୯୩ ହଜାର ୯୯୫ ଜଣ ମୃତକଙ୍କ ନାଁ କାର୍ଡରୁ କଟିଛି। ସେହିପରି ଯାଞ୍ଚ ପ୍ରକ୍ରିୟା ମଧ୍ୟରେ ୩୩ ହଜାର ୧୨୮ ଟି ଅଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ କଟାଯାଇଥିବା ରାଜ୍ୟ ସରକାର ଦାବି କରିଛନ୍ତି। ଅନ୍ୟପକ୍ଷରେ ୧୪ ଲକ୍ଷ ୩୫ ହଜାର ୫୬୮ ଜଣ ଲୋକ ଇ-କେୱାଇସି କରି ନ ଥିବାରୁ ସରକାରଙ୍କ ପାଇଁ ମଧ୍ୟ ଅଡୁଆ ବଢ଼ିଛି। ଏହି ହିତାଧିକାରୀଙ୍କ ମଧ୍ୟରେ ଅନେକ ଲୋକଙ୍କ ଫିଙ୍ଗର ପ୍ରିଣ୍ଟ କାମ କରୁ ନ ଥିବା ଓ ଅନେକ ସ୍ଥାନରେ ନେଟ୍‌ୱର୍କ ସମସ୍ୟା ଯୋଗୁଁ ଇ-କେୱାଇସି ହୋଇପାରୁ ନ ଥିବା ଅଭିଯୋଗ ଆସୁଛି। ଏମିତି କି ଏଭଳି ଘଟଣା ପାଇଁ ଯାଜପୁରରେ ରିସା ମାଙ୍କିଡ଼ିଆଙ୍କର ଅନାହାରରେ ମୃତ୍ୟୁର ମଧ୍ୟ ସରକାର ବଦନାମ ମୁଣ୍ଡାଇଛନ୍ତି। ଏପରି ପରିସ୍ଥିତିରେ ସରକାର କିପରି ପୁରୁଣା କାର୍ଡକୁ କାଟି ନୂତନ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରିବେ ତାହା ଏବେ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି।

### ସାରା ରାଜ୍ୟରେ...

ଘଣ୍ଟାରେ ରାଜ୍ୟର ୧୦ ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ୧୫ ଡିଗ୍ରୀ ତଳେ ୩୯ ସହରରେ ପାରଦ ରେକର୍ଡ ହୋଇଛି। ସେହିପରି ଦ୍ୱୈତ ନଗରୀରେ ମଧ୍ୟ ତାପମାତ୍ରା ୧୨ ଡିଗ୍ରୀ ତଳକୁ ଖସିଛି। ପାଣିପାଗ କେନ୍ଦ୍ର କହିଛି ଯେ ଗତ ୨୪ ଘଣ୍ଟାରେ ଜି. ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ଜି. ଉଦୟଗିରିରେ ତାପମାତ୍ରା ୪.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହେବା ସହ କୋରାପୁଟର ସେମିଳିଗୁଡ଼ାରେ ତାପାମତ୍ରା ୬.୧ ଡିଗ୍ରୀ, ରାଉରକେଲା ୭.୨, ଦାରିଙ୍ଗବାଡ଼ି ୭.୫, ଝାରସୁଗୁଡ଼ାରେ ୭.୬, ଫୁଲବାଣୀ ୮, ସମ୍ବଲପୁରର ଚିପିଲିମାରେ ୮.୭, ସୁନ୍ଦରଗଡ଼ର କିରେଇଠାରେ ୮.୮, ଅନୁଗୁଳ ୯, କେନ୍ଦୁଝରେ ୯.୬ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱରରେ ୧୧.୯ ଏବଂ କଟକରେ ପାରଦ ୧୧.୮ ଡିଗ୍ରୀ ରେକର୍ଡ କରାଯାଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟକୁ ବର୍ତ୍ତମାନ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଜାରି ରହିଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ହ୍ରାସ ହେବା ସହ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭିବାକ ତୁଳନାରେ କମ୍ ରହିଛି। ଆସନ୍ତା ୭ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ରହିଥିବା ବେଳେ ଶୀତର ପ୍ରଭାବ ପ୍ରାୟତଃ ଜାରି ରହିବାର ସମ୍ଭାବନା ରହିଛି। ଏହା ବ୍ୟତୀତ ପରବର୍ତ୍ତୀ ଦୁଇ ଦିନରେ ରାଜ୍ୟର କିଛି ସ୍ଥାନରେ ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ବିଶେଷକରି ଅନୁଗୁଳ, ଝାରସୁଗୁଡ଼ା, ଖୋର୍ଦ୍ଧା ଓ ଜଗତସିଂହପୁରରେ ଦୁଇ ଦିନ ଶୀତ ଲହରୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଏହି ଦୁଇ ଦିନରେ କିଛି ସ୍ଥାନରେ ଘନ କୁହୁଡ଼ି ମଧ୍ୟ ଆଶଙ୍କା କରାଯାଉଛି। ଦୁଇ ଦିନ ମଧ୍ୟରେ ସୁନ୍ଦରଗଡ଼, କୋରାପୁଟ ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାସହ କଳାହାଣ୍ଡି, ସୋନପୁର, ଅନୁଗୁଳ ଓ ବଲାଙ୍ଗିରରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଉପରୋକ୍ତ ଜିଲ୍ଲାଗୁଡ଼ିକୁ ସତର୍କ ରହିବା ପାଇଁ ପରାମର୍ଶ ଜାରି କରିଛି।


‘ସକାଳ’ ଖବରକାଗଜର
୫ମ ସ୍ୱନକ୍ଷତ୍ର ପାଳନ ଅବସରରେ ହାର୍ଦ୍ଦିକ
ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛୁ
**ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃ.**
ମୁଖ୍ୟ କାର୍ଯ୍ୟାଳୟ, ଆସିକା, ଗଞ୍ଜାମ, ଓଡିଶା
**ଶ୍ରୀ କାର୍ତ୍ତିକେଶ୍ୱର ପରିଡା**
ସଭାପତି
**ଶ୍ରୀ ନୃସିଂହ ପ୍ରସାଦ ପଣ୍ଡା**
ସଂପାଦକ

## ଜିଲ୍ଲାରେ ଅପପୁଷ୍ଟି ଓ ରକ୍ତହୀନତାର ସ୍ଥିତି ଉଦ୍‌ବେଗଜନକ

# ୭୨୩୧ ଶିଶୁ ଅପପୁଷ୍ଟି, ୮୧୭୧ ଗର୍ଭବତୀ ରକ୍ତହୀନତା ଶିକାର

➤ କାଶୀପୁରରେ ସର୍ବାଧିକ ଶିଶୁ ଅପପୃଷ୍ଟି
➤ ବିଷମକଟକରେ ସର୍ବାଧିକ ଗର୍ଭବତୀ ରକ୍ତହୀନତାର ଶିକାର

ରାୟଗଡ଼ା, ୭।୧୨(ସମିସ): ରାୟଗଡ଼ା ଜିଲ୍ଲାରେ ଗତ ୫ବର୍ଷ ମଧ୍ୟରେ ୭୨୩୧ଜଣ ଶିଶୁ ଅପପୃଷ୍ଟିର ଶୀକାର ହୋଇଥିବା ବେଳେ ଉକ୍ତ ୫ବର୍ଷ ମଧ୍ୟରେ ୮୧୭୧ଜଣ ଗର୍ଭବତୀ ମହିଳା ରକ୍ତହୀନତାର ଶୀକାର ହୋଇଛନ୍ତି। ବିଧାନସଭା ଶୀତ ଅଧିବେଶନରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ଅଣସଂରକ୍ଷିତ ପ୍ରଶ୍ନ ସଂଖ୍ୟା ୪୭୪ର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତି ପରିଡା ଉପସ୍ଥାପନା କରିଛନ୍ତି। ବିଧାୟକ ଶ୍ରୀ କାଡ୍ରକା ଜିଲ୍ଲାରେ ଗତ ୫ବର୍ଷ ମଧ୍ୟରେ କେତେ ଜଣ ଶିଶୁ ଓ ମହିଳା ଅପପୃଷ୍ଟି ଓ ରକ୍ତହୀନତାର ଶୀକାର ହୋଇଛନ୍ତି ଏବଂ ଏହାର ସ୍ଥାୟୀ ପ୍ରତିକାର ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଶ୍ରୀମତି ପରିଡା ରାୟଗଡା ସମେତ ରାଜ୍ୟରେ ସମସ୍ତ ଜିଲ୍ଲାରେ ଅପପୃଷ୍ଟିର ଶୀକାର ହୋଇଥିବା ଶିଶୁ ତଥା ଗର୍ଭବତୀ ଓ ପ୍ରସୂତି ମହିଳାଙ୍କର ପୁଷ୍ଟିସାଧନ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିପୂରକ ପୁଷ୍ଟି ଯୋଜନା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ପୂର୍ଣ୍ଣ ଆହାର କାର୍ଯ୍ୟକ୍ରମ, ପଡାପୁଷ୍ଟି କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ ହେଉଥିବା ବେଳେ ରକ୍ତହୀନତା ଦୂରୀକରଣ ନିମନ୍ତେ ମହିଳା ଓ କିଶୋରୀ ବାଳିକାମାନଙ୍କୁ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ଆଇରନ ଫଲିକ୍ ଏସିଡ୍ ବଟିକା ପ୍ରଦାନ କରାଯାଉଛି ବୋଲି କହିଛନ୍ତି। ଗତ ୫ବର୍ଷ ମଧ୍ୟରେ ରାୟଗଡ଼ା ଜିଲ୍ଲାରେ ୨୬୯୯୪୩ ଜଣ ଗର୍ଭବତୀ ମହିଳା ଚିହ୍ନଟ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ୮୧୭୧ଜଣ ଗର୍ଭବତୀ ମହିଳା ରକ୍ତହୀନତାର ଶୀକାର ହୋଇଥିଲେ। ସେହିପରି ୬ମାସରୁ ୬ବର୍ଷ ପର୍ଯ୍ୟନ୍ତ ୨୦୭୮୬୦୭ ଜଣ ଶିଶୁ ଚିହ୍ନଟ ହୋଇଥିବା ବେଳେ ସାମ୍ ରେଡ୍ ଜୋନରେ ୭୨୩୧ଜଣ ଶିଶୁ ଅପପୃଷ୍ଟିର ଶୀକାର ହୋଇଛନ୍ତି। ଅରେଞ୍ଜ ଜୋନରେ ତଥା ବିପଦମୁକ୍ତ ଭାବେ ୧୨୯୬୫ ଜଣ ଏବଂ ସାଧାରଣ ତଥା ସବୁଜ ଜୋନରେ ଜିଲ୍ଲାରୁ ୨୦୭୧୩୭୬ଜଣ ଶିଶୁ ରହିଥିବା ମନ୍ତ୍ରୀ ତଥ୍ୟ ଉପସ୍ଥାପନା କରିଥିଲେ। ଜିଲ୍ଲାର କାଶିପୁର ବ୍ଲକ୍‌ରେ ସର୍ବାଧିକ ୧୨୩୬ଜଣ ଶିଶୁ ଅପପୃଷ୍ଟିର ଶୀକାର ହୋଇଥିବା ବେଳେ ଦ୍ୱିତୀୟରେ ରାୟଗଡ଼ା ବ୍ଲକ୍‌ରେ ୧୧୩୫ଜଣ ଓ ତୃତୀୟରେ ମୁନିଗୁଡାରେ ବ୍ଲକରେ ୮୯୮ଜଣ ଶିଶୁ ଅପପୃଷ୍ଟିର ଶୀକାର ହୋଇଥିବା କହିଛନ୍ତି। ଏହି କ୍ରମରେ ବିଷମକଟକ ବ୍ଲକ୍‌ରେ ୭୫୮ଜଣ, ଚନ୍ଦ୍ରପୁରରେ ୪୩୬, ଗୁଡାରୀରେ ୫୨୦ଜଣ, ଗୁଣପୁରରେ ୪୩୫ଜଣ, କଲ୍ୟାଣସିଙ୍ଗପୁରରେ ୫୩୪ଜଣ, କୋଲନରା ବ୍ଲକରେ ୪୮୭ଜଣ, ପଦ୍ମପୁର ୪୫୪ଜଣ, ରାମନାଗୁଡା ବ୍ଲକରେ ୩୩୮ଜଣ ମୋଟ ୭୨୩୧ଜଣ ଶିଶୁ ଅପପୃଷ୍ଟିର ଶୀକାର ହୋଇଛନ୍ତି। ଏହି କ୍ରମରେ ରକ୍ତହୀନତାର ଶୀକାର ହୋଇଥିବା ଗର୍ଭବତୀ ମହିଳାଙ୍କ ମଧ୍ୟରେ ବିଷମକଟକ ବ୍ଲକରେ ସର୍ବାଧିକ ୧୬୮୯ଜଣ ମହିଳା ଚିହ୍ନଟ ହୋଇଥିବା ବେଳେ ଏହାର ପଛକୁ ରାୟଗଡ଼ା ବ୍ଲକରେ ୧୨୭୨ଜଣ, କାଶିପୁରରେ ୧୧୭୩ଜଣ ଚିହ୍ନଟ ହୋଇଥିବା ବେଳେ ଚନ୍ଦ୍ରପୁର ବ୍ଲକରେ ୨୪୭ଜଣ, ଗୁଡାରୀରେ ୩୭୮ଜଣ, ଗୁଣପୁରରେ ୫୬୧ଜଣ, କଲ୍ୟାଣସିଙ୍ଗପୁରରେ ୫୩୪ଜଣ, କୋଲନରାରେ ୬୧୮ଜଣ, ପଦ୍ମପୁରରେ ୩୫୦ଜଣ, ରାମନାଗୁଡାରେ ୮୦୦ଜଣ ଗର୍ଭବତୀ ମହିଳା ରକ୍ତହୀନତାର ଶୀକାର ଏହି ୫ବର୍ଷ ମଧ୍ୟରେ ହୋଇଥିବା ମନ୍ତ୍ରୀ ବିଭାଗୀୟ ତଥ୍ୟ ଉପସ୍ଥାପନା କରିଛନ୍ତି।

## ପ୍ରାଚୀର ପତ୍ରିକା ଉନ୍ମୋଚିତ



ମାଲକାନଗିରି, ୬।୧୨(ସମିସ): ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମମତା ସଏଙ୍କ ତତ୍ତ୍ୱାବଧାନରେ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ସାରସ୍ୱତ ବିକାଶ ନିମନ୍ତେ "ନବ ଦିଗନ୍ତ" ପ୍ରାଚୀର ପତ୍ରୀକା ଉନ୍ମୋଚନ ହୋଇଯାଇଛି। ଉକ୍ତ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଯୋଗଦେଇ ପ୍ରାଚୀର ପତ୍ରୀକା ଉଦ୍‌ଘାଟନ କରି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାଗୀରଥି ବେହେରା ଓ ମଞ୍ଜୁଲତା ଭୋଇ ମଧ୍ୟ ଅନୁରୂପ ମତ ପ୍ରକାଶ କରିଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ସଂସଦର ସଭାପତି ସୁରେନ୍ଦ୍ର ନାଥ ପାଢୀ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇଥିଲେ। ପ୍ରଦର୍ଶନୀରେ ଶିକ୍ଷକ ଶିକ୍ଷୟତ୍ରୀ ମଧ୍ୟରେ ଜୟଦେବ ପଣ୍ଡା, ଅନୀମା ମହାନ୍ତି, ନିତ୍ୟାନନ୍ଦ ପଣ୍ଡା, ଗୁପ୍ତେଶ୍ୱର ଗନ୍ତାୟତ, ଚିରଞ୍ଜିବୀ ପଣ୍ଡା, ଅନିମା ମହାନ୍ତି, ପ୍ରୀୟମ୍ବଦା ବିଶ୍ୱାଳ, ନମିତା ଚାଲାଣ, ମମତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗୀତା, ସୁଗୀତା ଓ କର୍ତ୍ତବ୍ୟା ପ୍ରତିଯୋଗିତା



ରାୟଗଡ଼ା, ୭।୧୨(ସମିସ): ରାୟଗଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର ପ୍ରାଙ୍ଗଣରେ ପ୍ରଜ୍ଞାନ ମିଶନ ତରଫରୁ ଗୀତା ସୁଗୀତା କର୍ତ୍ତବ୍ୟା କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ରାୟଗଡ଼ା ଜିଲ୍ଲାର ୭ଟି ବ୍ଲକର ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟରୁ ତୃତୀୟ ଶ୍ରେଣୀରୁ ସ୍ନାତକୋତ୍ତର ଶ୍ରେଣୀ ପର୍ଯ୍ୟନ୍ତ ୪ଟି ବିଭାଗରେ ସର୍ବମୋଟ ୯୨ ଜଣ ବିଦ୍ୟାର୍ଥୀ ଭାଗ ନେଇ ପବିତ୍ର ଭଗବଦ ଗୀତା ମନ୍ତ୍ର ଉଚ୍ଚାରଣ କରିଥିଲେ। ବିଦ୍ୟାର୍ଥୀ ମାନଙ୍କ ସହ ବିଭିନ୍ନ ବ୍ଲକରୁ ୬୦ ଜଣ ଅଭିଭାବକ ତଥା ଗୁରୁଜୀ ଗରୁମା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ସଂଯୋଜକ ପ୍ରଭାତ ମହାପାତ୍ର, ଶରତ ଚନ୍ଦ୍ର ରାଉତ, ରଘୁନାଥ ବେହେରା, ଏସ.ବୁଲୁ ଦୋରାଙ୍କ ସହ ଗୁଣୁପୁର ବ୍ଲକ ସଂଯୋଜକ ସଞ୍ଜୀବ ପଟ୍ଟନାୟକ, ଗୁଡ଼ାରୀ ବ୍ଲକ ସଂଯୋଜକ ହରିହର ମହାରଣାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଜିଲ୍ଲାର ବିଶିଷ୍ଟ ସମାଜ ସେବୀ ତଥା ସିନ୍ଧି ସମାଜର ସଭାପତି ଇନ୍ଦ୍ରେଶ ଦାସ ଫୁନ୍ଦନାନି ମୁଖ୍ୟ ଅତିଥି ରୂପେ ଓ ସମ୍ମାନିତ ଅତିଥି ରୂପେ ସ୍ୱାମୀ ଶିବାନନ୍ଦ ଆଶ୍ରମର ମୁଖ୍ୟ ସ୍ୱାମୀ ତନ୍ମୟାନନ୍ଦ ଯୋଗ ଦେଇଥିଲେ। ଏଥିସହ ଅନ୍ୟ ସମ୍ମାନିତ ଅତିଥି ରୂପେ ଯୋଗଗୁରୁ ଆଚାର୍ଯ୍ୟ ରାଜେଶ ଦଳେଇ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗାୟତ୍ରୀ ନଗରର ସଭାପତି ମାଙ୍ଗିଲାଲ ଜୈନ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସ୍ୱନାମଧନ୍ୟ ଶିକ୍ଷକ ଜୟଦେବ ସିଠ, ଆଜାଦ୍ ହିନ୍ଦ୍ ଯୁବ ଅନୁଷ୍ଠାନର ସମ୍ପାଦକ ନୀଳମଣି ପାଟଯୋଶୀ ଯୋଗ ଦେଇଥିଲେ। ବିଚାରକ ଭାବେ ବେଦ ଏବଂ ଗୀତା ବିଶାରଦ କେ.ଭି.ଶର୍ମା ଓ ପ୍ରଦୀପ୍ତ କୁମାର ପଣ୍ଡା, ଅଭିନାଶ ପଣ୍ଡା ଗୀତା ବିଶାରଦ ଗଙ୍ଗା ପ୍ରସାଦ ବ୍ରହ୍ମା, ରବି ନାରାୟଣ ରଥ, ନୃସିଂହନାଥ ପଣ୍ଡା, ପ୍ରତିମା ମିଶ୍ର, ପଞ୍ଚାନନ ସାହୁ, ଗାୟତ୍ରୀ ପରିବାର ତରଫରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ପଣ୍ଡା, ଶାଶ୍ୱତୀ ବିଶ୍ୱାଳ, ବୈଜୟନ୍ତୀ ତ୍ରିପାଠୀ ଗୀତାପାଠ କାର୍ଯ୍ୟକ୍ରମର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ସଭା କାର୍ଯ୍ୟର ସଂଯୋଜନା ପ୍ରଭାତ ମହାପାତ୍ର, ପ୍ରଧାନଗୁରୁଜୀ ମନୋରଞ୍ଜନ ଦାସଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସମସ୍ତ ବିଦ୍ୟାର୍ଥୀଙ୍କୁ ଅଂଶଗ୍ରହଣ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶେଷରେ ଜିଲ୍ଲା ସଂଯୋଜକ ଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଜିଲ୍ଲାରେ ଖାଲିପଡିଛି ୭ ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ

# ପଦବୀ ପୂରଣରେ ଶିକ୍ଷା ବିଭାଗର ଆନ୍ତରିକତା କେତେ?

ରାୟଗଡ଼ା, ୭।୧୨(ସମିସ): ରାୟଗଡ଼ା ଶିକ୍ଷା ଜିଲ୍ଲାରେ ଖାଲି ପଡିଛି ୭ଟି ବ୍ଲକ୍‌ର ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ)ଙ୍କ ପଦବୀ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅବଗତ ଥିବା ବେଳେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ପ୍ରଶ୍ନର ଉତ୍ତରରେ ଖାଲି ପଡିଥିବା ପଦବୀଗୁଡିକ ଯଥାଶୀଘ୍ର ପୂରଣ କରିବା ପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଅଛନ୍ତି ବୋଲି ଉତ୍ତର ରଖିଛନ୍ତି। ତେବେ ଶିକ୍ଷା ମନ୍ତ୍ରୀ ରାୟଗଡ଼ା ଜିଲ୍ଲାରେ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡିକ ବର୍ଷାଧିକ ସମୟ ଧରି ଖାଲି ପଡିଥିବା ଅବଗତ ଥିବା ବେଳେ ପଦକ୍ଷେପ ଗ୍ରହଣ କରାଯାଉଥିବା କହି ଉତ୍ତର ରଖିଥିବାରୁ ଖାଲି ପଡିଥିବା ୭ଟି ବ୍ଲକ୍‌ର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପଦବୀ ପୂରଣ ଦିଗରେ ସରକାରଙ୍କ ଆନ୍ତରିକତା ଉପରେ ସମସ୍ତଙ୍କ ନଜର ରହିଛି। ଡିସେମ୍ବର ୫ ତାରିଖରେ ପ୍ରଶ୍ନ ସଂଖ୍ୟା ୟୁଡି-୨୧୪୮ରେ ରାୟଗଡା ବିଧାୟକ କାଡ୍ରକା ଆପଲାସ୍ୱାମୀ ରାୟଗଡ଼ା ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କେତୋଟି ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ କେତେ ବର୍ଷ ହେଲା କେଉଁ କେଉଁ ବ୍ଲକରେ ଖାଲି ରହିଛି ଏବଂ କେବେ ସୁଦ୍ଧା ଏହି ଖାଲି ଥିବା ପଦବୀ ପୂର୍ଣ୍ଣ କରିବା ପାଇଁ ସରକାର ଯୋଜନା ରଖୁଛନ୍ତି ବୋଲି ଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ପ୍ରଶ୍ନ କରିଥିଲେ। ଶିକ୍ଷା ବିଭାଗର ତଥ୍ୟ ପ୍ରକାରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଦେଇଥିବା ଉତ୍ତର ଅନୁଯାୟୀ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ବିଷମକଟକ, ଗୁଡାରୀ, ଗୁଣପୁର, କଲ୍ୟାଣସିଙ୍ଗପୁର, ମୁନିଗୁଡା, ପଦ୍ମପୁର ଓ ରାୟଗଡ଼ା ଭଳି ୭ଟି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପଦବୀ ଖାଲି ପଡିଛି। ଚଳିତ ବର୍ଷ ଏପ୍ରିଲ ୬ ତାରିଖରେ ରାୟଗଡ଼ା, ୧୦ ତାରିଖରେ ଗୁଣପୁର, ୩୦ ତାରିଖରେ ବିଷମକଟକ, ମଇ ୩୧ ତାରିଖରେ ମୁନିଗୁଡା, ଅଗଷ୍ଟ ୨୬ ତାରିଖରେ ଗୁଡାରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପଦବୀ ଖାଲି ପଡିଛି। ଗତ ୨୦୨୪ ମଇ ୫ ତାରିଖରେ ପଦ୍ମପୁର ଏବଂ ଜୁଲାଇ ୨୧ ତାରିଖରେ କଲ୍ୟାଣସିଙ୍ଗପୁର ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ ଖାଲି ପଡିଛି। ଏକ ବର୍ଷ ହେଲା ପଦ୍ମପୁର ଓ କଲ୍ୟାଣସିଙ୍ଗପୁର ବିଇଓ ପଦବୀ ବର୍ଷାଧିକ ସମୟରୁ ଖାଲି ପଡିଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହାର ଖାଲି ପଦବୀ ପୂରଣ କରିବା ଦିଗରେ ପଦକ୍ଷେପ କାହିଁକି ଗ୍ରହଣ କରୁନାହାନ୍ତି ତାହା ଶିକ୍ଷକ ମହଲରେ ଆଲୋଡନ ସୃଷ୍ଟି କରୁଛି। ରାୟଗଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ପ୍ରକାରେ ରାୟଗଡ଼ା ବିଇଓ ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଭଜନଲାଲ ମାଝି ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ବେଳେ ଅନ୍ୟ ଜଣେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନି କଲ୍ୟାଣସିଙ୍ଗପୁର ଓ ବିଷମକଟକ ବ୍ଲକ୍‌ର ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି। ଉକ୍ତ ଦୁଇ ଅଧିକାରୀ ଏହି ଅତିରିକ୍ତ ଦାୟିତ୍ୱ ତୁଲାଉ ଥିବା ବେଳେ ନିଜ ପଦବୀର କାର୍ଯ୍ୟ ସଂପାଦନା କରିବାରେ କିଭଳି ସମୟ ଦେଇ ପାରୁଛନ୍ତି ତାହା ଶିକ୍ଷକ ମହଲରେ ଚର୍ଚ୍ଚା ହେଉଛି। ସେହିପରି ରାମନାଗୁଡା ବ୍ଲକ୍ ବିଇଓ ସୃଜନ ମଲ୍ଲିକ ଗୁଡାରୀ ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉ ଥିବା ବେଳେ ପଦ୍ମପୁର ବିଇଓ ଭାବେ ବିଏନ ହାଇସ୍କୁଲ ପ୍ରଧାନ ଶିକ୍ଷକ ହୃଷିକେଶ ରଥ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଚନ୍ଦ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ୍ୱର ଶବର ମୁନିଗୁଡା ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ବେଳେ ଗୁଣପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହେମନ୍ତ କୁମାର ବରିହା ଗୁଣପୁର ବିଇଓ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ନିଜ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବା ପାଇଁ ସମୟ ଦେବା ପାଇଁ ଚେଷ୍ଟା କରୁଥିଲେ ମଧ୍ୟ ବିଇଓଙ୍କ ଅତିରିକ୍ତ ଦାୟିତ୍ୱ ନେଇ ବ୍ଲକ୍‌ର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସମସ୍ୟା, ମିଡ-ଡେ ମିଲ୍‌ସ, ସମଗ୍ର ଶିକ୍ଷା ଭଳି ଶିକ୍ଷା ଯୋଜନାଗୁଡିକର ସମନ୍ୱୟ କରିବା, ଜିଲ୍ଲା କାର୍ଯ୍ୟାଳୟ ଓ ବିଦ୍ୟାଳୟ ମଧ୍ୟରେ ସଂଯୋଗ ସ୍ଥାପନା କରି ତୃଣମୂଳ ସ୍ତରରେ ଶିକ୍ଷାର ଗୁଣବତା ବୃଦ୍ଧି କରିବା ଏବଂ ସମସ୍ତ ବିଦ୍ୟାଳୟ ତଦାରଖ କରିବା ଭଳି ଦାୟିତ୍ୱକୁ ସେମାନେ ମାସ ମାସ ଧରି କିଭଳି ପରିଚାଳନା କରୁଛନ୍ତି ଏବଂ ନିଜ ବିଦ୍ୟାଳୟ ପାଇଁ କିଭଳି ସମୟ ଦେଇପାରୁଛନ୍ତି ସେ ନେଇ ଅଭିଭାବକ ତଥା ବୁଦ୍ଧିଜୀବି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଡିଏଭି ଗୁରୁକୂଳରେ ବିଜ୍ଞାନ ମେଳା



କାଲିମେଳା, ୭।୧୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ସଦର ମହକୁମାରେ ଥିବା ଡିଏଭି ଗୁରୁକୂଳରେ ଆଜି ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଜୟଦେବ ଦେଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ବିଦ୍ୟାଳୟ ର ଛାତ୍ରୀ ଛାତ୍ରଙ୍କ ଦ୍ୱାରା ୫୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ମାଲକାନଗିରି ଜିଲ୍ଲା ଡିଏଭି ଗୁରୁକୂଳ ସମୂହ ର ପରିଚାଳକ ସୁଶାନ୍ତ ସାମଲ ଓ ଶିକ୍ଷକ ସୁରେନ୍ଦ୍ର ସାହୁ ଯୋଗଦେଇ ପ୍ରକଳ୍ପ ଗୁଡିକ ପରିଦର୍ଶନ କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପ ଗୁଡିକ ମଧ୍ୟରୁ ଷ୍ଟାଣ୍ଡାର୍ଡ ୩ ର ସ୍ୱରୂପ ରଞ୍ଜନ ସରକାରଙ୍କ ସବୁଜ ଶକ୍ତି ଉତ୍ସ ପ୍ରକଳ୍ପ ପ୍ରଥମ ହୋଇଥିବାବେଳେ ଷ୍ଟାଣ୍ଡାର୍ଡ ୩ ଶ୍ରେୟାଂଶୁ ଦାଶଙ୍କ ଜଳଚକ୍ର ପ୍ରକଳ୍ପ ଦ୍ୱିତୀୟ, ଷ୍ଟାଣ୍ଡାର୍ଡ ୨ର ସ୍ୱାଧୀନ ସ୍ୱରୂପ ଆଚାର୍ଯ୍ୟଙ୍କ ଆଗ୍ନେୟଗିରି ପ୍ରକଳ୍ପ ତୃତୀୟ ଓ ଷ୍ଟାଣ୍ଡାର୍ଡ ୩ ଚିଦାନନ୍ଦ ଦେହୁରୀଙ୍କ ପେରିସ୍କୋପ ପ୍ରକଳ୍ପକୁ ବିଚାରକଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରକଳ୍ପ ଭାବେ ଚୟନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଏମଡି ଅନନ୍ତ ଦାଶ, ଭାଇସ ପ୍ରିନ୍ସପାଲ କ୍ରିଷ୍ଣା ପତ୍ରି, ଭାଇସ ପ୍ରିନ୍ସପାଲ ବିକାଶ ତାଣ୍ଡି, ବରିଷ୍ଠ ଶିକ୍ଷୟତ୍ରୀ ଲତିକା ପତି ଉପସ୍ଥିତ ଥିଲେ। ବିଜ୍ଞାନ ମେଳା ଆୟୋଜନରେ ଅଭିଷେକ ମଲ୍ଲିକ, ରୋହିତ ମଣ୍ଡଳ, ଶୁଭଶ୍ରୀ ପରିଡା, ସୋମେ ମାଡକାମୀ, ମିତା ତାପାଲି, ପୁନମ ଜେନା, ମଇନା ଦାସ, ରାକ୍ଷୀ ହାଲଦାର, ଜ୍ୟୋତି ଦେବନାଥ, ସାନିୟା ମାଢି ଓ ମିନତୀ ସରଦାର ପ୍ରମୁଖ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ।

## 'ଚଇତି' ପାଇଁ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଗୁଡାରି, ୭।୧୨ (ସମିସ): ଗୁଡାରୀ ବ୍ଲକ୍‌ସ୍ତରୀୟ ଚଇତି ପର୍ବ -୨୦୨୫ ଡିସେମ୍ବର ୧୨ ତାରିଖ ଦିନ ଜିଲ୍ଲା ତରଫରୁ ଧାର୍ଯ୍ୟ ହୋଇଛି। ଇତିମଧ୍ୟରେ ଗୁଡାରୀ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି କ୍ରୀଡ଼ା କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରଥମ ଦିନ ସକାଳୁ ମିନି ମାରାଥନରେ ବହୁ ଲୋକ ଯୋଗ ଦେଇଥିଲେ। ଗୁଡାରୀ ଥାନାଧିକାରୀ ସମର୍ପିତ ସ୍ୱାଇଁ, ଗୁଡାରୀ ତହସିଲଦାର ସୁଶ୍ରୀ ଏ. ସ୍ନେହଲତା, ଏବିଡିଓ ସୌଭାଗ୍ୟ ରଞ୍ଜନ କର ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ପ୍ରଥମେ ସୁଶ୍ରୀ ଏ. ସ୍ନେହଲତ ମିନି ମାରାଥନ କାର୍ଯ୍ୟକ୍ରମ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପରେ ଗୁଡାରୀ ଇଣ୍ଡୋର୍ ଷ୍ଟାଡିୟମରେ ବେଟବେଟନ୍ ଅନୁଷ୍ଠିତ କରାଯାଇଥିଲା।

## ■ ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ

# ୫୮୦ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୭ ଶିକ୍ଷକ

ବିଷମକଟକ, ୭।୧୨(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ବିଷମ କଟକ ବ୍ଲକରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଯେଉଁ ସ୍ଥାନରେ ୧୪ ଶିକ୍ଷକ ଆବଶ୍ୟକ, ସେଠାରେ ରହିଛନ୍ତି ମାତ୍ର ୬ ଶିକ୍ଷକ। ଏଭଳି ଘଟଣା ସାମ୍ନାକୁ ଆସିଛି ବିଷମ କଟକ ବ୍ଲକ ଅନ୍ତର୍ଗତ ଗୋତିଗୁଡା ସ୍ଥିତ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟରେ। ସେଠାରେ ମୋଟ ୫୮୦ ଛାତ୍ରଛାତ୍ରୀ ରହିଛନ୍ତି। ଏହି ହାଇସ୍କୁଲର ନବମ ଶ୍ରେଣୀରେ ୭୫ ଓ ଦଶମ ଶ୍ରେଣୀରେ ପଢୁଛନ୍ତି ୭୬ ଜଣ ପିଲା ପଢୁଛନ୍ତି। ଏହି ଛାତ୍ର ଛାତ୍ର ମାନଙ୍କ ବୋର୍ଡ ପରିକ୍ଷା ମାତ୍ର ଆଉ ଦୁଇମାସ ରହିଥିବା ବେଳେ ଦଶମ ବୋର୍ଡ ପରିକ୍ଷା ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ହେଲେ ଏହି ବିଦ୍ୟାଳୟରେ କଳା, ବିଜ୍ଞାନ, ସଂସ୍କୃତ ଏବଂ ଗଣିତ ବିଭାଗର ଶିକ୍ଷକ ଅଭାବ ରହିଥିବାରୁ ପାଠ ପଢା ସଂପୂର୍ଣ୍ଣ ବ୍ୟାହତ ଘଟୁଛି। ଶିକ୍ଷକ ଅଭାବ ନେଇ ଅବିଭାବକ ମାନେ ଅସନ୍ତୋଷ ପ୍ରକାଶ କରିବା ସହ ନିୟମିତ ବ୍ୟବଧାନରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଶିକ୍ଷକ ନିଯୁକ୍ତି ହେଉନାହିଁ। ବିଦ୍ୟାଳୟରେ ୧୪ଜଣ ଶିକ୍ଷକ ରହିବାର ନିୟମ ରହିଥିବା ବେଳେ ରହିଛନ୍ତି ୭ ଶିକ୍ଷକ। ସେଥିମଧ୍ୟରୁ ଗଣିତ ଶିକ୍ଷକ ନିୟମିତ ବ୍ୟବଧାନରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଦଶମ ବୋର୍ଡ ପରିକ୍ଷାରେ ଗଣିତ, ସାହିତ୍ୟ, ବିଜ୍ଞାନ, ସଂସ୍କୃତ, ଇଂରାଜୀ ଓ ହିନ୍ଦୀ ପରିକ୍ଷା ହେବାକୁ ଥିବା ବେଳେ ବିଦ୍ୟାଳୟରେ ଗଣିତ, ସାହିତ୍ୟ, ବିଜ୍ଞାନ, ସଂସ୍କୃତ ଶିକ୍ଷକ ନାହାନ୍ତି। ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୭୬ଜଣ ଛାତ୍ରଛାତ୍ରୀ ଚଳିତ ଦଶମ ବୋର୍ଡ ପରୀକ୍ଷା କିପରି ଦେବେ ଆଉ କିପରି ଉତ୍ତୀର୍ଣ୍ଣ ହେବେ ତାହା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। ଏହି ବିଦ୍ୟାଳୟର ଶିକ୍ଷକ ପଦବୀ ପୂରଣ କରିବା ନିମନ୍ତେ ଅବିଭାବକ ମହଲରେ ଦାବି ହେଉଛି।

## ପରିବାର ହିଂସା, କିନ୍ନରଙ୍କ ପାଇଁ ଯୋଜନା ସମ୍ପର୍କରେ ସଚେତନତା

ଗୁଣୁପୁର, ୭।୧୨(ସମିସ): ଗୁଣୁପୁର ପୌର ପରିଷଦ ସଦ୍‌ଭାବନା ଗୃହରେ ମପାରିବାରିକ ହିଂସା ପୋକ୍ସ ଧାରା ଏବଂ କିନ୍ନରଙ୍କ ବିଭିନ୍ନ ଯୋଜନା ଏବଂ ଧାରାକୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଭାରତ ସରକାର ଏବଂ ଓଡିଶା ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ସାହାରା ପରିବାର ପରାମର୍ଶ କେନ୍ଦ୍ର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ପୌର ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ପୌର କାର୍ଯ୍ୟକ୍ରମ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ବ୍ଲକ ଶିଶୁ ବିକାଶ ଅଧିକାରୀ ସୁଷମା ପ୍ରସାଦ, ଜନ ସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଏସ୍‌ବି ନୈସର୍ଗିକ ପରାମର୍ଶଦାତ୍ରୀ ଜୟଶ୍ରୀ ମହାପାତ୍ର ଏବଂ ସାମାଜିକ କର୍ମୀ ପିଙ୍କି ମହାପାତ୍ର ଯୋଗ ଦେଇଥିଲେ। ପାରିବାରିକ ହିଂସା ପୋକ୍ସ ଆକ୍ଟ ସହ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ ପରିଚାଳନା କରିଥିବା ବେଳେ ପୌର ସିଇଓ ସଂଗୀତା ପଟ୍ଟନାୟକ ଧନ୍ୟବାଦ ଦେଇ ଥିଲେ। ପୌରପରିଷଦର ସମସ୍ତ କାଉନସିଲରଙ୍କ ସହ ସ୍ୱାସ୍ଥ୍ୟ ସାଥି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୦ ତାରଖ ପର୍ଯ୍ୟନ୍ତ ଚାଲିବ ବୋଲି ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ ସାହୁ କହିଛନ୍ତି।

# ମଣ୍ଡଳସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

ମାଲକାନଗିରି, ୭।୧୨(ସମିସ): ମାଲକାନଗିରି ଶିକ୍ଷା ବ୍ଲକର ସମସ୍ତ ବିଦ୍ୟାଳୟର କୁନି ବୈଜ୍ଞାନିକ ମାନଙ୍କର ପ୍ରତିଭା ଓ ପ୍ରକଳ୍ପ "ବିଜ୍ଞାନ ପ୍ରଦର୍ଶନୀ" ସ୍ଥାନୀୟ ସିନ୍ଧ୍ରିମାଳ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଇଯାଇଛି। ୧୨୦ରୁ ଅଧିକ ପ୍ରକଳ୍ପ କୁନି ବୈଜ୍ଞାନିକ ମାନେ ଉପସ୍ଥାପନ କରିଥିଲେ। ପ୍ରଦର୍ଶନୀକୁ ସକାଳେ ମାଲକାନଗିରି ମଣ୍ଡଳ ଶିକ୍ଷାଧିକାରୀଣୀ ମମତା ସୋଏ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ବିଜ୍ଞାନ କୁଇଜ ଓ ବିଜ୍ଞାନ ଭିତ୍ତିକ ମନୋରଞ୍ଜନ ପିଲାମାନଙ୍କ ମନରେ ବିଜ୍ଞାନ ପ୍ରତି ଆଗ୍ରହକୁ ଦ୍ୱିଗୁଣିତ କରିଥିଲା। ସନ୍ଧ୍ୟାରେ ମାଲକାନଗିରି ଶିକ୍ଷା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ଗୌରାଙ୍ଗ ସଜନଙ୍କ ସଭାପତିତ୍ୱରେ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମାଲକାନଗିରି ମଣ୍ଡଳ ଶିକ୍ଷାଧିକାରୀଣୀ ମମତା ଶୋଏ, ମୁଖ୍ୟ ବକ୍ତା ଏମ୍ ଭି ୧୫ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୀବ ବୈଦ୍ୟ ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଶ୍ୱିନୀ ମାଝି, ସମ୍ମାନିତ ବକ୍ତା ସିନ୍ଧ୍ରିମାଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୁକ୍ତା ବେହେରା ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ମାଲକାନଗିରି ଶିକ୍ଷକ ସଂଘର ଜିଲ୍ଲା ସଭାପତି ତାରକ ମଣ୍ଡଳ, ବ୍ଲକ ସଭାପତି ରାମପ୍ରସାଦ ପାଢ଼ୀ ମଞ୍ଚାସୀନ ଥିଲେ। ସମସ୍ତ ସଭା କାର୍ଯ୍ୟକୁ ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି ପରିଚାଳନା କରିଥିଲେ। ଶେଷରେ ସିନ୍ଧ୍ରିମାଳ କ୍ଲଷ୍ଟର ସିଆରସିସି ଚିନ୍ମୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅବିଭକ୍ତ କୋରାପୁଟରେ ବନ୍ଦ ଓ ମିଶ୍ରଣ ହୋଇଛି ୬୮୬ଟି ସ୍କୁଲ

# ସ୍କୁଲ ବନ୍ଦ ଓ ମିଶ୍ରଣକୁ ନେଇ ସଂସଦରେ ସପ୍ତଗିରିଙ୍କ ଉଦ୍‌ବେଗ

ରାୟଗଡ଼ା, ୭।୧୨(ସମିସ): ଆଜି ଲୋକସଭାରେ ଅବିଭକ୍ତ କୋରାପୁଟରେ ସରକାରୀ ଏବଂ ସରକାରୀ-ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକର ଉଦ୍‌ବେଗଜନକ ବନ୍ଦ ଏବଂ ମିଶ୍ରଣ ସମ୍ପର୍କରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ଗଭୀର ଚିନ୍ତା ପ୍ରକଟ କରିଛନ୍ତି। କୋରାପୁଟ, ରାୟଗଡା, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲା ଅନ୍ତର୍ଭୁକ୍ତ ସାଂସଦଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ ଓଡ଼ିଶା ସରକାର ଗତ ପାଞ୍ଚ ବର୍ଷ ମଧ୍ୟରେ ଏହି ଚାରିଟି ଆଦିବାସୀ ବହୁଳ ଜିଲ୍ଲାରେ ୬୮୬ ସ୍କୁଲ ବନ୍ଦ କିମ୍ବା ମିଶ୍ରଣ କରିଛନ୍ତି। ଫଳରେ ଆଦିବାସୀ ଛାତ୍ର ଏବଂ ଗ୍ରାମୀଣ ସମ୍ପ୍ରଦାୟ ଉପରେ ଏହାର ପ୍ରଭାବ ପଡିଛି। ବିଦ୍ୟାଳୟ ବନ୍ଦ ହେବା ଦ୍ୱାରା ୮,୮୫୪ ଛାତ୍ରଛାତ୍ରୀଙ୍କୁ ସିଧାସଳଖ ଭାବରେ ପ୍ରଭାବିତ କରିଛି। ଯେଉଁମାନେ ବନ୍ଦ/ମିଶ୍ରଣ ସମୟରେ ନାମ ଲେଖାଇଥିଲେ। ଏହି ପିଲାମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଏବେ କଷ୍ଟକର, ପାହାଡ଼ିଆ ଏବଂ ଜଙ୍ଗଲ ଘେରା ଅଞ୍ଚଳରେ ଅବସ୍ଥିତ ବିଦ୍ୟାଳୟରେ ପହଞ୍ଚିବା ପାଇଁ ବହୁତ ଦୁର୍ଗମ ଅଞ୍ଚଳକୁ ଯାତ୍ରା କରିବାକୁ ପଡୁଛି। ଆଦିବାସୀ ଜନସଂଖ୍ୟା ବିଶିଷ୍ଟ କୋରାପୁଟ ଜିଲ୍ଲାର ୫ଟି ବ୍ଲକର ୧୫୦ ଏବଂ ରାୟଗଡା ଜିଲ୍ଲା ମୁନିଗୁଡ଼ା ବ୍ଲକର ୧୩ ଟି ସମେତ ଅନ୍ୟାନ୍ୟ ସ୍କୁଲ ଗୁଡ଼ିକର ଭିତ୍ତିଭୂମି ସହିତ ସଂଘର୍ଷ କରିବା ସତ୍ତ୍ୱେ ବଡ଼ଧରଣର ବନ୍ଦ ହୋଇଛି। ଶିକ୍ଷା ଅଧିକାର ଦୂରତା ମାନଦଣ୍ଡର ଉଲ୍ଲଂଘନ ଶିକ୍ଷା ଅଧିକାର ଆଇନ ଅନୁଯାୟୀ, ବିଦ୍ୟାଳୟ ପାଇଁ ଦୂରତା ସୀମା ନିର୍ଦ୍ଧାରଣ କରାଯାଇଛି। ଏହା ସତ୍ତ୍ୱେ ଆଖପାଖର ବିଦ୍ୟାଳୟ ବନ୍ଦ ହେବା ସହିତ, ଦୂରବର୍ତ୍ତୀ ଆଦିବାସୀ ଅଞ୍ଚଳର ପିଲାମାନେ ଏହି ମାନଦଣ୍ଡଠାରୁ ବହୁତ ଦୂରରେ ଚାଲିବାକୁ ବାଧ୍ୟ ହେଉଛନ୍ତି। ଏହା ସେମାନଙ୍କର ଶିକ୍ଷାର ମୌଳିକ ଅଧିକାରର ଏକ ଗମ୍ଭୀର ଉଲ୍ଲଘଂନ ହୋଇଥିବା ସାଂସଦ ଗୃହରେ ଅବଗତ କରାଇଥିଲେ। ଅବିଭକ୍ତ କୋରାପୁଟରେ ଏପର୍ଯ୍ୟନ୍ତ ୩ ଟି ଏକକ ଶିକ୍ଷକ ବିଦ୍ୟାଳୟ ଏବଂ ୩ ଟି ଶିକ୍ଷକ ପଦ ଖାଲି ଅଛି। ଏହା ଶିକ୍ଷାଗତ ଅଭାବ କିମ୍ବା ଶିକ୍ଷକ ଅଭାବକୁ ଦୂର କରିବାରେ ନୀତିର ବିଫଳତାକୁ ସମ୍ପୂର୍ଣ୍ଣ ଭାବରେ ପ୍ରକାଶ କରୁଛି ବୋଲି ସାଂସଦ ସପ୍ତଗିରି କହିଥିଲେ। ବିଳମ୍ବ ନକରି ସମସ୍ତ ଶିକ୍ଷକ ପଦବୀ ପୂରଣ କରନ୍ତୁ। ୪ଟି ଜିଲ୍ଲାରେ ସ୍କୁଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଏକ ସ୍ୱଷ୍ଟ ଯୋଜନା ପ୍ରସ୍ତୁତ କରନ୍ତୁ। ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ସମ୍ପ୍ରସାରଣ ଏବଂ ସୁଗମତା ପଦକ୍ଷେପ ସମେତ ଆଦିବାସୀ ଶିକ୍ଷାକୁ ପ୍ରାଥମିକତା ଦିଅନ୍ତୁ। ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବା ପର୍ଯ୍ୟନ୍ତ ସଂସଦ ଭିତରେ ଏବଂ ବାହାରେ ଏହି ପ୍ରସଙ୍ଗ ଉଠାଇବା ଜାରି ରଖିବି ବୋଲି ସାଂସଦ ଶ୍ରୀ ଉଲାକା କହିଛନ୍ତି।

# ପଥ ଉତ୍ସବରେ ଝୁମିଲା ମାଲକାନଗିରି

## ନାଚିଲେ, ଗାଇଲେ ସହରବାସୀ





ମାଲକାନଗିରି, ୭ ।୧୨(ସମିସ): ମାଲ୍ୟବନ୍ତ ମହୋତ୍ସବକୁ ଆହୁରି ଉତ୍ସବମୁଖର କରିବା ପାଇଁ ମାଲକାନଗିରିରେ ଅନୁଷ୍ଠିତ ହୋଇଛି ପଥ ଉତ୍ସବ। ଶୀତୁଆ ସକାଳରେ ନାଚିଲା ଗାଇଲା ଓ ଝୁମିଲା ମାଲକାନଗିରି ସହର। ଆଗକୁ ମାଲ୍ୟବନ୍ତ ମହୋତ୍ସବ ଥିବା ବେଳେ ଏହା ପୂର୍ବରୁ ସଦରମହକୁମାରେ ରେ ଆରମ୍ଭ ହୋଇଛି ପଥ ଉତ୍ସବ। ଏହି ପଥ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଠାରୁ ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ଆୟୋଜନ ହୋଇଥିଲା। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଅଶ୍ମି ଏଏଲ, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ବିଏସଏଫ ଡେପୁଟି କମାଣ୍ଡାଣ୍ଟ ରବି ମିଶ୍ର ଉପସ୍ଥିତ ଥିଲେ। ସକାଳର ପହିଲି କିରଣ ସହ ବେଶ ବର୍ଣ୍ଣାଢ୍ୟରେ ଆୟୋଜନ ସହ ପାଳନ ହୋଇଛି ପଥୋତ୍ସବ। ଆଉ ଏହି ପଥ ଉତ୍ସବ ରେ ସହରବାସୀ ବି ବେଶ ଉପଭୋଗ କରିଥିଲେ। ଉଦଘାଟନୀ ସମାରୋହ ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ନେଇ ବେଶ ଝୁମିଥିଲେ ନାଚିଥିଲ ଯୁବକଯୁବତୀ। ମଞ୍ଚରେ ଦେଖିବାକୁ ମିଳିଥିଲା ଜନଜାତି କଳା ସଂସ୍କୃତିର ଝଲକ। ପଥ ଉତ୍ସବରେ ନାଚ,ଗୀତ ସ୍କେଟିଂ, ଖାଦ୍ୟର ପସରା,ଆର୍ଟ କ୍ରାଫ୍ଟ ବା ଝୋଟି ଚିତା, ଯୋଗ,ବିଭିନ୍ନ ପ୍ରକାର ଦୁଃସାହସିକ ଖେଳ ଓ କ୍ରୀଡା ପ୍ରଦର୍ଶିତ ହୋଇଥିଲା। ଏହାସହ ବିଭିନ୍ନ ପ୍ରକାର ଝୋଟି ଓ ଚିତ୍ର ଭିନ୍ନ ଭିନ୍ନ ପ୍ରକାର ଚିତ୍ରାଙ୍କନ ବେଶ ଚିତାକର୍ଷକ ରହିଥିଲା। ଏଥିରେ ଅନେକ ସଚେତନତା କାର୍ଯ୍ୟକ୍ରମ ମଧ ଦେଖିବାକୁ ମିଳିଛି। ପରିବେଶ ସଚେତନତା, ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ମାନିବା ପାଇଁ ସଚେତନତା ମଧ ଦେଖିବାକୁ ମିଳିଛି। ବିଶେଷକରି ପାରମ୍ପରିକ କଳା ଓ ନୃତ୍ୟ ପ୍ରଦର୍ଶନ ଲୋକଙ୍କ ମନକୁ ବେଶ ଛୁଇଁଥିଲା। ଆଜିର ପଥ ଉତ୍ସବରେ ସୀମା ସୁରକ୍ଷା ବଳ ତରଫରୁ ଆୟୋଜନ କରାଯାଇଥିବା ଡଗ୍ ସୋ ବେଶ୍ ଆକର୍ଷଣୀୟ ହୋଇଥିଲା। ପୋଲିସ୍ ବାହିନୀ ତରଫରୁ ଆରକ୍ଷୀ ଝଙ୍କାର ଟିମ୍ ମେଲୋଡି ପ୍ରଦର୍ଶନ କରିଥିଲେ। ଶ୍ୟାମ ସୁନ୍ଦର ନାୟକ ଓ ନିବେଦିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଉପ ଜିଲ୍ଲାପାଳ କାର୍ଯ୍ୟାଳୟ କର୍ମଚାରୀ ଓ ସମସ୍ତ କମିଟି ସଦସ୍ୟ ଏହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ।

# ବହୁମୁଖୀ ପ୍ରକ୍ରିୟାକାରଣ, ସିଲେଇ କେନ୍ଦ୍ର ଉଦ୍‌ଘାଟିତ



ମାଥିଲି,୭ ।୧୨ (ସମିସ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ପରିସରରେ ଜିଲ୍ଲା ସମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଆଜି ବହୁମୁଖୀ ପ୍ରକ୍ରିୟାକାରଣ ଓ ସିଲେଇ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ନୋଡାଲ ଅଧିକାରୀ ତଥା ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ଏମ୍‌ଡି ସିଦ୍ଧିକ୍ ଆଲାମ୍, ମାଲକାନଗିରି ଜିଲ୍ଲା ପ୍ରକଳ୍ପ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲ୍ଲା ସମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ହଳଧର ଶବର, ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ୍,ପ୍ରମୋଦ କୁମାର ବେହେରା ଓ ସିଡିପିଓ ମିନତୀ ବେହେରା ଯୋଗ ଦେଇ ବହୁମୁଖୀ ପ୍ରକ୍ରିୟାକାରଣ ଓ ସିଲେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଏହା ଦ୍ୱାରା ମାଥିଲି ବ୍ଲକରେ ୨୦ ପଞ୍ଚାୟତରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ସିଲେଇ ମେସିନ ଶିଖିବା ସହିତ ଆତ୍ମ ନିର୍ଭରଶୀଳ ହୋଇ ପାଇବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ମାଥିଲି ନିର୍ବାହୀ ଯନ୍ତ୍ରୀ ହୃଦୟ ରଞ୍ଜନ ବାଘ ଓ ମିଶନ ଶକ୍ତିର ବିପିଏମ ଅନିର୍ବାଣ ନାୟକଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ମଡେଲ ଡିଗ୍ରୀ କଲେଜରେ ଆଲୋଚନାଚକ୍ର



ମାଲକାନଗିରି,୭ ।୧୨(ସମିସ): ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ମାଲକାନଗିରିର ବାଣିଜ୍ୟ ବିଭାଗ ଓ ଅର୍ଥନୀତି ବିଭାଗର ମିଳିତ ସହଯୋଗରେ ଏକଦିବସୀୟ ଆଲୋଚନା ଚକ୍ର ମହାବିଦ୍ୟାଳୟର ସ୍ମାର୍ଟ କ୍ଲାସ୍‌ରୁମ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଆଲୋକ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ଅର୍ଥନୀତି ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ମୀନତି ସାହୁ ଓ ସମ୍ମାନିତ ଅତିଥି ଭାବରେ ମାଲକାନଗିରିର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଏବଂ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡକ୍ଟର ପ୍ରସନ୍ନ କୁମାର ବରାଳ ଯୋଗଦେଇ ଉପରୋକ୍ତ ବିଷୟ ସମ୍ପର୍କରେ ଗଭୀର ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ଆଇକ୍ୟୁଏସିର ଆବାହକ ଡକ୍ଟର ଦେବାଶିଷ ପହି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପକ ଗୁରୁପ୍ରସାଦ ଲେଙ୍କା ସଂଯୋଜନା କରିଥିଲେ। ପାଠଚକ୍ର ସଂଯୋଜକ ତଥା ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ପ୍ରିତମ ମହଲା ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପିକା ମହୁଆ ଦାସ ଓ ଦଶମୀ ଟାଙ୍ଗୁଡିଆ ପାଠଚକ୍ର ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ/ ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଆନ୍ଦୋଳନ ପାଇଁ ଶିକ୍ଷକଙ୍କ ପ୍ରସ୍ତୁତି ବୈଠକ



ମାଲକାନଗିରି, ୭ ।୧୨(ସମିସ): ଦୀର୍ଘଦିନର ଦାବି ସରକାର ଶୁଣୁ ନଥିବାରୁ, ବାରମ୍ବାର ପ୍ରତିଶ୍ରୁତି ଓ ଆଶ୍ୱାସନରେ କଥା ସୀମିତ ରହୁଥିବାରୁ ଭୁବନେଶ୍ୱରର ଗାନ୍ଧୀମାର୍ଗରେ ଆସନ୍ତା ୧୦ ତାରିଖରେ ଓଷ୍ଟା ପକ୍ଷରୁ ଏକ ବିଶାଳ ଆନ୍ଦୋଳନ ହେବାକୁ ଯାଉଛି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ସଂଘ ବା ଓଷ୍ଟା ତରଫରୁ ଏକ ଶୋଭାଯାତ୍ରା କରି ବିକ୍ଷୋଭ କରାଯିବ ବୋଲି ଜଣାପଡିଛି । ଏହାକୁ ନେଇ ମାଲକାନଗିରି ଜିଲ୍ଲା ଶାଖା ତରଫରୁ ଜିଲ୍ଲା ସଦରରେ ଥିବା କନିଷ୍ଠ ମହିଳା ମହାବିଦ୍ୟାଳୟ ଠାରେ ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ଓଷ୍ଟା ସଂଘର ସଭାପତି ଅଲେଖ ମହାପାତ୍ରଙ୍କ ସଭାପତିତ୍ୱରେ ସଂପାଦକ ମନୋଜ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିବା ଏହି ବୈଠକରେ ହାଇକୋର୍ଟଙ୍କ ରାୟକୁ ସମ୍ମାନ ଜଣାଇ ତୁରନ୍ତ ଚାକିରି ସର୍ତ୍ତାବଳୀ ସହ ପେନସନ୍ ପ୍ରଦାନ, ଯୋଗ୍ୟ ବିବେଚିତ ୧୯୪ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଆଡେଡ ବିଦ୍ୟାଳୟକୁ ଫୁଲ ଆଡେଡ, ଏବଂ ଫୁଲ ଆଡେଡ ବିଦ୍ୟାଳୟକୁ ସରକାରୀକରଣ ଓ ଖାଲିଥିବା ପଦବୀ ପୂରଣ, ଓ ପେନସନ ତଥା ଗ୍ରାଚୁଟି ୫ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି ସମ୍ବଳିତ ଦାବିକୁ ନେଇ କିପରି ଜିଲ୍ଲାରୁ ବହୁ ସଂଖ୍ୟାର ଶିକ୍ଷକ କର୍ମଚାରୀ ଭୁବନେଶ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି ରାଲିରେ ଉପସ୍ଥିତ ରହି ସଫଳ କରାଯିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା, ଜିଲ୍ଲା କ୍ରିଡ଼ା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଇସି ମେମ୍ବର ଅଜୟ କୁମାର ସ୍ୱାଇଁ, ଉପ ସଭାପତି ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ସଂଘର ସମସ୍ତ କର୍ମକର୍ତ୍ତା ସମେତ ଉପସ୍ଥିତ ଶିକ୍ଷକ ରଂଜନ କୁମାର ପରିଡା, ଦୀନବନ୍ଧୁ ବେଜ, ସୂର୍ଯ୍ୟକାନ୍ତ ନାୟକ, ସୁଦର୍ଶନ ସ୍ୱାଇଁ, ରତ୍ନାକର ଦାସ, ଗିରିଧାରୀ ସାହୁଙ୍କ ସହ ବହୁ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତି ରହିଥିଲେ। ଶେଷରେ ଜିଲ୍ଲା ଉପ ସଭାପତି ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲାର ସବୁ ବର୍ଗର ଶିକ୍ଷକ କର୍ମଚାରୀ ସାମିଲ ରହିଥିଲେ।

# ଜନନୀ ଏକ୍ସପ୍ରେସ୍ ଦୁର୍ଘଟଣା ଗ୍ରସ୍ତ

ରାୟଗଡା,୭।୧୨(ସମିସ): ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡା ସହରରେ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି। ଆଜି ରାୟଗଡା-କୋରାପୁଟ ମୁଖ୍ୟ ରାସ୍ତାର କୋଟଲାଗୁଡା ନିକଟରେ଼ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସ ଜଣେ ଗର୍ଭବତୀ ମହିଳାଙ୍କୁ ଛାଡି ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଠିଆ ହୋଇଥିବା ଗୋଟିଏ କାର୍ ସହିତ ଧକ୍କା ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସର ଡ୍ରାଇଭର ସୁରକ୍ଷିତ ଥିବା ଜଣାପଡିଛି। ଦୁର୍ଘଟଣା ପରେ ଜନନୀ ଏକ୍ସପ୍ରେସର ଆମ୍ବୁଲାନ୍ସରୁ ଆଗ ପଟ ଚକା ବାହାରି କିଛି ଦୂରକୁ ଛିଟିକି ପଡ଼ିଥିଲା ଓ ଦୁର୍ଘଟଣା ପରେ ଆମ୍ବୁଲାନ୍ସଟି ଜାତୀୟ ରାଜପଥ ୩୨୬ରେ କିଛି ଦୂର ପର୍ଯ୍ୟନ୍ତ ଘୋଷାଡି ହୋଇ ଯାଇଥିଲା। ଏହି ଘଟଣାରେ କେହି ଆହତ ହୋଇନାହାନ୍ତି।

# 'ଗୁଣପୁରିଆ'ଙ୍କ ହରଭଙ୍ଗାରେ ବନ୍ଧୁମିଳନ



ଗୁଣପୁର,୭।୧୨(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ସହରର ବ୍ୟକ୍ତିବିଶେଷଙ୍କୁ ନେଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ଆମେ ଗୁଣୁପୁରିଆ ନାମରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଗଜପତି ଜିଲ୍ଲା ହରଭଙ୍ଗା ଡ୍ୟାମ୍ ପରିସରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୁଣପୁର ସହରରରେ ବସବାସ କରୁଥିବା ଯୁବକଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ଯାଏଁ ସବୁ ବର୍ଗର ଲୋକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗୁଣପୁର ପୌର ପରିଷଦର ଉପାଦକ୍ଷ ଶିବ ପ୍ରସାଦ ଗୋଡ଼, ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ସମାଜସେବୀ ଅଶୋକ ରଥ, ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଭାଇଚାରା ଅକ୍ଷୁର୍ଣ୍ଣ ରହିବ ବୋଲି ଅନେକ ମତ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ରାମ ପଣ୍ଡା, ବରିଷ୍ଠ ସାମ୍ବାଦିକ ରାଧାକୃଷ୍ଣ ପଟ୍ଟନାୟକ, ରମେଶ ପାତ୍ର, ଅନିଲ ସାଉକାର, ମିଲି ପାଢ଼ି, ଅଜିତ ପଣ୍ଡା, ମୁନା ପାଢ଼ି, ପିଙ୍କୁ ପଣ୍ଡା, ଦୀପୁ ପଟ୍ଟନାୟକ, ମୁନା ପାଣି, ରାକେଶ ସାହୁ, ସୁମନ ପାତ୍ର, ସିନ୍ଦିରି ତିରୁମୁଲା, ରବି କୁମାର, କେ କିଶୋର ଓ ଶିବରାମ କୃଷ୍ଣ ଡାକୁଆଙ୍କ ସମେତ ଶତାଧିକ ଯୁବକ ସାମିଲ ହୋଇଥିଲେ।

● ରାଜ୍ୟସ୍ତରୀୟ ଓଡ଼ିଶା ଗବେଷକ ସମ୍ମିଳନୀ

# ସୋସିଆଲ ସାଇନ୍ସରେ ମାନସୀଙ୍କ ଗବେଷଣା ସର୍ବଶ୍ରେଷ୍ଠ

ରାୟଗଡ଼ା,୭।୧୨(ସମିସ): ରାଜ୍ୟସ୍ତରୀୟ ବାର୍ଷିକ ଓଡ଼ିଶା ଗବେଷକ ସମ୍ମିଳନୀ-୨୦୨୫ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଷୟବସ୍ତୁ ଓ ପାଠ୍ୟକ୍ରମର ଗବେଷକଙ୍କୁ ନେଇ ଏହି ସମ୍ମିଳନୀ ହୋଇଥିଲା। ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ସର୍ବଭାରତୀୟସ୍ତରୀୟ ବୈଜ୍ଞାନିକ, ଗବେଷକଙ୍କ ସମେତ ଓଡ଼ିଶାରୁ ୪୦୦ରୁ ଅଧିକ ଗବେଷକ ସମ୍ମିଳନୀରେ ଯୋଗ ଦେଇଥିଲେ। ଉପସ୍ଥାପନ ହୋଇଥିବା ଗବେଷଣା ମଧ୍ୟରୁ ସୋସିଆଲ ସାଇନ୍ସ ବିଷୟବସ୍ତୁରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ମାନସୀ ମହାନ୍ତିଙ୍କ ଗବେଷଣା ସର୍ବଶ୍ରେଷ୍ଠ ଭାବେ ମନୋନୀତ ହୋଇଛି। ଏହି ଅବସରରେ ଉଚ୍ଚ ଶିକ୍ଷା ବିଭାଗ ପଦାଧିକାରୀ, ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଅଧ୍ୟାପିକା ମାନସୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ମାନସୀଙ୍କ ଏହି ଗବେଷଣା ଲାଗି ନୂଆ ଦିଲ୍ଲୀସ୍ଥିତ ଇଣ୍ଡିଆନ କାଉନ୍‌ସିଲ ଅଫ ସୋସିଆଲ ସାଇନ୍ସ ରିସର୍ଚ୍ଚ ଆର୍ଥିକ ସହାୟତା ଯୋଗାଇ ଦେଇଥିଲା।




ଏହି ଗବେଷଣା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାନବ ଓ ଶିଶୁ ଚାଲାଣ ସମସ୍ୟା ଓ ତାର ପ୍ରତିକାର ଉପରେ ପର୍ଯ୍ୟବେକ୍ଷିତ ଥିଲା। ଏହି ଗବେଷଣାରେ ଅଧ୍ୟାପିକା ଡ. ସୁଧାରାଣୀ ନାୟକ ଓ ଶତାବ୍ଦୀ ବେନିଆ କାର୍ଯ୍ୟରତ ଥିଲେ।

# ନିଗମାନନ୍ଦ ଆଶ୍ରମର ସୁବର୍ଣ୍ଣ ଜୟନ୍ତୀ



ଚିତ୍ରକୋଣ୍ଡା,୭ ।୧୨(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସଦରମହକୁମା ସ୍ଥିତ ନିଗମାନନ୍ଦ ଆଶ୍ରମରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୁରୀର ଶ୍ରୀ ବିଭୁଦତ କଲାଟ କେନ୍ଦ୍ରୀୟ ପ୍ରତିନିଧି ଭାବରେ ଯୋଗ ଦେଇଥିଲେ। ତାଙ୍କ ସଭାପତିତ୍ୱରେ ଭକ୍ତ ରଥ ପୂଜକ ବାବୁ ଭାଇ, ବସନ୍ତ ଭାଇ ପରିବେଷଣ ମୁଖ୍ୟ ଶାଖା କେନ୍ଦ୍ର ପ୍ରତିନିଧି ପ୍ରକାଶ ଚନ୍ଦ୍ର ମିଶ୍ର,ସଭାପତି ପ୍ରଭାତ କୁମାର ପାତ୍ର,ସମ୍ପାଦକ ସଞ୍ଜୟ ପରିଡ଼ା, ଦିଗପହଣ୍ଡି ଶାଖାର ବିବେକ ସାହୁ,ବାବି ପଣ୍ଡା,ତନ୍ମୟ ସାହୁ, ନଷ୍ଟିପୁରର ଅଭିମନ୍ୟୁ ଜେନା, ବାଇଣ୍ଡାର ସଚି ବେହେରା, ସୁବଳୟାର ହଳଧର ମିଶ୍ର, ଗୌରାଙ୍ଗ ମହାପାତ୍ର, କୁସକେଲାର ସୁମନ ଦାସ, ସୁନାବେଡ଼ା, ବାଲିମେଲା, ମାଲକାନଗିରି ଏବଂ ସ୍ଥାନୀୟ ଅଞ୍ଚଳର ଶତାଧିକ ଭକ୍ତଙ୍କ ସମାଗମରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ଦିନ ୧ ଘଣ୍ଟା ସମୟରେ ସହସ୍ରାଧିକ ଭକ୍ତ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟା ସମୟରେ ସଭାପତି ବିଜୟଲକ୍ଷ୍ମୀ ପୁରୋହିତ, ସମ୍ପାଦକ ସାଗରବାଳା ଦାସ ଓ ଅନ୍ୟାନ୍ୟ ଶାଖା ସଂଘର ମା'ମାନେ ବିନୋଦିନୀ ପଟ୍ଟନାୟକ, ପାର୍ବତୀ ସାହୁ ପ୍ରମୁଖ ତଥା ସ୍ଥାନୀୟ ମହିଳା ଭକ୍ତଙ୍କ ସମାଗମରେ ଠାକୁରଙ୍କ ଆରତୀ ସହ ଜ୍ଞାନ ଆଲୋଚନା ହୋଇଥିଲା।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ



ଗୁଣପୁର,୭।୧୨(ସମିସ): ସ୍ଥାନୀୟ ବିଦ୍ୟା ନିକେତନ ନିକଟ ଆମ୍ବ ତୋଟା ଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୭ ମହାବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୱାଇ ଗଣପତି, ମୁଖ୍ୟବକ୍ତା ଭାବେ ଜିଲ୍ଲା ପ୍ରମୁଖ ଶେଷସାୟୀ ସେନାପତି, ସମ୍ମାନିତ ଅତିଥି ଭାବେ ରାୟଗଡ଼ା ନଗର ପ୍ରମୁଖ ଚିଦାନନ୍ଦ ରାଉତ ଏବଂ ଗଜପତି ବିଭାଗ ପ୍ରମୁଖ ଉମାଶଙ୍କର ଦାଶ ଉପସ୍ଥିତ ଥିଲେ। ଚଳିତ ବର୍ଷ ୨୦୨୫-୨୬ ପାଇଁ ବିଭିନ୍ନ କଲେଜ କ୍ୟାମ୍ପସ୍ ଟିମ୍‌ରେ ଥାୟାରାମ୍ମା ମହିଳା ମହାବିଦ୍ୟାଳୟରେ ତୁଳସୀ ଶବର, ଗୁଣପୁର ମହାବିଦ୍ୟାଳୟରେ ଗୌରବ ପଣ୍ଡା, ଡମ୍ବସରା +୨ ଉଚ୍ଚ ମାଧମିକ ବିଦ୍ୟାଳୟରେ ଉମାକାନ୍ତ ନିମାଲା, ଗୁଣୁପୁର +୨ ଉଚ୍ଚ ମାଧମିକ ବିଦ୍ୟାଳୟରେ ନିଖିଲ କୁମାର ଗମାଙ୍ଗ, ଥାୟାରାମ୍ମା ଉଚ୍ଚ ମାଧମିକ ବିଦ୍ୟାଳୟର ବୈଶାଳୀ କୋଲାଙ୍କୁ ସଭାପତି ଦାୟିତ୍ୱ ଦିଆଗଲା। ସେହିଭଳି ଗୁଣପୁର ନଗର ଟିମ୍ ନିମନ୍ତେ ଡଃ ପ୍ରଶାନ୍ତ କୁମାର ହୋତାଙ୍କୁ ନଗର ପ୍ରମୁଖ, ପ୍ରଫୁଲ୍ଲ ଲିମାଙ୍କୁ ନଗର ସହ ପ୍ରମୁଖ, ଲକ୍ଷ୍ମୀ ମହାଲ୍କୁଡ଼ଙ୍କୁ ନଗର ସଭାପତି, ପ୍ରଫୁଲ୍ଲ ଶତପଥୀ ଓ ଗୌରୀ ଶଙ୍କର ମହାଲ୍କୁଡ଼ଙ୍କୁ ନଗର ଉପସଭାପତି, ନଗର ସମ୍ପାଦକ ଭାବେ ଆଦିତ୍ୟ ପାଢ଼ୀ, ଏସ୍‌ଏଫଡି ସଂଯୋଜକ ଭାବେ ଅନ୍ୱେଷା ମୁଦ୍ରିଙ୍ଗା, ଆରକେଏମ ସଂଯୋଜକ ଭାବେ ସ୍ମୃତିମୟୀ ସେନାପତି ଓ ନିଶା ପାଣିଗ୍ରାହୀ, ଖେଲୋ ଭାରତ ସଂଯୋଜକ ଭାବେ ଜଗଦୀଶ୍ୱର ଶବର, ପାଠଚକ୍ର ପ୍ରମୁଖ ଭାବେ ସୁନୀତା ତରାଇ ଆଦିଙ୍କୁ ମନୋନୀତ କରାଯାଇଥିଲା। ଅଧ୍ୟାପକ ସନ୍ତୋଷ ହୋତା, ଗୌରାଙ୍ଗ ପାଣିଗ୍ରାହୀ, ଅଧ୍ୟାପକ ଦୁର୍ଗା ପ୍ରସାଦ କର,କରଣ କଂସ ବେହେରା ବିଭିନ୍ନ ବିଭାଗ ର ଇଞ୍ଚାର୍ଜ ଭାବେ ଦାୟିତ୍ୱ ପାଇଥିଲେ। ଲୋକନାଥ ବାଉରୀ, ଲିପୁନ୍ ତୁଳ, ଦେବାଶିଷ ସେନାପତି, ଏସ୍ ଶିବାଜି, ଜିଲ୍ଲା ସଂଯୋଜକ ବି ସତୀଶ କୁମାର, ଚନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଖେଳକୁଦ ସମାରୋହ ଉଦ୍‌ଯାପିତ



ଟିକିରି,୭।୧୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଟିକିରିର ଖେଳକୁଦ ସମାରୋହ ୨୦୨୫ ଚଳିତ ମାସ ୫ ଓ ୬ ତାରିଖରେ ଅନୁଷ୍ଠିତ ହୋଇ ଯାଇଛି। ଦୁଇଦିନ ଧରି ହେବାକୁ ଥିବା ଖେଳକୁଦ ସମାରୋହର ଶୁକ୍ରବାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଟିକିରି ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ଶିକ୍ଷକ ରାଜେନ୍ଦ୍ର କୁମାର ମହନ୍ତ ଯୋଗ ଦେଇଥିଲେ। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା କିଶୋର ବର୍ଗର ଭାଇ ଲମ୍ବଡିଆଁ ଖେଳର ଶୁଭାରମ୍ଭ କରଯାଇଥିଲା। ପରବର୍ତ୍ତୀ ସମୟରେ ଶିଶୁବାଟିକା ବିଭାଗ, ପ୍ରାଥମିକ ବିଭାଗ, ମାଧମିକ ବିଭାଗର ଦୌଡ, ବେଙ୍ଗଡିଆ, ବାଟି ଚାମଚ, ଫିଙ୍ଗାଖେଳ ସମେତ ମୋଟ ୮୨ଟି ଖେଳ ଅନୁଷ୍ଠିତ ହୋଇଥିଲା। ତାହା ସହ ଅବିଭାବକଙ୍କ ୧୦୦ମିଟର ଦୌଡ଼ ଓ ଅଭିଭାବିକା ଓ ମାତୃଭାରତ ମାନଙ୍କ ବାଟି ଚାମଚ ଖେଳ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ଗୁରୁମାଙ୍କ ସଂଗୀତ ଚୌକି ଓ ଗଳା ଫିଙ୍ଗା ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଖେଳକୁଦରେ ୬୯୬ ଜଣ ଭାଇଭଉଣୀ ଭାଗ ନେଇଥିଲେ। ସମସ୍ତ ଗୁରୁଜୀ ଗୁରୁମା ଖେଳକୁଦ ଗୁଡିକ ସୁନ୍ଦର ଭାବରେ ପରିଚାଳନା କରିଥିଲେ। ଏହି ସମାରୋହ କାର୍ଯ୍ୟକ୍ରମରେ କ୍ରୀଡ଼ାବିତ୍ ତଥା ରେଳ ବିଭାଗରେ କାର୍ଯ୍ୟରତ ମହେନ୍ଦ୍ର ମହାନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପୁଷ୍ପକେତୁ ସାହୁଙ୍କ ତତ୍ତ୍ୱାବଧାନ ଓ କ୍ରୀଡ଼ା ପ୍ରମୁଖ ତପସ୍ୱିନି ବେହେରା ପରିଚାଳନାରେ କାର୍ଯ୍ୟକ୍ରମଟି ସମ୍ପାଦନ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକା ସହୋଯୋଗ କରିଥିଲେ। ସମସ୍ତ କୃତି ଛାତ୍ରଛାତ୍ରୀ ମନଙ୍କୁ ବିଦ୍ୟାଳୟର ସଭାପତି ସରଜିନି ନନ୍ଦ, ଉପ ସଭାପତି ନିରଞ୍ଜନ ନାୟକ, ସମ୍ପାଦକ ପଦ୍ମନାଭ ମହାନ୍ତି, ଯୁଗ୍ମ ସମ୍ପାଦକ ସୁଜିତ ନାୟକ, ସଦଶ୍ୟ ମହେନ୍ଦ୍ର ସ୍ୱାଇଁ, କୁମାରୀ ପିଡିକା , ଆଚାର୍ଯ୍ୟା ପ୍ରତିନିଧି ବସନ୍ତମଞ୍ଜରୀ ପଟ୍ଟନାୟକ ପୁରସ୍କୃତ କରିଥିଲେ। ଯେଉଁ ଛାତ୍ରଛାତ୍ରୀ ମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ଚଳିତ ମାସ ୧୩ ଓ ୧୪ ତାରିଖ ରେ ହେବାକୁ ଥିବା ସଙ୍କୁଳସ୍ତରୀୟ ଜେକେପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କ୍ରୀଡ଼ାରେ ଭାଗନେବେ। ପରିଚାଳନା ସମିତିର ସଦସ୍ୟଗଣ ଉତ୍ସାହ ପ୍ରଦାନପୂର୍ବକ ସହଯୋଗ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫
- ପାଉଣ୍ଡ ୧୧୭.୧୬
- ୟୁରୋ ୧୦୨.୭୭
- ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୪୫୦ (ନୂଆଦିଲ୍ଲୀ)
- ରୁପା : ୧,୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୧୨.୦୦
- ନିଫ୍ଟି ୨୬,୧୮୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ହୋଟେଲ, ଇଭେଣ୍ଟ ଆୟୋଜକ ନେଇପାରିବେନି ଆଧାର କାର୍ଡର ଭୌତିକ ଫଟୋକପି

# ନିଷିଦ୍ଧ ହେବ ଆଧାର କାର୍ଡର ଫଟୋକପି

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ଆଗାମୀ ଦିନରେ ହୋଟେଲ, ଇଭେଣ୍ଟ ଆୟୋଜକ ଏବଂ ଏହି ଭଳି ସମାନ ପ୍ରକାରର ସଂସ୍ଥାଗୁଡ଼ିକ ଆଉ ଗ୍ରାହକଙ୍କଠାରୁ ଆଧାର କାର୍ଡର ଫିଜିକାଲ ବା ଭୌତିକ ଫଟୋକପି ନେଇପାରିବେନାହିଁ। ଏଭଳି କାର୍ଯ୍ୟକୁ ରୋକିବା ପାଇଁ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ନୂଆ ଆଧାର ନିୟମ ଆଣିବାକୁ ଯାଉଛି। ନୂତନ ନିୟମରେ ବିଭିନ୍ନ ସଂସ୍ଥାଙ୍କ ଦ୍ୱାରା ଆଧାର ଫଟୋକପି ରଖିବାର ଅଭ୍ୟାସ ବିଦ୍ୟମାନ ଆଧାର ଆଇନକୁ ଉଲ୍ଲଂଘନ କରୁଛି। ତେଣୁ ଆଧାର କାର୍ଡର ଫଟୋକପି ବ୍ୟବସ୍ଥା ନିଷିଦ୍ଧ ହେବ। କେନ୍ଦ୍ର ସରକାର ଖୁବ୍ ଶୀଘ୍ର ଆଧାର କାର୍ଡ ପାଇଁ ନୂଆ ଡିଜିଟାଲ୍ ଯାଞ୍ଚ ନିୟମ ଆଣିବେ।

ଏ ସମ୍ପର୍କରେ ୟୁଆଇଡିଏଆଇ ସିଇଓ ଭୁବନେଶ କୁମାର କହିଛନ୍ତି ଯେ, ସରକାର ଆଧାର ଯାଞ୍ଚର ଏକ ନୂତନ ଢାଞ୍ଚାକୁ ଅନୁମୋଦନ ଦେଇଛନ୍ତି। ଯାହା ଆଧାର-ଆଧାରିତ ଯାଞ୍ଚ ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକୁ - ହୋଟେଲ ଏବଂ ଇଭେଣ୍ଟ ଆୟୋଜକଙ୍କ ସମେତ ସିଷ୍ଟମରେ



**ୟୁଆଇଡିଏଆଇ ଆଣିବ ନୂଆ ଆଧାର ନିୟମ**

**ନୂତନ ଡିଜିଟାଲ୍ ଯାଞ୍ଚ ନିୟମ ଖୁବ୍ ଶୀଘ୍ର**

ପଞ୍ଜୀକରଣ କରିବାକୁ ଏବଂ ଏକ ନୂତନ ଯାଞ୍ଚ ପ୍ରଯୁକ୍ତିବିଦ୍ୟାର ପ୍ରବେଶ ପାଇବାକୁ ବାଧ୍ୟତାମୂଳକ କରିଥାଏ। କୁମାର କହିଛନ୍ତି ଯେ ସିଷ୍ଟମ କ୍ୟୁଆର୍ କୋଡ୍ ସ୍କାନିଂ ମାଧ୍ୟମରେ କିମ୍ବା ବର୍ତ୍ତମାନ ବିକାଶଧୀନ ଏକ ନୂତନ ଆଧାର ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଯାଞ୍ଚ କରିବାକୁ ଅନୁମତି ଦେବ। ନୂତନ ନିୟମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦନ କରାଯାଇଛି ଏବଂ ଶୀଘ୍ର ଏ ସମ୍ପର୍କରେ ସୂଚିତ କରାଯିବ। ଏହା ହୋଟେଲ, ଇଭେଣ୍ଟ ଆୟୋଜକଙ୍କ ଭଳି ଅଫ୍‌ଲାଇନ୍ ଯାଞ୍ଚ-ଖୋଜୁଥିବା ସଂସ୍ଥାଗୁଡ଼ିକର ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବ। ଉଦ୍ଦେଶ୍ୟ ହେଉଛି କାଗଜ-ଆଧାର ଯାଞ୍ଚକୁ ନିରୁତ୍ସାହିତ କରିବା ବୋଲି ଶ୍ରୀ କୁମାର କହିଛନ୍ତି।

ପୁନଃନିର୍ମିତ ଯାଞ୍ଚ ପ୍ରକ୍ରିୟା କେନ୍ଦ୍ରୀୟ ଆଧାର ଡାଟାବେସ୍‌କୁ ଅନୁରୋଧଗୁଡ଼ିକୁ ପଠାଉଥିବା ମଧ୍ୟବର୍ତ୍ତୀ ସର୍ଭରରେ ବାଧା ଯୋଗୁଁ ସୃଷ୍ଟି ହେଉଥିବା ଚ୍ୟାଲେଞ୍ଜଗୁଡ଼ିକର ସମାଧାନ କରିବ ବୋଲି ମଧ୍ୟ ଆଶା କରାଯାଉଛି। ଯେଉଁ ସଂସ୍ଥାଗୁଡ଼ିକୁ ଅଫଲାଇନ୍ ପ୍ରମାଣୀକରଣ ଆବଶ୍ୟକ ହୁଏ ସେମାନଙ୍କୁ ଏକ ଏପିଆଇ (ଆପ୍ଲିକେସନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍) ପ୍ରବେଶ ପ୍ରଦାନ କରାଯିବ, ଯାହା ସେମାନଙ୍କୁ ସେମାନଙ୍କ ସଫ୍ଟୱେର୍‌ରେ ଯାଞ୍ଚ ସିଷ୍ଟମ୍ ଅନ୍ତର୍ଭୁକ୍ତ କରିବାକୁ ସକ୍ଷମ କରିବ।

ୟୁଆଇଡିଏଆଇ ବର୍ତ୍ତମାନ ଏକ ନୂତନ ଆପ୍ଲିକେସନ୍‌ର ବିଟା-ପରୀକ୍ଷଣ କରୁଛି ଯାହା ପ୍ରତ୍ୟେକ କାରବାର ପାଇଁ କେନ୍ଦ୍ରୀୟ ସର୍ଭର ସହିତ ସଂଯୋଗ ନକରି ଆପ୍-ଟୁ-ଆପ୍ ପ୍ରମାଣୀକରଣକୁ ସମର୍ଥନ କରିବ। ଏହି ସମାଧାନକୁ ବିମାନବନ୍ଦର ଏବଂ ବୟସ-ପ୍ରତିବନ୍ଧିତ ଜିନିଷ ବିକ୍ରି କରୁଥିବା ଖୁଚୁରା ଦୋକାନ ସମେତ ବିଭିନ୍ନ ସ୍ଥାନରେ ବ୍ୟବହାର କରାଯାଇପାରିବ। କୁମାର ଗୁରୁତ୍ୱାରୋପ କରିଛନ୍ତି ଯେ ଅପଡେଟ୍ ହୋଇଥିବା ଯାଞ୍ଚ ଢାଞ୍ଚା ଗୋପନୀୟତା ସୁରକ୍ଷାକୁ ବୃଦ୍ଧି କରିବ ଏବଂ କାଗଜ-ଆଧାରିତ ଆଧାର ପରିଚାଳନା ସହିତ ଜଡିତ ବିପଦକୁ ଦୂର କରିବ। ଯାଞ୍ଚର ସହଜତା କାଗଜ ବ୍ୟବହାର ନକରି ଅଫଲାଇନ୍ ଯାଞ୍ଚକୁ ବୃଦ୍ଧି କରିବ ଏବଂ ଉପଯୋଗକର୍ତ୍ତାଙ୍କ ଗୋପନୀୟତା ବଜାୟ ରଖିବ କିମ୍ବା ଅପବ୍ୟବହାର ପାଇଁ ସେମାନଙ୍କର ଆଧାର ଡାଟା ଲିକ୍ ହେବାର କୌଣସି ବିପଦ ରହିବ ସେ କହିଛନ୍ତି। ଆପ୍ ଆଗାମୀ ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନକୁ ସମର୍ଥନ କରିବ, ଯାହା ୧୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ବ୍ୟବହାରକାରୀମାନେ ଅପଡେଟ୍ ହୋଇଥିବା ଠିକଣା ପ୍ରମାଣ ପତ୍ର ଅପଲୋଡ୍ କରିପାରିବେ ଏବଂ ସମାନ ଆପ୍‌ରେ ମୋବାଇଲ୍ ଫୋନ୍ ବିନା ପରିବାର ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରିପାରିବେ।

# ଇଣ୍ଡିଗୋ ସଙ୍କଟ: ଆଶଙ୍କାରେ ପର୍ଯ୍ୟଟକ

### ଖ୍ରୀଷ୍ଟମାସ, ନବବର୍ଷରେ ଲାଗିବ ଝଟ୍‌କା

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ସମ୍ପ୍ରତି ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋ ଏୟାରଲାଇନ୍ସରେ ଦେଖାଦେଇଥିବା ସଙ୍କଟ ବିମାନ ଯାତ୍ରୀମାନଙ୍କ ପାଇଁ ଏକ ଦୀର୍ଘକାଳୀନ ସମସ୍ୟା ଭାବେ ଉଭା ହୋଇପାରେ। କାରଣ ଦେଶର ଦେଶର ବୃହତ୍ ବିମାନ କମ୍ପାନୀ ଇଣ୍ଡିଗୋ ସମ୍ପ୍ରତି ଏହାର ପରିଚାଳନା ସମସ୍ୟା ସହ ଯୁଝୁଛି। ଏମିତିକି ଇଣ୍ଡିଗୋ ସଙ୍କଟ ଅଢ଼େଇ ମାସ ପର୍ଯ୍ୟନ୍ତ ଲାଗିରହିପାରେ ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ ବିମାନ କମ୍ପାନୀ କହିଛି ଯେ ନୂଆ ନିୟମ ଅନୁଯାୟୀ ଉଡ଼ାଣ ପରିଚାଳନା ୨୦୨୬ ଫେବୃଆରୀ ୧୦ ସୁଦ୍ଧା ହୋଇଯିବ।

**ରାଜସ୍ଥାନ ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ**

ଅପରପକ୍ଷେ ଇଣ୍ଡିଗୋର ଉଡ଼ାଣକୁ ନେଇ ସୃଷ୍ଟି ହୋଇଥିବା ସଙ୍କଟ ବର୍ତ୍ତମାନର ପର୍ଯ୍ୟଟନ ଋତୁରେ ରାଜସ୍ଥାନର ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ପ୍ରଭାବିତ କରିଛି। ପର୍ଯ୍ୟଟନ ଶିଳ୍ପର ବ୍ୟକ୍ତିମାନେ ରବିବାର କହିଛନ୍ତି ଯେ ଏହି ସଙ୍କଟ ଯୋଗୁ ପର୍ଯ୍ୟଟକଙ୍କ ଆଗମନରେ ହ୍ରାସ ପାଇଛି। ଅନେକ କ୍ଷେତ୍ରରେ ହୋଟେଲ ଏବଂ ଟ୍ରାଭେଲ ଓ ଟୁର୍ ଅପରେଟରମାନଙ୍କୁ ପ୍ରଭାବିତ କରିଛି। ଏହା ଉଲ୍ଲେଖନୀୟ ଯେ ଡିସେମ୍ବରକୁ ରାଜସ୍ଥାନର ସବୁଠାରୁ ବ୍ୟସ୍ତ ପର୍ଯ୍ୟଟନ ଋତୁ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଶୀତକାଳୀନ ପର୍ଯ୍ୟଟନ ଋତୁ ସାଧାରଣତଃ ଡିସେମ୍ବରରେ ଶିଖରକୁ ଯାଇଥାଏ। ଯଦି ଇଣ୍ଡିଗୋ ଏୟାରଲାଇନ୍ସର ଏହି ସମସ୍ୟା ବର୍ତ୍ତମାନ ସମୟରେ ନ ସୁଧୁରେ ତେବେ ଖ୍ରୀଷ୍ଟମାସ ଏବଂ ନବ ବର୍ଷ ଛୁଟି ପାଇଁ ଯୋଜନା କରୁଥିବା ପର୍ଯ୍ୟଟକଙ୍କୁ ବଡ଼ ଝଟ୍‌କା ଲାଗିବ। ଅପରପକ୍ଷେ କମ୍ପାନୀ ସରକାରଙ୍କୁ ଏହାର ଉଡ଼ାଣ ଶୁଳ୍କ ମାନଦଣ୍ଡରେ ଛାଡ଼ ପାଇଁ ମଧ୍ୟ ଅନୁରୋଧ କରିଛି।

ଅପରପକ୍ଷେ ବିମାନ ଯାତ୍ରୀମାନେ ସବୁଠାରୁ ଅଧିକ କ୍ରୋଧିତ ଯେ ବିମାନ କମ୍ପାନୀଗୁଡ଼ିକ ସେମାନଙ୍କୁ ଉଡାଣ ନେଇ ସଠିକ୍ ସୂଚନା ପ୍ରଦାନ କରୁନାହାଁନ୍ତି। ସେମାନଙ୍କୁ କେବଳ ଆଉ ୧-୨ ଘଣ୍ଟା ଅପେକ୍ଷା କରିବାକୁ କୁହାଯାଉଛି। ପରିସ୍ଥିତି ଏପରି ହୋଇଛି ଯେ ମହିଳା, ପିଲା ଏବଂ ବୃଦ୍ଧଙ୍କ ସମେତ ଯାତ୍ରୀମାନେ ୧୦-୧୨ ଘଣ୍ଟା ଧରି ବିମାନବନ୍ଦରରେ ବିମାନ ପାଇଁ ଅପେକ୍ଷା କରୁଛନ୍ତି ଏବଂ ଶେଷରେ ସେମାନଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କର ଉଡ଼ାଣ ବାତିଲ କରାଯାଇଛି। ଇଣ୍ଡିଗୋର ସଙ୍କଟ ଯୋଗୁଁ ଅନ୍ୟ ବିମାନ କମ୍ପାନୀଗୁଡ଼ିକର ବିମାନ ଭଡ଼ା ଆକାଶଛୁଆଁ ହୋଇଛି।

## ଭାରତର ମୋଟ ବକ୍ସାଇଟ୍ ସଂରକ୍ଷଣର ଅଧାରୁ ଅଧିକ ଓଡ଼ିଶାରେ

ଭୁବନେଶ୍ୱର,୭।୧୨(ସମିସ): ଭାରତର ମୋଟ ବକ୍ସାଇଟ୍ ସଂରକ୍ଷଣର ଅଧାରୁ ଅଧିକ ଓଡ଼ିଶାରେ ଅଛି ଯାହା ଦେଶର ମୋଟ ପରିମାଣର ପ୍ରାୟ ୫୯ ପ୍ରତିଶତ। ଏହା ବିଶ୍ୱର କିଛି ସ୍ଥାନ ମଧ୍ୟରୁ ଗୋଟିଏ ଯେଉଁଠାରେ ଉଚ୍ଚମାନର, ବଡ଼ ପରିମାଣର ଗଚ୍ଛିତ କେନ୍ଦ୍ରିତ କ୍ଷେତ୍ରଗୁଡ଼ିକରେ ରହିଛି। ତଥାପି ଏହି ଗଚ୍ଛିତ ସ୍ଥାନଗୁଡ଼ିକ ଅବ୍ୟବହୃତ ହୋଇ ରହିଛି। ଅନେକ ଖଣି କାର୍ଯ୍ୟକ୍ଷମ ହୋଇନାହିଁ, ଅନେକ ପ୍ରକଳ୍ପ ଦୀର୍ଘ ସମୟ ଧରି କ୍ଲିୟରାନ୍ସରେ ଫସି ରହିଛି, ଏବଂ ରାଜ୍ୟର ଖଣିଜ କ୍ଷେତ୍ରର ଏକ ବଡ଼ ଅଂଶ ସେମାନଙ୍କର ଜାତୀୟ ରଣନୈତିକ ଗୁରୁତ୍ୱ ସତ୍ତ୍ୱେ ବନ୍ଦ ରହିଛି। ଫଳସ୍ୱରୂପ, ଭାରତ ଆମଦାନୀ ହୋଇଥିବା ବକ୍ସାଇଟ୍ କିମ୍ବା ଆଲୁମିନା ଉପରେ ନିର୍ଭର କରିଚାଲିଛି, ଯାହାକି ଦେଶକୁ ବିରଳ-ମୃର୍ତ୍ତିକା କ୍ଷେତ୍ରରେ ଦୁର୍ବଳ କରିଥିବା ନିର୍ଭରତାକୁ ପ୍ରତିଫଳିତ କରେ। ଚୀନର ବିରଳ-ପୃଥିବୀ ଅଭିଜ୍ଞତା ବିଶ୍ୱକୁ ଦେଖାଇଛି ଯେ ସମ୍ପଦର ପ୍ରାଧାନ୍ୟ କିପରି ବିଶ୍ୱ ସ୍ତରରେ ପରିଣତ ହୁଏ। ଭାରତ ଆଲୁମିନିୟମରେ ସମାନ ନିର୍ଭରଶୀଳତା ବହନ କରିପାରିବ ନାହିଁ। ଓଡ଼ିଶାର ବକ୍ସାଇଟ୍ ଖଣି ଖୋଲିବା ଏକ ବିକଳ୍ପ ନୁହେଁ; ଏହା ଏକ ଜାତୀୟ ଜରୁରତା ଅଟେ ବୋଲି " ଉତ୍କଳ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ମଧୁମିତା ଦାସ କହିଛନ୍ତି।

## ରାୟପୁର-ବିଶାଖାପାଟଣା ଆର୍ଥିକ କରିଡର ; ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ

### ୧୬,୪୮୨ କୋଟି ବ୍ୟୟବରାଦ ୨୦୨୬ ଡିସେମ୍ବର ସୁଦ୍ଧା ଶେଷ ହେବ

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନୂଆ ରାୟପୁର-ବିଶାଖାପାଟଣା ଆର୍ଥିକ କରିଡର ନିର୍ମାଣ କରାଯିବ। ୬ ଲେନ୍ ବିଶିଷ୍ଟ ଏହି ଗ୍ରୀନଫିଲ୍ଡ କରିଡର ଛତିଶଗଡ଼, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରିବ। ଏହି କରିଡର ଛତିଶଗଡ଼ର ବନାଞ୍ଚଳ, ଓଡ଼ିଶାର ଖଣିଜ ସମୃଦ୍ଧ କ୍ଷେତ୍ର ଏବଂ ଆନ୍ଧ୍ରପ୍ରଦେଶର ପାର୍ବତ୍ୟାଞ୍ଚଳକୁ ଯୋଗାଯୋଗ ସୁବିଧା ଯୋଗାଇବ। ମୋଟ ୧୬,୪୮୨ କୋଟି ଟଙ୍କା ବ୍ୟୟବରାଦରେ ଏହି କରିଡର ନିର୍ମାଣ କରାଯାଉଛି। ୨୦୨୬ ଡିସେମ୍ବର ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ଏନଏଚ-୨୬ର ବର୍ତ୍ତମାନର ଦୂରତା ୫୯୭ କିଲୋମିଟରରୁ ୪୬୫ କିଲୋମିଟରକୁ ହ୍ରାସ ପାଇବ। ଦୂରତା ପ୍ରାୟ ୧୩୨ କିଲୋମିଟର ହ୍ରାସ ପାଇବ ଏବଂ ସମୟ ପ୍ରାୟ ୭ ଘଣ୍ଟା ସଞ୍ଚୟ ହେବ। ଏହାଫଳରେ ସାଧାରଣ ଜନତାଙ୍କ ଯାତ୍ରା ଏବଂ ମାଲ ପରିବହନକାରୀଙ୍କ ପରିବହନ ଖର୍ଚ୍ଚ ହ୍ରାସ ପାଇବା ସହିତ ଯଥେଷ୍ଟ ଇନ୍ଧନ ସଞ୍ଚୟ ହେବ।

ରାୟପୁର-ବିଶାଖାପାଟଣା ଆର୍ଥିକ କରିଡର ନିର୍ମାଣ ହେବା ପରେ ରାୟପୁର-ବିଶାଖାପାଟଣା କରିଡର ଧମତାରି, କେଶକଲ, କାଙ୍କେର (ଛତିଶଗଡ଼), ବୋରିଗୁମ୍ମା, ନବରଙ୍ଗପୁର, କୋରାପୁଟ (ଓଡିଶା), ଏବଂ ରାମଭଦ୍ରପୁରମ, ଆରାକୁ (ଆନ୍ଧ୍ରପ୍ରଦେଶ) ଭଳି ଆଦିବାସୀ ଏବଂ ଦୁର୍ଗମ ଜିଲ୍ଲାର ସଡ଼କ ଯୋଗାଯୋଗରେ ଏହା ଉଲ୍ଲେଖନୀୟ ଉନ୍ନତି ଆଣିବ। ଏହି ଅଞ୍ଚଳଗୁଡ଼ିକୁ ପ୍ରମୁଖ ବଜାର ଏବଂ ଅତ୍ୟାବଶ୍ୟକ ସେବାର ନିକଟତର କରିବ। ଏହି କରିଡର ସେମାନଙ୍କୁ ମୁଖ୍ୟଧାରାର ଅର୍ଥବ୍ୟବସ୍ଥା ସହ ଅଧିକ ପ୍ରଭାବଶାଳୀ ଭାବରେ ଯୋଡ଼ିବାର ଲକ୍ଷ୍ୟ ରଖିଛି। ନୂତନ ପ୍ରବେଶ-ନିୟନ୍ତ୍ରିତ, ୬-ଲେନ୍ ରାୟପୁର-ବିଶାଖାପାଟଣା ଆର୍ଥିକ କରିଡର ପୁରୁଣା ୨-ଲେନ୍ ଏନଏଚ-୨୬ ରେ ଭିଡ଼କୁ ମଧ୍ୟ କମ କରିବ। ଯାତ୍ରାକୁ ଆରାମଦାୟକ ଏବଂ ସଡ଼କ ସୁରକ୍ଷାକୁ ଉନ୍ନତ କରିବ।

## ଆମାଜନର ଏଭ୍ରିଡେ ଏସେନ୍ସିଆଲରେ ୪୦% ପର୍ଯ୍ୟନ୍ତ ସଞ୍ଚୟ

ଭୁବନେଶ୍ୱର,୭।୧୨ : ଚଳିତ ଶୀତ ଋତୁରେ ଆମାଜନର ଏଭ୍ରିଡେ ଏସେନସିଆଲ୍ସ ଷ୍ଟୋର, ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ଯତ୍ନ, ଗୁରମେଟ୍ କିରାଣା, ବେବିକେୟାର ଏବଂ ପେଟକେୟାର ବର୍ଗରେ ଏକ ବିସ୍ତୃତ ରେଞ୍ଜର ଉତ୍ପାଦ ପ୍ରଦାନ କରୁଛି। ଗ୍ରାହକମାନେ ଏହି ନୂତନ ଷ୍ଟୋରଫ୍ରଣ୍ଟରେ ବେବିଗିଫ୍ଟିଂ ଏବଂ ପ୍ରିମିୟମ୍ ବେବିକେୟାର, ଇମ୍ୟୁନିଟିଏସେନ୍ସିଆଲ୍ସ, ରେସ୍ପିରେଟୋରୀ କେୟାର ଏବଂ କିଡ୍ସ ୱିଣ୍ଟର ହେଲ୍ଥରୁ କ୍ୟୁରେଟେଡ୍ ପସନ୍ଦରୁ ଅନ୍ୱେଷଣ କରିପାରିବେ। ଦ୍ରୁତ ଏବଂ ନିର୍ଭରଯୋଗ୍ୟ ଡେଲିଭରି ସହିତ, ଶୀତକାଳୀନ ଆବଶ୍ୟକୀୟ ଜିନିଷ କିଣିବା ଏବେ ଅଧିକ ସୁବିଧାଜନକ। ଗ୍ରାହକମାନେ ଆମାଜନ୍ ପେ ସହିତ ଅତିରିକ୍ତ ସଂଚୟର ମଜା ନେଇପାରିବେ, ଯେତେବେଳେକି ପ୍ରାଇମ୍ ସଦସ୍ୟମାନେ ଅତିରିକ୍ତ ସୁବିଧା ପାଇଁ ହଜାର ହଜାର ଉତ୍ପାଦ ଉପରେ ସମାନ ଦିନରେ ଡେଲିଭରୀର ଲାଭ ଉଠାଇପାରିବେ।

## ଟିପିସିଓଡିଏଲ୍ ପିଏମ୍ ସୂର୍ଯ୍ୟ ଘର : ମୁଫ୍‌ତ ବିଜିଲି ଯୋଜନା ଷ୍ଟଲରେ ତିନି ଅଲିମ୍ପିଆନ



ଭୁବନେଶ୍ୱର,୭।୧୨(ସମିସ): କଳିଙ୍ଗ ଷ୍ଟାଡିୟମ ପରିସରରେ ଲାଗିଥିବା ଟିପିସିଓଡିଏଲ୍ ପିଏମ୍ ସୂର୍ଯ୍ୟଘର : ମୁଫ୍‌ତ ବିଜିଲି ଯୋଜନା ସମ୍ପର୍କିତ ଷ୍ଟଲ୍‌କୁ ଅଲିମ୍ପିୟାନ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ଟର୍କି, ଶ୍ରାବଣୀ ନନ୍ଦ ଓ ଦୀପଗ୍ରେସ ଏକ୍କା ବୁଲି ଦେଖିବା ସହ ରୁଫଟପ୍ ସୋଲାର ସ୍ଥାପନ ସମ୍ପର୍କରେ ବୁଝିଥିଲେ। ଏହା ଏକ ଭଲ ସ୍କିମ୍ ସମସ୍ତେ ଏହି ଯୋଜନାରେ ସାମିଲ ହୋଇ ନିଜ ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରିବା ସହ ସରକାରଙ୍କ ସବସିଡିର ଲାଭ ଉଠାଇପାରିବେ ବୋଲି ସେମାନେ ମତ ଦେଇଛନ୍ତି। ଏହି ଯୋଜନାକୁ ବ୍ୟାପକ ପ୍ରଚାର ପ୍ରସାର ଦିଗରେ ଟିପିସିଓଡିଏଲର ପ୍ରୟାସକୁ ସେମାନେ ପ୍ରଶଂସା କରିବା ସହ ସମସ୍ତେ ସବୁଜ ଶକ୍ତିର ବ୍ୟବହାର କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ଡକ୍ଟର ହରି ପ୍ରସାଦ ପଟ୍ଟନାୟକ ମଧ୍ୟ ଷ୍ଟଲ୍ ବୁଲିବା ସହ ଏହି ଯୋଜନା ମାଧ୍ୟମରେ କିପରି ସୁଲଭ ମୂଲ୍ୟରେ ଓ ସହଜରେ ନିଜ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରାଯାଇପାରିବ ସେ ବିଷୟରେ ବୁଝିଥିଲେ। ଉପଭୋକ୍ତା ମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସବସିଡିର ଲାଭ ଉଠାଇ ଏହି ଯୋଜନାରେ ସାମିଲ ହୋଇପାରିବେ।

### ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ୍ ଉଦ୍‌ଯାପିତ

# ୪ ବୁଝାମଣାପତ୍ର ସ୍ୱାକ୍ଷରିତ

ପୁରୀ,୭।୧୨(ସମିସ): ପୁରୀରେ ଚାଲିଥିବା ତିନିଦିନିଆ ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ଯୋଗଦେଇ ଥିଲେ ୭୦ ଜଣ ଏନର୍ଜି ଲିଡର। ୨୧ ଜଣ ବୈଷୟିକ ବିଶେଷଜ୍ଞ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଶକ୍ତି କ୍ଷେତ୍ରରେ ବିଭିନ୍ନ ବିଷୟକୁ ନେଇ କରିଥିଲେ ମାନସ ମନ୍ଥନ। ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ଏକ ବିଶ୍ୱସ୍ତରୀୟ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରାଯାଇଥିଲା। ନୀତି ଆୟୋଗ ସିଇଓ ମଧ୍ୟ ଉପସ୍ଥିତି ରହି ପ୍ରତ୍ୟେକ ବର୍ଷ ଏହିଭଳି ସମ୍ମିଳନୀ କରାଯିବା ନେଇ ପରାମର୍ଶ ଦେଇଛନ୍ତି। ତେବେ ସବୁ ରାଜ୍ୟର ଶକ୍ତି ମନ୍ତ୍ରୀଙ୍କ ସହ ଆଲୋଚନା ପରେ ପୁରୀ ସମିଟ୍‌ର ନିର୍ଯ୍ୟାସ ଉପରେ ସମ୍ପୂର୍ଣ୍ଣ ଘୋଷଣା କରାଯିବ। ସମିଟ୍‌ରେ ୭ ରାଜ୍ୟର ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ବେଳେ ବାକି ରାଜ୍ୟ ସହ ଆଲୋଚନା କରି ରିପୋର୍ଟ ପ୍ରସ୍ତୁତ କରାଯିବ। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ଜିରୋ ନେଟ୍ ମିଶନକୁ ସଫଳ କରିବା ପାଇଁ ଓଡ଼ିଶା ତାର ବଡ ଅବଦାନ ରଖିଛି। ବିକଶିତ ଓଡ଼ିଶା ୨୦୩୬ ସନ୍ଦର୍ଭରେ ଗ୍ରୀନ ଏନର୍ଜି ହବ୍ ହେବାକୁ ଯାଉଛି ଓଡ଼ିଶା। ପ୍ରତ୍ୟେକ ବର୍ଷ ଏହି ଆୟୋଜନ କରାଯିବା ସହ ସମସ୍ତ ରାଜ୍ୟରେ ଶକ୍ତି କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ଆଲୋଚନା କରାଯାଇ ନିଷ୍କର୍ଷ ବାହାରିବ। ପ୍ରଥମକରି ଆୟୋଜିତ ଏହି ସମ୍ମିଳନୀରେ ୪ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରରେ ଆଇଆଇଟି ସହଯୋଗରେ ହେବ ସେଣ୍ଟର୍ ଅଫ୍ ଏକ୍ସିଲେନସ୍। ଶକ୍ତି, ଗବେଷଣା ଓ ନୂଆ ଉଦ୍ଭାବନକୁ ନେଇ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ କାର୍ଯ୍ୟ କରିବ। ଭାରତୀୟ ସୌର ଶକ୍ତି ନିଗମ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ, ଓଡ଼ିଶା ସବୁଜ ଶକ୍ତି ବିକାଶ ନିଗମ ଏବଂ ଓଡ଼ିଶା ନବୀକରଣୀୟ ଶକ୍ତି ବିକାଶ ସଂସ୍ଥା ମଧ୍ୟରେ ନବୀକରଣୀୟ-ଶକ୍ତି ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସମନ୍ୱିତ କରିବା ଲାଗି ସ୍ୱାକ୍ଷରିତ ହୋଇଛି। ପୋର୍ଟ ବେସ୍‌ଡ ଏନର୍ଜି ଉପରେ ଗୁରୁତ୍ୱ ଦିଆଯିବା ସହ ପବନରୁ ଶକ୍ତି ଉତ୍ପାଦିତ ହେବା ଉପରେ ମଧ୍ୟ ଫୋକସ ଦିଆଯାଇଛି। ବିଗତ ଦିନରେ ରକ୍ଷଣା ବେକ୍ଷଣ ଅଭାବରୁ ପୁରୀରେ ଥିବା ୧୧ଟି ପବନ ଚାଳିତ ପଙ୍ଖା ଖରାପ ହୋଇଛି। କୋରାପୁଟ, ନବରଙ୍ଗପୁର ଭଳି ଜାଗାରେ ମଧ୍ୟ ପବନ ଚାଳିତ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱ ଦିଆଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ଅବସରରେ ସୂଚନା ଦେଇଛନ୍ତି।




### ଲୋକାଲସର୍କଲ୍ସ ସର୍ଭେ ରିପୋର୍ଟ; ପ୍ରତି ୧୦ରୁ ୪ଟି ପରିବାର କରୁଛନ୍ତି ଜଙ୍କଫୁଡ୍ ଅର୍ଡର

# କ୍ୱିକ୍ କମର୍ସ ଆପ୍‌ରେ ୩୯% ପରିବାର ମଗାଉଛନ୍ତି ଜଙ୍କଫୁଡ୍

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ଦେଶର ସହରାଞ୍ଚଳରେ ଜଙ୍କ୍ ଫୁଡ୍ କ୍ରମଶଃ ଲୋକପ୍ରିୟ ହେବାରେ ଲାଗିଛି। ପ୍ରାୟ ୩୯% ପରିବାର ଏମିତି ରହିଛନ୍ତି ଯେଉଁମାନେ କି ନିୟମିତ ଭାବରେ କ୍ୱିକ୍ କମର୍ସ ଆପ୍‌ରୁ ମୃଦୁ ପାନୀୟ(ସଫ୍ଟ ଡ୍ରିଙ୍କ୍ସ), ବିସ୍କୁଟ, ଚିପ୍ସ ଏବଂ ନୁଡୁଲ୍ସ ଭଳି ଜିନିଷ କିଣୁଛନ୍ତି। ଲୋକେ ଏତେମାତ୍ରାରେ ଜଙ୍କଫୁଡ୍ (ତେଲ ମସଲା ଲୁଣି ଚଟପଟା ଖାଦ୍ୟ) କିଣୁଛନ୍ତି, ଯାହା ରୋଗ ସୃଷ୍ଟି କରିବାର ମୁଖ୍ୟ କାରଣ ହେଉଛି। ଅର୍ଥାତ୍ ପ୍ରତି ୧୦ରୁ ୪ଟି ପରିବାର ଜଙ୍କଫୁଡ୍ ଅର୍ଡର କରୁଛନ୍ତି। ତେବେ ବଡ଼ କଥା ହେଉଛି ଏହି ଖାଦ୍ୟ ଅର୍ଡର କରୁଥିବା ଲୋକଙ୍କ ମଧ୍ୟରେ ପିଲା ଏବଂ ଯୁବକଙ୍କ ସଂଖ୍ୟା ସର୍ବାଧିକ ରହିଛନ୍ତି। ବିଶେଷ କରି ଜେନ୍-ଜିଙ୍କୁ ଏହା ବେଶି ଆକୃଷ୍ଟ କରୁଛି, ଯାହା ଏମାନଙ୍କ ମଧ୍ୟରେ ମୋଟାପଣ, ମଧୁମେହ ଏବଂ ହୃଦରୋଗ ପରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିବା ଲୋକାଲ ସର୍କଲ୍ସ ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟରେ ଏହା କୁହାଯାଇଛି।

କ୍ୱିକ୍ କମର୍ସ ପ୍ଲାଟଫର୍ମରେ ବିକ୍ରି ହେଉଥିବା ଅଧାରୁ ଅଧିକ ପ୍ୟାକେଜ୍ ହୋଇଥିବା ଖାଦ୍ୟ ସାମଗ୍ରୀରେ ହାଇ ଫ୍ୟାଟ୍(ଉଚ୍ଚ ଚର୍ବିଯୁକ୍ତ), ସୁଗାର(ଶର୍କରା) ଏବଂ ସଲ୍ଟ(ଲବଣ) କିମ୍ବା ଅଲ୍ଟ୍ରା-ପ୍ରୋସେସ୍ଡ ଫୁଡ୍ ଅଧିକ ମାତ୍ରାରେ ରହୁଛି। କୋଭିଡ-୧୯ ପରଠାରୁ ଅଲ୍ଟ୍ରା-ପ୍ରୋସେସ୍ଡ ଫୁଡର ବିକ୍ରି ମୂଲ୍ୟ ୧୦%ରୁ ଅଧିକ ବୃଦ୍ଧି ପାଇଛି। ପିଲାଙ୍କଠାରୁ ଆରମ୍ଭ କରି ଯୁବବର୍ଗଙ୍କର ଏହିସବୁ ଜିନିଷପ୍ରତି ଆଗ୍ରହ ପରିବାର ଲୋକଙ୍କୁ ଚିନ୍ତାରେ ପକାଇଛି। ସର୍ଭେରେ ପ୍ରତି ୧୦ ଜଣ ମଧ୍ୟରୁ ୯ ଜଣ ଅଭିଭାବକ ଜଙ୍କଫୁଡ୍ ଉପରେ ରେଡ୍ ୱାର୍ଣ୍ଣିଂ ଲଗାଇବାକୁ ଦାବି କରିଛନ୍ତି। ଯାହା ଦ୍ୱାରା ପିଲାମାନେ ସ୍ୱାସ୍ଥ୍ୟ ପାଇଁ କ'ଣ କ୍ଷତିକାରକ ତାହା ବୁଝିପାରିବେ। ତେବେ ବର୍ତ୍ତମାନ ଅଧିକାଂଶ ଆପ୍ ଏସବୁ ସାମଗ୍ରୀ ଉପରେ ଏପରି ସୂଚନା ଦେଉ ନାହାନ୍ତି। ଏହି ପ୍ଲାଟଫର୍ମଗୁଡ଼ିକରେ ବିକ୍ରି ହେଉଥିବା ପ୍ରତି ଦୁଇଟି ଜିନିଷ ମଧ୍ୟରୁ ଗୋଟିଏରେ ଜଙ୍କ୍ କିମ୍ବା ଏଚଏଫଏସଏସ ଯୁକ୍ତ ଖାଦ୍ୟ ରହୁଛି। ଏହି ଜିନିଷଗୁଡ଼ିକ ପିଲାମାନେ ପ୍ରାୟତଃ ଅର୍ଡର କରିଥାନ୍ତି। ଏଥିରେ ବିସ୍କୁଟ, ଥଣ୍ଡା ପାନୀୟ, ଚିପ୍ସ, ନୁଡୁଲ୍ସ, ଚକୋଲେଟ ଏବଂ ଆଇସକ୍ରିମ ଭଳି ସାମଗ୍ରୀ ସାମିଲ। ସବୁଠାରୁ ବଡ଼ କଥା ହେଉଛି ଅନଲାଇନ୍ ପ୍ଲାଟଫର୍ମରେ ପ୍ରଚୁର ବିକଳ୍ପ ରହୁଥିବାରୁ ପିଲାମାନଙ୍କ ପାଇଁ ଏସବୁ ଦୂରେଇ ରହିବା କଷ୍ଟକର ହୋଇପଡୁଛି। ତେଣୁ ଲୋଭରେ ପଡ଼ି ସେମାନେ ଏସବୁ ଖାଦ୍ୟ ମଗାଉଛନ୍ତି।



୨୦୨୪ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଦେଶର ୨୭୭ଟି ଜିଲ୍ଲାରେ ୪୨,୦୦୦ ରୁ ଅଧିକ ଲୋକଙ୍କ ଉପରେ ଲୋକାଲସର୍କଲ୍ସ ସର୍ଭେ କରିଥିଲା। ଏଥିମଧ୍ୟରୁ ୩୯% ଅଭିଭାବକ କହିଛନ୍ତି ଯେ ସେମାନଙ୍କ ପିଲାମାନେ ନିୟମିତ ଭାବରେ ଏହି ଆପ୍ସରୁ ଜଙ୍କଫୁଡ୍ ଅର୍ଡର କରୁଛନ୍ତି। ଗତ ବର୍ଷ, ଆଇସିଏମ୍ଆର୍ ଏବଂ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ନ୍ୟୁଟ୍ରିସନ୍(ଏନ୍ଆଇଏନ୍) ଏଭଳି ଖାଦ୍ୟ ନେଇ ଚିନ୍ତା ପ୍ରକଟ କରିଥିଲା। ସଂସ୍ଥା ସ୍ପଷ୍ଟ ଭାବରେ କହିଥିଲା ଯେ ଅଲ୍ଟ୍ରା ପ୍ରୋସେସଡ ଫୁଡ୍‌ରେ ଫାଇବର ଏବଂ ପୋଷକ ତତ୍ତ୍ୱ କମ୍ ଥାଏ, କିନ୍ତୁ ଶର୍କରା, ଲବଣ ଏବଂ ତେଲର ମାତ୍ରା ଅଧିକ ଥାଏ। ଏଗୁଡ଼ିକର ସ୍ୱାଦ ଖୁବ୍ ଚଟପଟା ଓ ସାରା ଦେଶରେ ସହଜରେ ମିଳିଯାଉଛି। ତେଣୁ ଲୋକମାନେ ଏହାକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରୁଛନ୍ତି। ଅର୍ଥନୈତିକ ସର୍ଭେରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଅସ୍ୱାସ୍ଥ୍ୟକର ଖାଦ୍ୟ ଭାରତର ୫୬% ରୁ ଅଧିକ ରୋଗର ମୂଳ କାରଣ। ଯେଉଁଥିରେ ଜଙ୍କଫୁଡ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

## ଟ୍ରମ୍ପଙ୍କ ନାଁରେ ରାସ୍ତାର ନାମକରଣ କରିବ ଭାରତ !

ହାଇଦ୍ରାବାଦ,୭।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯେବେଠାରୁ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ହୋଇଛନ୍ତି ସେବେଠାରୁ ଭାରତ ଉପରେ ଚାପ ପକାଇ ଆସୁଛନ୍ତି। ରାଗ ସୁଝାଇବାକୁ ଯାଇ ଅନ୍ୟ ଦେଶ ଅପେକ୍ଷା ଭାରତ ଉପରେ ଲଗାଇଛନ୍ତି ଅଧିକ ଟାରିଫ୍ ବା ବାଣିଜ୍ୟ ଶୁଳ୍କ। ତଥାପି ଭାରତ ସରକାର ଆମେରିକା ବିରୁଦ୍ଧରେ ନା କୌଣସି କଡ଼ା ମନ୍ତବ୍ୟ ଦେଉଛନ୍ତି ନା ଟାରିଫ୍‌ରେ ପ୍ରତି ଜବାବ ଦେଉଛନ୍ତି। ତେଲେଙ୍ଗାନା ସରକାର ରାଜ୍ୟରେ ଥିବା ଆମେରିକୀୟ କନସୁଲେଟ୍ ଜେନେରାଲର ରାସ୍ତାକୁ ଡୋନାଲ୍ଡ ଟ୍ରମ୍ପଙ୍କ ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ହାଇଦ୍ରାବାଦରେ ଥିବା ୟୁନାଇଟେଡ୍ ଷ୍ଟେଟ୍ସ କନସୁଲେଟ୍ ଜେନେରାଲ୍ ନିକଟରେ ଥିବା ହାଇ-ପ୍ରୋଫାଇଲ୍ ରାସ୍ତାକୁ ଏବେ ଡୋନାଲ୍ଡ ଟ୍ରମ୍ପ୍ ଆଭେନ୍ୟୁ ବୋଲି କୁହାଯିବ।

ଏ ନେଇ ତେଲେଙ୍ଗାନା ସରକାର ପ୍ରଥମେ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ଏବଂ ଆମେରିକୀୟ ଦୂତାବାସକୁ ଚିଠି ଲେଖି ଯୋଜନା ବିଷୟରେ ଅବଗତ କରିବେ। ତା ପରେ ପ୍ରକ୍ରିୟା ଅନୁସାରେ ଏସବୁ କାମ ହେବ। ଚଳିତ ବର୍ଷ ପ୍ରାରମ୍ଭରେ, ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଦିଲ୍ଲୀରେ ବାର୍ଷିକ ଆମେରିକା-ଭାରତ ରଣନୈତିକ ସହଭାଗୀତା ମଞ୍ଚ ସମ୍ମିଳନୀକୁ ସମ୍ବୋଧିତ କରିବା ସମୟର, ପ୍ରମୁଖ ବିଶ୍ୱସ୍ତରୀୟ କର୍ପୋରେସନମାନଙ୍କ ନାମରେ ହାଇଦ୍ରାବାଦର ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡ଼ିକର ନାମକରଣ କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରକୃତରେ ତେଲେଙ୍ଗାନା ସରକାର ରାଜ୍ୟର ଅନେକ ରାସ୍ତାର ନାମକରଣ ଏବଂ ପୁନଃନାମକରଣ ଅନେକ ପ୍ରସିଦ୍ଧ ବ୍ୟକ୍ତିତ୍ୱ ଓ ସଂସ୍ଥାଙ୍କ ନାଁରେ କରିବାକୁ ଯୋଜନା ରଖିଛନ୍ତି। ରାଜ୍ୟ ସରକାର ଏହି ପ୍ରସ୍ତାବ ସେଇ ଯୋଜନାରେ ଏକ ଅଂଶ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଅଟକିଥିବା କାର୍ଯ୍ୟ ପୂରା ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଭବିଷ୍ୟତ ପାଇଁ ଯୋଜନା କରିପାରନ୍ତି।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ପାରିବାରିକ ମାହୋଲ ସୁଖଦ ଓ ଶାନ୍ତିପୂର୍ଣ୍ଣ ହେବ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୨୩- ଜର୍ମାନୀ ଓ ଆମେରିକା ମିତ୍ରତା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୩୫- ବଲିଉଡ୍ ଅଭିନେତା ଧର୍ମେନ୍ଦ୍ରଙ୍କ ଜନ୍ମ।
- ୧୯୪୧- ଆମେରିକା ଓ ବ୍ରିଟେନ ଜାପାନ ବିରୋଧରେ ଯୁଦ୍ଧ ଘୋଷଣା କଲେ।
- ୧୯୭୬- ଆମେରିକାର ନେଭାଡାରେ ପରମାଣୁ ପରୀକ୍ଷା କରାଗଲା।
- ୨୦୦୪- ପାକିସ୍ତାନ ସାହିନ୍-୧ ମିସାଇଲ୍‌ର ସଫଳ ପରୀକ୍ଷା କଲା।
- ୨୦୦୯- ଇରାକରେ ବାଗଦାଦରେ ହୋଇଥିବା ବୋମା ବିସ୍ଫୋରଣରେ ୧୨୭ ଲୋକଙ୍କ ପ୍ରାଣହାନି।



## ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍

ବଜାରରେ ଆସବାବପତ୍ର, ଫୋନ, ଗାଡ଼ି, ପୋଷାକ ଆଦି ଅନେକ ସେକେଣ୍ଡ ହ୍ୟାଣ୍ଡ ଜିନିଷ ମିଳିଥାଏ। ହେଲେ ସେକେଣ୍ଡ ହ୍ୟାଣ୍ଡ ଖାଦ୍ୟ କଥା ଶୁଣି ଅନେକ ଆଚମ୍ବିତ ହୋଇପାରନ୍ତି। ଏମିତି ଏକ ସ୍ଥାନ ଅଛି, ଯେଉଁଠି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍ ମିଳିଥାଏ। ପଗ୍‌ପଗ୍ ବା ସେକେଣ୍ଡହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍ ନାମରେ ପରିଚିତ ଏହି ବ୍ୟଞ୍ଜନ ଫିଲିପାଇନ୍ସର ବସ୍ତିଗୁଡ଼ିକରେ ଦଶନ୍ଧି ଦଶନ୍ଧି ଧରି ଲୋକପ୍ରିୟ ଖାଦ୍ୟ ଭାବେ ପ୍ରସିଦ୍ଧି ଲାଭ କରିଛି। ଚୀନ୍‌ର ଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ବାଓଜୋ ବ୍ରଦର୍ ନିକଟରେ ଏହାକୁ ଚାଖିବା ପରେ ସେ ଏହି ଡିସ୍‌ର ଭିଡିଓ କରି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଫିଲିପାଇନ୍ସର ଧନୀ ଲୋକେ ଖାଦ୍ୟ ଖାଇ ସାରିବା ପରେ ଯେଉଁ ଚିକେନ୍ ବଳକା ରହିଯାଏ, ତାକୁ ସଫା କରି ସେଥିରେ ମସଲା ଲେପ ଦେଇ ଡିପ୍ ଫ୍ରାଏ କରି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ ଚିକେନ୍ ଭାବେ ବିକ୍ରି କରାଯାଏ। ଗରିବଶ୍ରେଣୀର ଲୋକଙ୍କ ପାଇଁ ପ୍ରୋଟିନ୍‌ର ଏହା ଏକ ଶସ୍ତା ଉତ୍ସ। ୧୯୬୦ରେ ଫିଲିପାଇନ୍ସ ଯେତେବେଳେ ଅତ୍ୟଧିକ ଋଣ ସଙ୍କଟ, ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲା ସେତେବେଳେ ଏଇ ଡିସ୍‌ର ଆରମ୍ଭ ହୋଇଥିଲା। ଗ୍ରାମାଞ୍ଚଳରେ ରହୁଥିବା ଲୋକେ କାର୍ଯ୍ୟ ସନ୍ଧାନରେ ସହରକୁ ପଳାଇଲେ। ସହରରେ ସେମାନେ ବଳକା ଖାଦ୍ୟ ଓ ଫିଙ୍ଗା ଯାଉଥିବା ଖାଦ୍ୟ ସନ୍ଧାନରେ ରହିଲେ। ଏହା ପରବର୍ତ୍ତୀ ସମୟରେ ପଗ୍‌ପଗ୍ ରୂପ ନେଇଥିଲା। ଏହାକୁ ପ୍ରସ୍ତୁତ କରିବା ପାଇଁ ସଂଗ୍ରହକାରୀମାନେ ଭୋରରୁ ଉଠି ଡଷ୍ଟବିନ୍‌ଗୁଡ଼ିକରୁ ଡବା ବନ୍ଦ ହୋଇ ପଡ଼ିଥିବା ଚିକେନ୍ ଆଣି ଏହାକୁ ପ୍ରସ୍ତୁତ କରୁଥିବା ଲୋକଙ୍କୁ ବିକ୍ରି କରି ଦିଅନ୍ତି। ଏହାକୁ ସେମାନେ ସଫା କରି ଏଥିରେ ବିଭିନ୍ନ ମସଲା ମିଶାଇ ଏହାକୁ ପୁଣି ଥରେ ଫ୍ରାଏ କରି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ ଭାବେ ବିକ୍ରି କରିଥାନ୍ତି। ଭାରତୀୟ ମୁଦ୍ରାରେ ଏହାର ଦାମ୍ ୨୦ରୁ ୩୦ଟଙ୍କା ମଧ୍ୟରେ ହୋଇଥାଏ। ବାଓଜୋ ଏହି ଭିଡିଓକୁ ପୋଷ୍ଟ କରି କହିଛନ୍ତି, 'ଏହା ଦୁନିଆର ଅସାମନତା। ଧନୀ ଲୋକମାନେ ଯାହାକୁ ଖାଇ ନ ପାରି ଫୋପାଡ଼ି ଦେଉଛନ୍ତି ଗରିବ ଲୋକଙ୍କ ପାଇଁ ତାହା ଆବଶ୍ୟକତା ପାଲଟି ଯାଉଛି।'

## ୱାଶିଂ ମେସିନ୍ କରୁଛି ଏମିତି କାମ

ସାମାଜିକ ଗଣମାଧ୍ୟମରେ ଅନେକ ଫଟୋ, ଭିଡିଓ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଚୀନ୍‌ର ଏକ ନିଆରା ୱାଶିଂ ମେସିନ୍‌ର ଭିଡିଓ ଭାଇରାଲ ହୋଇଛି। ଏହା ବିଶ୍ୱର ପ୍ରଥମ ତିନୋଟି ଡ୍ରମ୍ ଯୁକ୍ତ ୱାଶିଂ ମେସିନ୍। ସବୁଠୁ ବଡ଼ କଥା ହେଲା, ଏଥିରେ ମୋଜା, ଅନ୍ତଃବସ୍ତ୍ର ଧୋଇବା ପାଇଁ ଅଲଗା ବ୍ୟବସ୍ଥା ରହିଛି। ଏହି ୱାଶିଂ ମେସିନ୍‌କୁ ନେଇ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ଭାଇରାଲ ହେଉଛି। ଭାଇରାଲ ହୋଇଥିବା ଭିଡିଓରେ ଜଣେ ମହିଳା ତାଙ୍କର ୱାଶିଂ ମେସିନ୍‌କୁ ଦେଖାଇଛନ୍ତି। ଏଥିରେ ସେ କହିଛନ୍ତି, ଚୀନ୍‌ରେ ୱାଶିଂ ମେସିନ୍ ଏପରି ହୋଇଥାଏ। ଆମେ ଚୀନ୍ ଲୋକ ବିଶ୍ୱାସ କରୁ, ଅନ୍ତଃବସ୍ତ୍ର ଓ ମୋଜା ଆଦିକୁ ସାଧାରଣ ପୋଷାକ ସହ ମିଶାଇ ଧୋଇବା ଉଚିତ ନୁହେଁ। ଏଗୁଡ଼ିକୁ ଅଲଗା ଧୋଇବା ଉଚିତ। ଲିଡର ଥ୍ରୀ ଟବ୍ ନାମରେ ପରିଚିତ ଏହି ୱାଶିଂ ମେସିନ୍ ହାୟର କମ୍ପାନିର ବୋଲି ଜଣାପଡ଼ିଛି। ଏହାକୁ ବିଶ୍ୱର ପ୍ରଥମ ତିନି ଡ୍ରମ୍ ବିଶିଷ୍ଟ ୱାଶିଂ ମେସିନ୍ କୁହାଯାଉଛି। କମ୍ପାନି ଏହାକୁ ଏପରି ଡିଜାଇନ୍ କରିଛି, ତିନୋଟି ଡ୍ରମ୍‌ର ପାଣି କିମ୍ବା ସର୍ଫ ପରସ୍ପର ସହ ଯେମିତି ମିଶିବନି। ହାୟର୍ ଲିଡର୍ ୱାଶିଂ ମେସିନ୍ ମିନିଟକରେ ୧୪୦୦ ଥର ଘୂରିଥାଏ। ଏଥିସହ ଏଥିରେ ପୋଷାକ ମଧ୍ୟ ଶୀଘ୍ର ଶୁଖିଥାଏ। ଏହି ମେସିନ୍‌କୁ ଚଳାଇବା ପାଇଁ ୧୮୫୦ ୱାଟର୍ ବିଦ୍ୟୁତ୍ ବ୍ୟବହାର କରିଥାଏ। ଚୀନ୍‌ରେ ଏହାର ମୂଲ୍ୟ ୬୧,୧୧୫ ଟଙ୍କା ରହିଛି। ଏବେ ଏହା କେବଳ ଚୀନ୍‌ରେ ବିକ୍ରି ହେଉଛି।





## 'କଲ୍‌କୀ ୨'

## ଦୀପିକାଙ୍କ ସ୍ଥାନ ନେବେ ପ୍ରିୟଙ୍କା !

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଫିଲ୍ମ 'କଲ୍‌କୀ ୨୮୯୮ ଏଡି'ର ସିକ୍ୱେଲକୁ ଏବେ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଅବଶ୍ୟ ଏହି ଫିଲ୍ମରୁ ଦୀପିକା ପାଦୁ୍ୟକୋନ୍ ବାଦ୍ ପଡ଼ିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଦୀପିକାଙ୍କ କେତେକ ସର୍ତ୍ତ ପାଇଁ ସେ ଏହି ଫିଲ୍ମରୁ ଓହରି ଯାଇଥିଲେ। ତେବେ ଦୀପିକା ଏଥିରୁ ବାଦ୍ ପଡ଼ିବା ପରେ ଫିଲ୍ମ ନିର୍ମାତା ତାଙ୍କ ଭଳି ଜଣେ ଆଗଧାଡ଼ିର ନାୟିକା ସନ୍ଧାନରେ ଥିଲେ। ଏହା ଏକ ବିଗ୍ ବଜେଟ୍‌ର ଫିଲ୍ମ ହୋଇଥିବାରୁ ଦୀପିକାଙ୍କ ସ୍ଥାନ ଆଲିଆ ଭଟ୍ଟ, ସାଇ ପଲ୍ଲବୀ କିମ୍ବା ଅନୁଷ୍କା ସେଟ୍ଟୀ ନେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ସେହିଭଳି ଦର୍ଶକେ ପ୍ରଭାସ-ଅନୁଷ୍କାଙ୍କ ଯୋଡ଼ିକୁ ପସନ୍ଦ କରୁଥିବାରୁ ସେ ଏଥିରେ ସ୍ଥାନ ପାଇ ପାରନ୍ତି ବୋଲି ଅନୁମାନ କରାଯାଉଥିଲା। ଏବେ ଦୀପିକାଙ୍କ ସ୍ଥାନ ପ୍ରିୟଙ୍କା ଚୋପ୍ରା ନେବେ ବୋଲି ଜଣାପଡ଼ିଛି। ନିର୍ଦ୍ଦେଶକ ନାଗ ଅଶ୍ୱିନ୍ ପ୍ରଭାସଙ୍କ ବିପକ୍ଷରେ ଏପରି ଜଣେ ଅଭିନେତ୍ରୀ ଚାହୁଁଥିଲେ ଯିଏ କି ତାଙ୍କ ଷ୍ଟାର୍ ପାୱାର୍‌କୁ ମ୍ୟାଚ୍ କରୁଥିବ। ଏଥିପାଇଁ ସେ ପ୍ରିୟଙ୍କାକୁ ବାଛିଥିବା ଜଣାପଡ଼ିଛି। ଏହାବାଦ୍ ପ୍ରିୟଙ୍କା ଗ୍ଲୋବାଲ ଷ୍ଟାର୍ ହୋଇଥିବାରୁ 'କଲ୍‌କୀ ୨' ପାଇଁ ସେ ଭଲ ବିକଳ୍ପ ହେବେ ବୋଲି ନାଗ ଅଶ୍ୱିନ୍ ଭାବୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ପ୍ରିୟଙ୍କା ଏବେ ମହେଶ ବାବୁଙ୍କ 'ବାରାଣସୀ' ଫିଲ୍ମରେ କାମ କରୁଛନ୍ତି। ଏହାକୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏହାର ପ୍ରଭାବ ଯୋଗୁଁ 'କଲ୍‌କୀ ୨' ପାଇଁ ପ୍ରିୟଙ୍କାଙ୍କୁ ଅଫର୍ ଦିଆଯାଇଥିବା କୁହାଯାଉଛି। ତେବେ ପ୍ରିୟଙ୍କା ଏଥିରେ କାମ କରିବା ପାଇଁ ରାଜି ଅଛନ୍ତି କି ନାହିଁ ତାହା ଜଣାପଡ଼ିନାହିଁ।



## ପୌଷ ମାସର ମହତ୍ତ୍ୱ

**ମାର୍ଗଶିର ପୂର୍ଣ୍ଣିମା ଶେଷ ପରେ ଆରମ୍ଭ ହୋଇଛି ପୌଷ ମାସ। ଧାର୍ମିକ ଦୃଷ୍ଟିରୁ ଏହି ମାସ ଖୁବ୍ ଗୁରୁତ୍ୱ ବହନ କରେ। ଏହି ମାସ ଭଗବାନ ସୂର୍ଯ୍ୟ ଏବଂ ଭଗବାନ ବିଷ୍ଣୁ ପୂଜା ଲାଗି ବିଶେଷ ମହତ୍ତ୍ୱ ରଖେ।**

ହିନ୍ଦୁ ଧର୍ମରେ ପୌଷ ମାସର ବିଶେଷ ମହତ୍ତ୍ୱ ଅଛି। ଧାର୍ମିକ ମାନ୍ୟତା ଅଛି, ପୌଷ ମାସରେ ଆରାଧନା, ଦାନ, ପୁଣ୍ୟ ଏବଂ ବ୍ରତ କରିବା ଦ୍ୱାରା ଧନଧାନ୍ୟ, ଐଶ୍ୱର୍ଯ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତ ହୁଏ। ଏହାବାଦ୍ ପ୍ରତିଦିନ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା କ୍ୟାରିୟରରେ ଉନ୍ନତି, ମାନସିକ ଶାନ୍ତିର ବରଦାନ ମିଳିଥାଏ।

ତେବେ ଏହି ମାସରେ କିଛି କଥା ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ଅଛି। ଏହି ମାସରେ ଆମିଷ ଓ ମାଦକ ଦ୍ରବ୍ୟ ସେବନ କରିବା ଅନୁଚିତ। ସେହିପରି ପୌଷ ମାସରୁ ଖର ମାସ ବି ଆରମ୍ଭ ହୁଏ। ଏହି ସମୟରେ ଶୁଭକାର୍ଯ୍ୟ କରିବାକୁ ମନା କରାଯାଏ। ତେଣୁ ଏହି ମାସରେ ବିବାହ, ମୁଣ୍ଡନ, ଗୃହପ୍ରବେଶ ଭଳି ଶୁଭକାର୍ଯ୍ୟ କରାଯାଏ ନାହିଁ।

ଉକ୍ତ ମାସରେ ସୂର୍ଯ୍ୟ ପୂଜାର ମହତ୍ତ୍ୱ ବେଶି। ପୌଷ ମାସରେ ପଡୁଥିବା ଅମାବାସ୍ୟା, ସଂକ୍ରାନ୍ତି, ପୂର୍ଣ୍ଣିମା, ଏକାଦଶୀରେ ସୂର୍ଯ୍ୟ ପୂଜା ଲାଗି ଉତ୍ତମ। ସେହିପରି ଏହିମାସରେ ପ୍ରତିଦିନ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଉଚିତ। ତା'ସହ ସୂର୍ଯ୍ୟମନ୍ତ୍ର ଜପ କରିବା ଶୁଭ। ଏଭଳି କରିବା ଦ୍ୱାରା ସ୍ୱାସ୍ଥ୍ୟ, ସୁଖ ଏବଂ ସମୃଦ୍ଧି ବୃଦ୍ଧି ପାଏ ଏବଂ ଜୀବନରେ ସକାରାତ୍ମକ ଶକ୍ତି ବଜାୟ ରହେ।

## ସ୍ତୁତି



## ନାମ ଜପ କରୁଥିଲେ...

**ନାମ ଜପ ସବୁ ସମୟରେ ସବୁ ସ୍ଥାନରେ କରାଯାଇପାରିବ। ହେଲେ ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଳି ବୈଦିକ ମନ୍ତ୍ର ଶୁଦ୍ଧ ଆସନ ଏବଂ ଉଚିତ ନିୟମ ଆବଶ୍ୟକ କରେ। ତେବେ ଖଟ ଉପରେ ବସି ମନ୍ତ୍ର ଜପ କରିବା ଠିକ୍ ନା ଭୁଲ୍, ଜାଣିବା ସେ ସମ୍ପର୍କରେ...।**

ଭାରତୀୟ ଆଧ୍ୟାତ୍ମିକ ପରମ୍ପରାରେ ନାମ ତଥା ମନ୍ତ୍ର ଜପକୁ ମୂଳ ବୋଲି କୁହାଯାଏ। ଏହା କେବଳ ମନକୁ ଶାନ୍ତ କରି ନ ଥାଏ, ବରଂ ଆଧ୍ୟାତ୍ମିକ ଶକ୍ତି ଏବଂ ଏକାଗ୍ରତା ବୃଦ୍ଧିରେ ସାହାଯ୍ୟ କରେ। ରାମ-ରାମ, ରାଧା-କୃଷ୍ଣ, ଶିବ-ଶିବ, ହରେ କୃଷ୍ଣ ଆଦି ନାମ ଜପକୁ ଯେକୌଣସି ସ୍ଥାନ ଓ ସମୟରେ କରାଯାଇପାରିବ। ଶାସ୍ତ୍ର ଓ ସନ୍ଥଙ୍କ ଅନୁସାରେ, ଭଗବାନ ନାମ ଜପରେ କୌଣସି ଶୁଦ୍ଧି ବାଧ୍ୟତାମୂଳକ ନୁହେଁ। ଥକ୍କାପଣ, ରୋଗ, ଆରାମ, ଯାତ୍ରା ଆଦି ସ୍ଥିତିରେ ନାମ ଜପ ପୂର୍ଣ୍ଣ ଫଳ ପ୍ରଦାନ କରେ। ଆଳସ୍ୟ ଯୋଗୁଁ ଖଟ ଉପରେ ବସି ନାମ ଜପ କରିବା ଠିକ୍ ନୁହେଁ। ହେଲେ ସକାଳୁ ଆସନ ଉପରେ ବସି ନାମ ଜପ କରିବା ଅଧିକ ପ୍ରଭାବଶାଳୀ ହୋଇଥାଏ।

ତେବେ ମାନସିକ ରୂପରେ ଅସ୍ଥିର ଥିଲେ, ଚିଡଚିଡା କିମ୍ବା ଅତି ଥକ୍କା ଅନୁଭବ କରୁଥିଲେ, ନାମ ଜପ ପ୍ରଭାବଶାଳୀ ହୁଏ ନାହିଁ। ସେହିପରି ନାମ ଜପ ବେଳେ ନିଦ ଲାଗୁଥିଲେ ଧ୍ୟାନ କେନ୍ଦ୍ରିତ ହୁଏ ନାହିଁ। ଫଳରେ ନାମ ଜପା ଅଧୁରା ରହିବାର ଆଶଙ୍କା ବୃଦ୍ଧି ପାଏ। ଅନ୍ୟପଟେ ନାମ ଜପ ଭାବ ଆଧାରିତ ହୋଇଥିବା ବେଳେ ମନ୍ତ୍ର ଜପ ଶକ୍ତି ଆଧାରିତ ହୋଇଥାଏ। ଏଥିରେ ଉଚ୍ଚାରଣ, ଆସନ, ଦିଗ ଓ ଶୁଦ୍ଧି ପାଳନ କରିବା ଜରୁରି।

## ଉପହାରରେ କେଉଁ ଜିନିଷ ଦେବେ ନାହିଁ

ବାସ୍ତୁ ଶାସ୍ତ୍ର ଅନୁସାରେ, ଉପହାର ଦେବା ସମୟରେ କୌଣସି ଜିନିଷର କେବଳ ସୁନ୍ଦରତା କି ଉପଯୋଗିତା ନୁହେଁ, ବରଂ ତାହାର ପ୍ରଭାବକୁ ମଧ୍ୟ ଦୃଷ୍ଟିରେ ରଖିବା ଉଚିତ। ବେଳେବେଳେ ଅଜାଣତରେ ଦିଆଯାଉଥିବା ଉପହାର ଅବସାଦ, ଆର୍ଥିକ କ୍ଷତି ଏବଂ ମାନସିକ ଅସ୍ଥିରତାର କାରଣ ହୋଇପାରେ। ବାସ୍ତୁ ଅନୁସାରେ, କେଉଁ ଉପହାର ଦେବା ଅନୁଚିତ, ସେ ସମ୍ପର୍କରେ ଜାଣିବା।



**ଧାରୁଆ ଜିନିଷ:** ବାସ୍ତୁ ଶାସ୍ତ୍ର ଅନୁସାରେ, କାହାକୁ ଛୁରି, କଇଁଚି ଭଳି ଧାରୁଆ ବା ତୀକ୍ଷ୍ଣ ଜିନିଷ ଦେବାକୁ ହାନିକାରକ ବୋଲି କୁହାଯାଇଛି। କୁହାଯାଏ, ଏହି ଜିନିଷ ଦେବା ଦ୍ୱାରା ସମ୍ପର୍କରେ ଦୂରତ୍ୱ ସୃଷ୍ଟି ହୁଏ।

**ପର୍ସ:** ପର୍ସ ଆକର୍ଷଣୀୟ ଓ ଉପଯୋଗୀ ଉପହାର ଲାଗିଲେ ବି ବାସ୍ତୁ ମାନ୍ୟତା ଅନୁସାରେ, ଏହାକୁ ଉପହାରରେ ଦେବା ଅଶୁଭ। ଏହା ଦ୍ୱାରା ଉପହାର ଦେବା ବ୍ୟକ୍ତି ଓ ପାଇବା ବ୍ୟକ୍ତି ଉଭୟଙ୍କର ଆର୍ଥିକ ସ୍ଥିତି ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଏହା ସହ ସମ୍ପର୍କରେ ଫାଟ ମଧ୍ୟ ସୃଷ୍ଟି ହୋଇପାରେ।

**ଘଣ୍ଟା:** ଘଣ୍ଟା ସାଧାରଣ ଉପହାର ସମସ୍ତଙ୍କୁ ଲାଗିଲେ ବି ବାସ୍ତୁ ଶାସ୍ତ୍ରରେ ଏହା ଉପଯୋଗୀ ଉପହାର ନୁହେଁ। ଏହାକୁ ଉପହାରରେ ଦେବା ଦ୍ୱାରା ଜୀବନରେ ବାଧା ଏବଂ ନକାରାତ୍ମକତା ବୃଦ୍ଧି ପାଏ। ତେଣୁ ବାସ୍ତୁ ଅନୁସାରେ, ଏହି ଉପହାର ଦେବାକୁ ବାରଣ କରାଯାଏ।

**ଜୋତା-ଚପଲ:** ବାସ୍ତୁ ଶାସ୍ତ୍ର ଜୋତା ଚପଲକୁ ଅଶୁଦ୍ଧ ଶ୍ରେଣୀରେ ରଖିଛି। ଏହାକୁ ଉପହାର ଦେବା ଦ୍ୱାରା ମତଭେଦର କାରଣ ସାଜେ। ଅନେକ ମାନ୍ୟତାନୁସାରେ, ଉକ୍ତ ଉପହାର ଚିନ୍ତା ଓ ବିବାଦର ସଙ୍କେତ ଦେଇଥାଏ।

## ଘରେ ଗଙ୍ଗା ଜଳ ରଖିବାର ନିୟମ

ହିନ୍ଦୁଧର୍ମରେ ଗଙ୍ଗା ଜଳକୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ଜନ୍ମରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁଭକାର୍ଯ୍ୟରେ ଗଙ୍ଗା ଜଳର ପ୍ରୟୋଗ ହୋଇଥାଏ। ଧର୍ମ ଗ୍ରନ୍ଥରେ କୁହାଯାଇଛି ଯେ, ଗଙ୍ଗା ଜଳକୁ ସାଇତି ରଖିବା ଦ୍ୱାରା ଆଦୌ ଖରାପ ହୋଇ ନ ଥାଏ।

- ଗଙ୍ଗା ଜଳକୁ ସର୍ବଦା ତମ୍ବା ନଚେତ୍ ପିତ୍ତଳ ପାତ୍ରରେ ରଖିବା ଉଚିତ।
- ଏହାକୁ ଘରର ଉତ୍ତର-ପୂର୍ବ କୋଣରେ ରଖିବାକୁ ଶୁଭ ବୋଲି କୁହାଯାଇଛି।
- ଅନ୍ଧକାର ତଥା ଅପରିଷ୍କାର ସ୍ଥାନରେ ଗଙ୍ଗା ଜଳ ରଖନ୍ତୁ ନାହିଁ।
- ଏହାକୁ କେବେ ବି ଅପବିତ୍ର ହାତରେ ସ୍ପର୍ଶ କରନ୍ତୁ ନାହିଁ।
- ପ୍ଲାଷ୍ଟିକ୍ ପାତ୍ରରେ ଗଙ୍ଗା ଜଳ ରଖିବା ଦ୍ୱାରା ଏହାର ପ୍ରଭାବ ହ୍ରାସ ପାଏ।



# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com








**ଦିନକ ପରେ ବାରବାଟୀ ଲଢ଼େଇ**

# ଭୁବନେଶ୍ୱରରେ ତାରକା କ୍ରିକେଟର୍‌ଙ୍କ ମେଳି

ଭୁବନେଶ୍ୱର, ୭ ।୧୨ (ସମିସ)

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ହୋଇଛି ଦିନିକିଆ ସିରିଜ। ୨-୧ରେ ବିଜୟ ସହ ଟିମ୍ ଇଣ୍ଡିଆ ଏବେ ଟି-୨୦ ସିରିଜ ଖେଳିବାକୁ ଭୁବନେଶ୍ୱରରେ ଆସି ପହଞ୍ଚିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମରୁ ଆରମ୍ଭ ହେବ। ଏଥିଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ପର୍ଯ୍ୟାୟକ୍ରମେ ରବିବାର ଭୁବନେଶ୍ୱରରେ ଆସି ପହଞ୍ଚିଥିଲେ। ଅପରାହ୍ଣ ୩ଟାରେ ବିଶାଖାପାଟଣାରୁ ବିମାନ ଯୋଗେ ଉଭୟ ଦଳର ଅଧିକାଂଶ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଆସି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଓହ୍ଲାଇଥିଲେ। ଏହାପରେ ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ଖେଳାଳିମାନଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ବିମାନବନ୍ଦରରୁ ହୋଟେଲ ମେ ଫେୟାରକୁ ଅଣାଯାଇଥିଲା। ଅପରାହ୍ଣ ୩ଟା ୩୦ରେ ପ୍ରଥମେ ଭାରତୀୟ ଖେଳାଳିଙ୍କ ବସ୍ ଓ ପରେ ଦକ୍ଷିଣ ଆଫ୍ରିକାର ଟିମ୍ ବସ୍ ହୋଟେଲରେ ପ୍ରବେଶ କରିଥିଲା। ଏହାପରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ ତିଳକ ବର୍ମା, କୁଲଦୀପ୍ ଯାଦବ, ୱାଶିଂଟନ ସୁନ୍ଦର, ଅର୍ଶଦୀପ୍ ସିଂହ, ବୋଲିଂ ପ୍ରଶିକ୍ଷକ ମର୍ନେ ମୋର୍କେଲ ପ୍ରମୁଖ ହୋଟେଲ ମଧ୍ୟକୁ ପ୍ରବେଶ କରିଥିଲେ। ପରେ ଦକ୍ଷିଣ ଆଫ୍ରିକା ଖେଳାଳିମାନଙ୍କୁ ହୋଟେଲ ମଧ୍ୟକୁ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ଭ୍ରମଣକାରୀ ଦଳର ଖେଳାଳିଙ୍କ ମଧ୍ୟରେ ଅଧିନାୟକ ଆଇଡେନ ମାର୍କରମଙ୍କ ସହ

**ଆଜି ଅଭ୍ୟାସ**

ତେମ୍ବା ବଭୁମା, ଟୋନି ଡି ଜୋରଜୀ, କୋର୍ବିନ ବୋଶ୍, ମାର୍କୋ ଜାନସେନ, ଲୁନଗି ଏନଗିଡି, ଡେୱାଲ୍ଡ ବ୍ରେଭିସ ପ୍ରମୁଖ ରହିଥିଲେ। ଦୁଇ ଦଳରେ ଏକାଧିକ ଟି-୨୦ ସ୍ପେଶାଲିଷ୍ଟ ଖେଳାଳି ରହିଥିବାରୁ ଏବେ ଭୁବନେଶ୍ୱରରେ ଷ୍ଟାର୍ କ୍ରିକେଟର୍‌ଙ୍କ ମେଳି ହୋଇଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ପ୍ରତ୍ୟେକଥର ଭଳି ଏଥର ମଧ୍ୟ ପାରମ୍ପରିକ ନୃତ୍ୟର ତାଳେ ତାଳେ ଫୁଲ ପକାଇ ଚନ୍ଦନ ଲଗାଇ ଖେଳାଳିଙ୍କୁ ହୋଟେଲରେ ଭବ୍ୟ ସ୍ୱାଗତ କରାଯାଇଥିଲା।

## ଏକାକୀ ଝାଳ ବୁହାଇଲେ ପାଣ୍ଡ୍ୟା

ଭାରତୀୟ ଦଳର ପ୍ରମୁଖ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଖେଳାଳି ଭାବେ ବାରବାଟୀରେ ଅଭ୍ୟାସ କରିଛନ୍ତି। ଦିନିକିଆ ସିରିଜ ଖେଳୁ ନ ଥିବା ପାଣ୍ଡ୍ୟା ଶନିବାରଠୁ ଭୁବନେଶ୍ୱରରେ ଆସି ପହଞ୍ଚିଥିଲେ। ତେଣୁ ସେ ରବିବାର ସନ୍ଧ୍ୟାରେ ହାର୍ଦ୍ଦିକ ଏକାକୀ ବାରବାଟୀରେ ପହଞ୍ଚି ଅଭ୍ୟାସ କରିଛନ୍ତି। ସନ୍ଧ୍ୟା ୫ଟାରେ ବାରବାଟୀରେ ପହଞ୍ଚିବା ପରେ ୫.୪୦ରେ ପଡିଆକୁ ପ୍ରବେଶ କରିଥିଲେ। ୧୫-୨୦ ମିନିଟ୍ ଧରି ନେଟ୍ସରେ ପେସ୍ ବୋଲିଂ କରିବା ପରେ ପ୍ୟାଡ ପିନ୍ଧି ବ୍ୟାଟିଂ କରିବାକୁ ଆସିଥିଲେ। ତେବେ ପାଣ୍ଡ୍ୟା ସ୍ପିନ୍ ବୋଲରମାନଙ୍କୁ ଧରି ଦୀର୍ଘସମୟ ଅଭ୍ୟାସ କରିଥିବା ଦେଖିବାକୁ ମିଳିଛି।



## ଦିନରେ ବୁମରା, ସନ୍ଧ୍ୟାରେ ସାମସନ, ରାତିରେ ସୂର୍ଯ୍ୟକୁମାର

ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ବାରବାଟୀରେ ଖେଳାଯାଉଥିବାରୁ ଏଥର ଖେଳାଳିଙ୍କ ଓଡ଼ିଶା ଆଗମନକୁ ନେଇ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଥିଲା। ପୂର୍ବଥର ଭଳି ଏଥର ଖେଳାଳିମାନେ ଏକାଠି ନ ଆସି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଦିନିକିଆ ସିରିଜ ଖେଳୁ ନ ଥିବା ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ଶୁକ୍ରବାର ରାତିରେ ଆସି ପ୍ରଥମେ ପହଞ୍ଚିଥିଲେ। ଏହାପରେ ଶନିବାର ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଆସିଥିଲେ। ସେହିଭଳି ରବିବାର ଅପରାହ୍ଣରେ ପ୍ରଥମେ ଷ୍ଟାର୍ ବୋଲର ଯଶପ୍ରୀତ ବୁମ୍ରା ଆସିଥିଲେ। ଏହାପରେ ସନ୍ଧ୍ୟାରେ ୱିକେଟ୍‌କିପର ସଞ୍ଜୁ ସାମସନ ଓ ରାତିରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଶୁବମନ ଗିଲ୍, ଅଭିଷେକ ଶର୍ମା, ଅକ୍ଷର ପଟେଲ, ଶିଭମ ଦୁବେଙ୍କ ସହ ଅନ୍ୟ କିଛି ଖେଳାଳି ଭୁବନେଶ୍ୱର ଆସିଥିଲେ। ସୂର୍ଯ୍ୟଙ୍କ ସହ ପତ୍ନୀ ଦେବିଶା ସେଟ୍ଟୀ ସାଥୀରେ ଆସିଛନ୍ତି।








**● ଜୁନିଅର ପୁରୁଷ ହକି ବିଶ୍ୱକପ୍**

## ସେମିରେ ଭାରତ ପରାସ୍ତ

ଚେନ୍ନଇ, ୭ ।୧୨ (ଏଜେନ୍ସି): ତାମିଲନାଡୁରେ ଚାଲିଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ରେ ଆୟୋଜକ ଭାରତର ଅଭିଯାନ ସେମିଫାଇନାଲରେ ଶେଷ ହୋଇଛି। ରବିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସର୍ବାଧିକ ୭ଥରର ଚାମ୍ପିଅନ ଜର୍ମାନୀ ୫-୧ ଗୋଲ୍‌ରେ ଭାରତକୁ ପରାସ୍ତ କରି ଫାଇନାଲ ଟିକଟ୍ ହାସଲ କରିଛି। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ଅନମୋଲ୍ ଏକ୍କା ଏକମାତ୍ର ଗୋଲ୍‌ଟି ଦେଇଥିଲେ। ପରାଜୟ ସହ ଭାରତର ଫାଇନାଲ ଖେଳିବା ଆଶା ଧୂଳିସାତ୍ ହୋଇଯାଇଛି। ଡିସେମ୍ବର ୧୦ ତାରିଖରେ ଫାଇନାଲ ମୁକାବିଲା ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ସହ ସ୍ପେନର ମୁକାବିଲା ହେବ। ରବିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସ୍ପେନ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପହଞ୍ଚିଥିଲା।

## ନୋରିସ ବର୍ଷର ଶ୍ରେଷ୍ଠ ଚାଳକ

ଆବୁଧାବି, ୭ ।୧୨ (ଏଜେନ୍ସି): ମ୍ୟାକଲରେନ୍ସର ଲଣ୍ଡୋ ନୋରିସ ବର୍ଷର ଶ୍ରେଷ୍ଠ ଫର୍ମୁଲା ୱାନ ଡ୍ରାଇଭର ବିବେଚିତ ହୋଇଛନ୍ତି। ରବିବାର ଏଠାରେ ଶେଷ ହୋଇଥିବା ଆବୁଧାବି ଗ୍ରାଁପିରେ ନୋରିସ ୩ୟ ସ୍ଥାନରେ ରହିଥିଲେ। ୨୦୨୫ରେ ୭ଟି ଟାଇଟଲ୍ ଜିତିଥିବା ନୋରିସ ୪୨୩ ପଏଣ୍ଟ ସହ ତାଲିକାର ଶୀର୍ଷରେ ରହିଛନ୍ତି। ଚାରିଥରର ଚାମ୍ପିଅନ ରେଡ୍ ବୁଲ୍ସର ମାକ୍ସ ଭର୍ଷ୍ଟାପେନ ୪୨୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନୋରିସଙ୍କ ବିଜୟ ସହ ମ୍ୟାକଲରେନ୍ସ ୧୭ ବର୍ଷ ପରେ ଶ୍ରେଷ୍ଠ ଚାଳକ ଟାଇଟଲ୍ ଜିତିଛି।

## କିର୍ଷ୍ଟେନ ନାମିବ୍ୟାର ପରାମର୍ଶଦାତା

ନୂଆଦିଲ୍ଲୀ, ୭ ।୧୨ (ଏଜେନ୍ସି): ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଗ୍ୟାରୀ କିର୍ଷ୍ଟେନଙ୍କୁ ବଡ଼ ଦାୟିତ୍ୱ ମିଳିଛି। ଗ୍ୟାରୀ ନାମିବ୍ୟା ଦଳର ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଛନ୍ତି। ଟି-୨୦ ବିଶ୍ୱକପ୍‌ରେ ନାମିବ୍ୟା ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଫେବୃଆରୀ ୧୦ରେ ନେଦରଲାଣ୍ଡସ ବିପକ୍ଷରେ ଖେଳି ଦଳ ଅଭିଯାନ ଆରମ୍ଭ କରିବ। ଉଲ୍ଲେଖଯୋଗ୍ୟ, ୫୮ ବର୍ଷୀୟ ଗ୍ୟାରୀଙ୍କ ପ୍ରଶିକ୍ଷଣରେ ଭାରତ ୨୦୧୧ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ଦକ୍ଷିଣ ଆଫ୍ରିକାର ଏହି ମହାନ କ୍ରିକେଟର୍ ବର୍ତ୍ତମାନ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସର କୋଚିଂ ଷ୍ଟାଫ୍ ଗ୍ରୁପ୍‌ରେ ରହିଛନ୍ତି।



## କିଟ୍‌ରେ ଜାତୀୟ ଭଲିବଲ୍ ପାଇଁ ଚୟନ ଶିବିର



ଭୁବନେଶ୍ୱର,୭ ।୧୨(ସମିସ): ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ଡିସେମ୍ବର ୧୬ରୁ ୨୧ ମଧ୍ୟରେ ଆୟୋଜନ ହେବାକୁ ଯାଉଥିବା ୪୯ତମ ଜାତୀୟ ଜୁନିଅର ନ୍ୟାସନାଲ ଭଲିବଲ୍ ଚାମ୍ପିଅନସିପ୍ ପାଇଁ ଏକ ଚୟନ ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ଭଲିବଲ ଆସୋସିଏସନ (ଓଭିଏ) ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। କନିଷ୍ଠ ରାଜ୍ୟ ବାଳକ ଓ ବାଳିକା ଭଲିବଲ ଦଳ ଚୟନ ପାଇଁ ଏହି ଶିବିର ଆୟୋଜିତ ହୋଇଥିଲା ଓ ଏଥିରୁ ୨୦ ଜଣ ଲେଖାଏ ବାଳକ ଓ ବାଳିକାଙ୍କୁ ଚୟନ କରାଯାଇଛି। ଏମାନେ କିଟ୍‌ରେ ଆୟୋଜନ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ଯୋଗ ଦେବେ ଓ ଏଥିରୁ ଚୂଡାନ୍ତ ୧୨ ଜଣିଆ ବାଳକ ଓ ବାଳିକା ଦଳ ଚୟନ ହେବ। ଏହି ଦୁଇଟି ଦଳ ଜୁନିଅର ଜାତୀୟ ଚାମ୍ପିଅନସିପ୍‌ରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବେ।

## ସିମାଞ୍ଚଳମ୍‌ରେ କୋହଲି

ବିଶାଖାପାଟଣା, ୭ ।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି 'ସିରିଜର ଶ୍ରେଷ୍ଠ ଖେଳାଳି' ପୁରସ୍କାର ଜିତିବା ପରେ ବିରାଟ କୋହଲି ଭଗବାନ ବିଷ୍ଣୁଙ୍କୁ ଆଶୀର୍ବାଦ ନେଇଛନ୍ତି। ବିଶାଖାପାଟଣାରେ ୩ୟ ଦିନିକିଆ ପରେ କୋହଲି ରବିବାର ସ୍ଥାନୀୟ ସିମାଞ୍ଚଳମ ପାହାଡ଼ର ୩୦୦ ମିଟର ଉଚ୍ଚତାରେ ଥିବା ଶ୍ରୀ ବରାହ ଲକ୍ଷ୍ମୀ ନରସୀମା ସ୍ୱାମୀ ମନ୍ଦିର ପରିଦର୍ଶନ କରିଥିଲେ। ଧଳା ଟି-ସାର୍ଟ ପରିଧାନ କରିଥିବା କୋହଲି ହାତରେ ଫୁଲ ମାଳ ଧରି ମନ୍ଦିର ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କ ପ୍ରାର୍ଥନା କରୁଥିବାର ଦେଖିବାକୁ ମିଳିଥିଲା। ଏହି ପର୍ବତକୁ ଭଗବାନ ବିଷ୍ଣୁଙ୍କ ଚତୁର୍ଥ ଅବତାର 'ଭଗବାନ ନରସିଂହ'ଙ୍କ ବାସସ୍ଥାନ ବୋଲି ବିଶ୍ୱାସ କରାଯାଏ।



## ମନ୍ଧାନା-ପଲାଶଙ୍କ ବିବାହ ଭାଙ୍ଗିଲା

ମୁମ୍ବଇ, ୭ ।୧୨ (ଏଜେନ୍ସି): ଦୀର୍ଘ ୧୫ ଦିନ ଧରି ଲାଗି ରହିଥିବା ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ଓ ସଙ୍ଗୀତକାର ପଲାଶ ମୁଚ୍ଛଲଙ୍କ ମଧ୍ୟରେ ହେବାକୁ ଥିବା ବହୁଚର୍ଚ୍ଚିତ ବିବାହ ଆଉ ହେବନାହିଁ ବୋଲି ସ୍ପଷ୍ଟ ହୋଇଛି। ଉଭୟ ମନ୍ଧାନା ଓ ପଲାଶ ରବିବାର ସାମାଜିକ ଗଣମାଧ୍ୟମରେ ଆନୁଷ୍ଠାନିକ ଭାବେ ବିବାହ ଭାଙ୍ଗିଥିବା ନେଇ ଘୋଷଣା କରିଛନ୍ତି। ନଭେମ୍ବର ୨୩ରେ ମହାରାଷ୍ଟ୍ରର ସାଙ୍ଗଲିରେ ମନ୍ଧାନାଙ୍କ ଘରେ ଏହି ବିବାହ ଅନୁଷ୍ଠିତ ହୋଇଥାନ୍ତା। ମେହେନ୍ଦି ଓ ହଳଦୀ ରୀତିନୀତି ମଧ୍ୟ ସମାପ୍ତ ହୋଇଯାଇଥିଲା। କିନ୍ତୁ ବିବାହ ଦିନ ସ୍ମୃତିଙ୍କ ବାପାଙ୍କ ଦେହ ଖରାପ ହୋଇଥିବା ନେଇ ବିବାହକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଏହି ବିବାହ ଏବେ ଭାଙ୍ଗିଥିବା ନେଇ ଉଭୟ ଆନୁଷ୍ଠାନିକ ଘୋଷଣା କରିଛନ୍ତି। ରବିବାର ପ୍ରଥମେ ମନ୍ଧାନା ଇନଷ୍ଟାଗ୍ରାମରେ ପୋଷ୍ଟ କରି ଉଲ୍ଲେଖ କରିଥିଲେ ଯେ 'ଗତ କିଛିଦିନ ଧରି ମୋ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ବିଭିନ୍ନ କଥା ସାମ୍ନାକୁ ଆସିଛି। ମୁଁ ଭାବୁଛି ଏହା ସ୍ପଷ୍ଟ କରିବା ମୋ ପାଇଁ ଉପଯୁକ୍ତ। ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ବିବାହ ବନ୍ଦ ହୋଇଛି। ଉଭୟ ପରିବାରର ଗୋପନୀୟତାକୁ ସମ୍ମାନ ଦେବାକୁ ଲୋକମାନଙ୍କୁ ଅନୁରୋଧ କରୁଛି।' ମନ୍ଧାନାଙ୍କ ଠିକ୍ ପରେ ପରେ ପଲାଶ ମଧ୍ୟ ଇନଷ୍ଟାଗ୍ରାମରେ ଷ୍ଟୋରୀ ଅପଡେଟ୍ କରି ତାଙ୍କ ବିବାହ ଭାଙ୍ଗିଥିବା କଥା ସ୍ୱୀକାର କରିଥିଲେ। ଏଥିସହ ତାଙ୍କ ବିରୁଦ୍ଧରେ ମିଥ୍ୟା ଓ ମାନହାନୀଜନକ ଗୁଜବ ପ୍ରଚାର କରୁଥିବା ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପଲାଶ କହିଛନ୍ତି। ପ୍ରକାଶଯୋଗ୍ୟ, ଯେ ମନ୍ଧାନାଙ୍କୁ ଚିଟିଂ କରିଥିବା ନେଇ ପଲାଶଙ୍କ ନାମରେ ଏକ ମେସେଜ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଥିଲା। ଯେଉଁଥିରେ ପଲାଶ ଅନ୍ୟଜଣେ ଯୁବତୀଙ୍କ ସହ ଚାଟ୍ କରୁଥିବାର ଦେଖିବାକୁ ମିଳିଥିଲା।

**ଆସେସ୍ ସିରିଜ: ଇଂଲଣ୍ଡର କ୍ରମାଗତ ପରାଜୟ**

# ଗାବା ଟେଷ୍ଟରେ ଅଷ୍ଟ୍ରେଲିଆର ବାଜିମାତ୍

ବ୍ରିସବେନ, ୭ ।୧୨ (ଏଜେନ୍ସି)

ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ଖେଳାଯାଇଥିବା ଚଳିତ ଆସେସ୍ ସିରିଜର ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଇଂଲଣ୍ଡକୁ ମାତ୍ ଦେଇଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୬୫ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିବସରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅଧିନାୟକ ଷ୍ଟିଭେନ ସ୍ମିଥ ୨୩ ଓ ଜେକ୍ ୱେଦରଲ୍ଡ ୧୭ ରନ କରି ଅପରାଜିତ ରହିଥିଲେ। ଓପନର୍ ଟ୍ରାଭିସ ହେଡ୍ ୨୨ ଓ ମାର୍ନସ ଲାବୁଶେନ ୩ ରନ କରି ଗସ୍ ଆଟକିନସନଙ୍କ ବଲରେ ଆଉଟ୍ ହୋଇଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟକୁ ୮ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ଏବେ ୨-୦ରେ ସିରିଜ ଅଗ୍ରଣୀ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୩ୟ ଟେଷ୍ଟ ଡିସେମ୍ବର ୧୭ରୁ ଆଡିଲେଡ୍‌ରେ ଆରମ୍ଭ ହେବ।

ପୂର୍ବରୁ ଏହି ଦିବା-ରାତ୍ର ପିଙ୍କ୍ ବଲ୍ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଜୋ ରୁଟ୍ (୧୩୮ ରନ)ଙ୍କ ଶତକ ବଳରେ ୩୩୪ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୫ଟି ଅର୍ଦ୍ଧଶତକ ସହାୟତାରେ ପ୍ରଥମ ପାଳିରେ ୫୧୧ ରନର ବିଶାଳ ସ୍କୋର କରିଥିଲା। ଏହାପରେ ୧୧୭ ରନ ପଛରେ ଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୨୪୧ ରନ କରି ରବିବାର ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ବେନ୍ ଷ୍ଟୋକ୍ସ ୫୦ ରନର ଲଢୁଆ ପାଳି ଖେଳିଥିଲେ। ବୋଲିଂରେ ମାଇକେଲ୍ ନେସର୍ ୫ଟି ୱିକେଟ୍ ନେଇ ଇଂଲଣ୍ଡର ସର୍ବାଧିକ କ୍ଷତି ପହଞ୍ଚାଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS